

ଯା ଦେବୀ ସର୍ବଭୂତେଷୁ...........


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୦ ଜୁନ୍ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 10 JUNE 2020

Vol.No. 30 ■ No. 146 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman


## ସାବିତ୍ରୀ ରଥ ହାଇକୋର୍ଟ ବିଚାରପତି ନିଯୁକ୍ତ

ଭୁବନେଶ୍ୱର,୯।୬ (ନି.ପ୍ର): ସୁଶ୍ରୀ ସାବିତ୍ରୀ ରଥ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି । ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହି ନିଯୁକ୍ତି ଦେଇଛନ୍ତି । ଏ ନେଇ ମଙ୍ଗଳବାର ଦିନ କେନ୍ଦ୍ର ଆଇନ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ଏହା ଫଳରେ ଓଡ଼ିଶା ହାଇକୋର୍ଟର ବିଚାରପତି ସଂଖ୍ୟା ୧୬ରେ ପହଂଚିଛି । ସୁଶ୍ରୀ ସାବିତ୍ରୀ ରଥ



ଓଡ଼ିଶା ହାଇକୋର୍ଟର ତୃତୀୟ ମହିଳା ବିଚାରପତି ଭାବେ କାର୍ଯ୍ୟ କରିବେ । ତାଙ୍କ ପୂର୍ବରୁ ଜଷ୍ଟିସ ଅମିୟ କୁମାରୀ ପାଢୀ ଏବଂ ଜଷ୍ଟିସ ସଞ୍ଜୁ ପଣ୍ଡା ଏହି ସମ୍ମାନଜନକ ପଦବୀରେ ନିଯୁକ୍ତି ପାଇଥିଲେ । ଉଲ୍ଲେଖଯୋଗ୍ୟ ଗତ ଜାନୁୟାରୀ ୨୨ ତାରିଖରେ ସୁପ୍ରିମକୋର୍ଟ କଲିଜିୟମ୍ କେନ୍ଦ୍ର ସରକାରଙ୍କୁ ସୁଶ୍ରୀ ସାବିତ୍ରୀ ରଥଙ୍କ ନାମ ହାଇକୋର୍ଟ ବିଚାରପତି ପଦରେ ନିଯୁକ୍ତି ଲାଗି ସୁପାରିଶ କରିଥିଲା । ସାବିତ୍ରୀ ରଥ ହେଉଛନ୍ତି ପୂର୍ବତନ ପୁଲିସ ଡିଜି ପ୍ରଫୁଲ୍ଲ ରଥଙ୍କ ଝିଅ ।

## ପ୍ରସିଦ୍ଧ ନ୍ୟୁରୋ ସର୍ଜନ ପ୍ରଫେସର ସନାତନ ରଥ ଆଉ ନାହାନ୍ତି



ଭୁବନେଶ୍ୱର,୯।୬ (ନି.ପ୍ର): ପ୍ରସିଦ୍ଧ ନ୍ୟୁରୋ ସର୍ଜନ ପ୍ରଫେସର ସନାତନ ରଥ କଟକର ତୁଳସୀପୁର ଅଂଚଳର କନିକା ରୋଡ ସ୍ଥିତ ବାସଭବନରେ ତାଙ୍କର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା । ସେ କଟକ ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ସେ ଦୀର୍ଘ ଦିନ ଧରି ପ୍ରଫେସର ଓ ନ୍ୟୁରୋ ସର୍ଜରୀ ବିଭାଗର ମୁଖ୍ୟ ଭାବେ କାମ କରିଥିଲେ ।

## ଏମସ୍‌ର ୪ ଡାକ୍ତର କରୋନା ପଜିଟିଭ୍

ଭୁବନେଶ୍ୱର,୯।୬ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାନ (ଏମ୍ ସ)ରେ କାର୍ଯ୍ୟରତ ୪ ଜଣ ଡାକ୍ତର କରୋନାରେ ଆକ୍ରାନ୍ତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩ ଜଣ ସିନିଅର ଓ ଜଣେ ଜୁନିଅର ରେସିଡେଂଟ ଡାକ୍ତର ଅଛନ୍ତି । ଏମ୍‌ସ ର ଲୋକସଂପର୍କ ଅଧିକାରୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ଡର୍ମାଟୋଲିଜି ବିଭାଗର ▶▶ପୃଷ୍ଠା ୭

# ମୋଟରଯାନ ଦସ୍ତାବିଜର ବୈଧତା ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ବୃଦ୍ଧି

ନୂଆଦିଲ୍ଲୀ,୯।୬ (ନି.ପ୍ର): ମୋଟର ଯାନ ଦସ୍ତାବିଜ (ଡକ୍ୟୁମେଂଟ)ର ବୈଧତାକୁ ୩୦ ସେପ୍ଟେମ୍ବର ୨୦୨୦ ପର୍ଯ୍ୟନ୍ତ ପୁଣିଥରେ ବୃଦ୍ଧି କରାଯାଇଥିବା ସୂଚନା ଦେଇଛନ୍ତି କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ଓ ଏମଏସଏମଇ ମନ୍ତ୍ରୀ ଶ୍ରୀ ନିତିନ ଗଡ଼କରୀ । ଏ ସଂକ୍ରାନ୍ତରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ ମାର୍ଗଦର୍ଶିକା ଜାରି କରାଯାଇଛି ।ଏଥିପୂର୍ବରୁ ୩୧ ମେ ୨୦୨୦ ପର୍ଯ୍ୟନ୍ତ ସମସ୍ତ ଗାଡ଼ି କାଗଜପତ୍ର ଯେପରିକି ଫିଟନେସ, ପରମିଟ (ସମସ୍ତ ପ୍ରକାର), ଡ୍ରାଇଭିଂ ଲାଇସେନ୍ସ, ରେଜିଷ୍ଟ୍ରେସନ ଆଦିର ବୈଧତାକୁ ପ୍ରବର୍ତନ ଉଦ୍ଦେଶ୍ୟ ଲାଗି ସମ୍ପ୍ରସାରିତ କରାଯାଇଥିଲା । ଏସବୁ କାଗଜପତ୍ରର ବୈଧତା ଅବଧି ୩୦ ଜୁନ, ୨୦୨୦ ପର୍ଯ୍ୟନ୍ତ ସମ୍ପ୍ରସାରିତ



ହେବା ନେଇ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ପ୍ରବର୍ତନ କର୍ତୃପକ୍ଷଙ୍କୁ ସୂଚୀତ କରାଯାଇଥଲା । ଫେବୃଆରୀ ପହିଲା, ୨୦୨୦ ପରଠାରୁ କିମ୍ବା ୩୧ ମେ ୨୦୨୦ ପର୍ଯ୍ୟନ୍ତ ବୈଧତା ସମାପ୍ତି ହେଉଥିବା ସମସ୍ତ ଗାଡ଼ି ଦସ୍ତାବିଜର ନବୀକରଣ ଲକଡାଉନ କାରଣରୁ ହୋଇପାରିନଥିଲେ ସେଗୁଡ଼ିକୁ ଅବଧି ବୃଦ୍ଧି ସୁବିଧା ପ୍ରଦାନ କରାଯାଇଥିଲା । ତେବେ କୋଭିଡ-୧୯ ସଂକ୍ରମଣକୁ ପ୍ରତିହତ କରିବା ଲାଗି ବର୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବଂ ଏ ସଂକ୍ରାନ୍ତରେ ହସ୍ତଗତ ଅନୁରୋଧକୁ ବିଚାର କରି ସମସ୍ତ ଗାଡ଼ି କାଗଜପତ୍ରର ବୈଧତା ଅବଧିକୁ ପୁଣିଥରେ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ବଢ଼ାଇବା ଲାଗି ମନ୍ତ୍ରୀ ଶ୍ରୀ ଗଡ଼କରୀ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ପ୍ରବର୍ତନ ଉଦ୍ଦେଶ୍ୟ ଲାଗି ଏସବୁ କାଗଜପତ୍ରର ବୈଧତା ଅବଧି ଅଛି ବୋଲି ବିବେଚନା କରାଯିବ । ଏହାଛଡ଼ା କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ, ୧୯୮୯ର ନିୟମ ୩୨ କିମ୍ବା ନିୟମ ୮୧ ଅନୁଯାୟୀ ୩୧ ଜୁଲାଇ ୨୦୨୦ ପର୍ଯ୍ୟନ୍ତ ଶୁଳ୍କ ବୈଧତା ଏବଂ ଅତିରିକ୍ତ ଶୁଳ୍କ ଲାଗୁ କରିବା କ୍ଷେତ୍ରରେ ରିହାତି ଦେବା ଲାଗି ମନ୍ତ୍ରଣାଳୟ ପକ୍ଷରୁ ୨୧ ମେ, ୨୦୨୦ରେ ଏକ ଗେଜେଟ ବିଜ୍ଞପ୍ତି ଜାରି କରାଯାଇଛି । କୋଭିଡ-୧୯ ନିରାକରଣ ସ୍ଥିତିକୁ ଦୃଷ୍ଟିରେ ରଖି ନାଗରିକମାନଙ୍କୁ ସୁବିଧା ଦେବା ସକାଶେ ଏହି ନିଷ୍ପତି ନିଆଯାଇଛି । କୋଭିଡ-୧୯ କାରଣରୁ ସୃଷ୍ଟି ହୋଇଥିବା ଅସାଧାରଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ମୋଟର ଯାନ ଆଇନ ୧୯୮୮ କିମ୍ବା ସେପରି କିଛି ବିଧିବ୍ୟବସ୍ଥା ଅନ୍ତର୍ଗତ ପରମିଟ, ଶୁଳ୍କ, ନବୀକରଣ ଟିକସ, ପରମିଟ ପାଇଁ ଜୋରିମାନା ଆଦି କ୍ଷେତ୍ରରେ ରିହାତି ଯୋଗାଇ ଦେବା ନିମନ୍ତେ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ କର୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି ।

## ସନାତନ ରଥଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଶୋକ



ଭୁବନେଶ୍ୱର,୯।୬ (ନି.ପ୍ର): ସନାତନ ରଥଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ବିଶିଷ୍ଟ ନ୍ୟୁରୋ ସର୍ଜନ ପ୍ରଫେସର ସନାତନ ରଥଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଶ୍ରୀଯୁକ୍ତ ରଥ ରାଜ୍ୟରେ ନ୍ୟୁରୋ ସର୍ଜରୀ କ୍ଷେତ୍ରରେ ରୋଗୀକୁ ସେବା ଓ ଆରୋଗ୍ୟ କରିବାରେ ବଡ଼ ଭୂମିକା ନେଇଥିଲେ । ସାଧାରଣ ଓ ଗରିବ ରୋଗୀଙ୍କ ପାଇଁ ତାଙ୍କର ବିଶେଷ ସମ୍ବେଦନା ଥିଲା ସେ କହିଛନ୍ତି ଯେ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗକୁ ମୋର ସମବେଦନା ଜଣାଉଛି । ଏହି ଦୁଃଖଦ ଘଡ଼ିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପରିବାର ବର୍ଗକୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ।

# ରାଜ୍ୟରେ ଆଉ ୧୪୬ କରୋନା ଆକ୍ରାନ୍ତ ଚିହ୍ନଟ




ଭୁବନେଶ୍ୱର,୯।୬ (ନି.ପ୍ର): ରାଜ୍ୟରେ ଆଉ ୧୪୬ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୩୧୪୦ କୁ ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୪୬ ଜଣଙ୍କ ମଧ୍ୟରୁ ୧୨୭ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୯ ଜଣ ସ୍ଥାନୀୟ ଲୋକ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ

## ବାଲେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୯୭

### ପ୍ରତ୍ୟେକଙ୍କ ସ୍ୱାବ ସଂଗ୍ରହ ପାଇଁ ଗଠିତ ୱାର୍ଡ଼ସ୍ତରୀୟ କମିଟି

ବାଲେଶ୍ୱର,୯।୬ (ନି.ପ୍ର): ସରକାରଙ୍କ ପକ୍ଷରୁ ସମ୍ପ୍ରତି ଲାଗୁ ଅନଲକ୍-୧ସ୍ଥିତିରେ ଓଡ଼ିଶାରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ରାଜ୍ୟବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଅଦ୍ୟାବଧି ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୩୧୪୦ରେ ପହଞ୍ଚିଥିବା ବେଳେ ୨୧୩୩ ଜଣ ସୁସ୍ଥ ହୋଇଛନ୍ତି । ଏବେ ଏକ୍ଟିଭ୍ ୯୯୬ଜଣଙ୍କୁ କୋଭିଡ୍ ହସପିଟାଲରେ ଚିକିତ୍ସା କରାଯାଉଛି । ଅନୁରୂପ ଭାବେ ଆଜି ୭ ଜଣ ପଜିଟିଭ୍ ଚିହ୍ନଟ ପରେ ବାଲେଶ୍ୱର ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୧୯୭ରେ ପହଞ୍ଚିଥିବା ବେଳେ ଅଦ୍ୟାବଧି ୧୫୨ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ।ଏକ୍ଟିଭ୍ ୪୪ ଜଣଙ୍କୁ ଏବେ କୋଭିଡ୍ ହସପଟାଲରେ ଚିକିତ୍ସା କରାଯାଉଛି । ଅନ୍ୟପକ୍ଷରେ କରୋନା ସ୍ଥିତିରେ ବାହାର ରାଜ୍ୟରୁ ପ୍ରବାସୀ ଓଡ଼ିଆଙ୍କ ଆଗମନ ବି ଜାରି ରହିଛି । ଅଦ୍ୟାବଧି ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ତାମିଲନାଡୁ, ଗୁଜରାଟ, ମହାରାଷ୍ଟ୍ର ପ୍ରଭୃତି ରାଜ୍ୟରୁ ବାଲେଶ୍ୱରକୁ ଆସିଥିବା ୫୨ ଗୋଟି ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍‌ରେ ମୋଟ ୩୮ ହଜାର ଶ୍ରମିକ ଆସିଛନ୍ତି । ସେହିଭଳି ପାଦରେ ଚାଲି ଚାଲି, ଟ୍ରକ୍ ଓ ବସରେ ମଧ୍ୟ ହଜାର ▶▶ପୃଷ୍ଠା ୭

# ୩ ଦିନରେ ଓଡିଶା ଛୁଇଁବ ମୌସୁମୀ

## ଆଜିଠାରୁ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୯।୬ (ନି.ପ୍ର): ଆଗାମୀ ୩ ଦିନ ମଧ୍ୟରେ ମୌସୁମୀ ଓଡିଶା ଛୁଇଁବ । ୧୧ କିମ୍ବା ୧୨ ତାରିଖ ବେଳକୁ ମୌସୁମୀ ଓଡିଶାରେ ପହଂଚିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଅନ୍ୟପକ୍ଷରେ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ବଳୟ ଆସନ୍ତା ୪୮ଘଂଟା ମଧ୍ୟରେ ଘନୀଭୂତ ହେବା ସହ ପଶ୍ଚିମ-ଉତର-ପଶ୍ଚିମ ଦିଗରେ ଗତି କରିବ । ଏହା ପ୍ରଭାବରେ ଆସନ୍ତାକାଲି (ବୁଧବାର) ଠାରୁ ଓଡ଼ିଶାର ଗଂଜାମ , ଗଜପତି , ପୁରୀ , କନ୍ଧମାଳ , କଳାହାଣ୍ଡି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି କୋରାପୁଟ ,ମାଲକାନଗିରି ଓ ରାୟଗଡା ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ସୂତ୍ରରୁ ପ୍ରକାଶ ।

## କେଜ୍ରିୱାଲଙ୍କ କରୋନା ରିପୋର୍ଟ ନେଗେଟିଭ୍

ନୂଆଦିଲ୍ଲୀ,୯।୬ (ନି.ପ୍ର): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ କରୋନା ଟେଷ୍ଟ ରିପୋର୍ଟ ନେଗେଟିଭ ଆସିଛି । ରବିବାରଠାରୁ ଜ୍ୱର ସହିତ ତାଙ୍କର ଗଳାରେ ଯନ୍ତ୍ରଣା ହେଉଥିବାରୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ନିଜର କୋଭିଡ-୧୯ ପରୀକ୍ଷା କରାଇଥିଲେ । ଆଜି ରିପୋର୍ଟ

# ମାସ୍କ ଓ ପିପିଇ କିଣା ମହାର୍ଦୁନୀତି : ୧୧ରେ ରାଜ୍ୟବ୍ୟାପୀ ପ୍ରତିବାଦ ଜଣାଇବ କଂଗ୍ରେସ

ଭୁବନେଶ୍ୱର,୯।୬ (ନି.ପ୍ର): କରୋନା ମହାମାରୀ ସମୟରେ ମାସ୍କ ଓ ପିପିଇ କିଣା ମହାର୍ଦୁନୀତିର ଅଭିଯୋଗ ନେଇ ରାଜ୍ୟ କଂଗ୍ରେସ ରାଜ୍ୟବ୍ୟାପୀ ପ୍ରତିବାଦ ଜଣାଇବ । ଆସନ୍ତା ୧୧ ତାରିଖରେ ପ୍ରତ୍ୟେକ ଜିଲ୍ଲାରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଦାବୀପତ୍ର ଦିଆଯିବ । ଏହା ସହ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳି ଉକ୍ତ ଦିନ ରାଜ୍ୟପାଳଙ୍କୁ ଭେଟି ତାଙ୍କର ଦୃଷ୍ଟି ଆକର୍ଷଣ କରିବା ସହ ଏହାର ବିଧିବଦ୍ଧ ତଦନ୍ତ ଦାବି କରିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପିସିସି ସଭାପତି ନିରଂଜନ ପଟ୍ଟନାୟକ । ସ୍ଥାନୀୟ କଂଗ୍ରେସ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ମାସ୍କ କିଣାରେ ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତିର ପ୍ରମାଣ ଗୋଟିଏ ପରେ ଗୋଟିଏ ପଦାକୁ ଆସୁଛି । ୩ ଲେୟର ମାସ୍କଟ୍ୱଭ ଅନ୍ୟ ରାଜ୍ୟମାନେ ଯଥା ଦିଲ୍ଲୀ, ପଣ୍ଡିଚେରୀ, ଆଣ୍ଡାମାନ ନିକୋବର, ଗୁଜୁରାଟ, ତେଲେଙ୍ଗାନା ଇତ୍ୟାଦି ଯେତେବେଳେ ଯଥାକ୍ରମେ



୮.୪୭ଟଙ୍କା, ୭.୮୮, ୭.୫୦, ୨.୪୦ ଓ ୧.୩୪ଟଙ୍କାରେ କିଣିଛନ୍ତି ସେତେବେଳେ ଆମ ରାଜ୍ୟର ଔଷଧ ନିଗମ ୧୬ ଟଙ୍କାରେ କିଣିଛନ୍ତି । କେନ୍ଦ୍ର ସରକାର ନିର୍ଦ୍ଦେଶନାମାରେ ୧୦ ଟଙ୍କା ଏବଂ ୧୬ ଟଙ୍କା ମାସ୍କ ପ୍ରତି ଦର ଧାର୍ଯ୍ୟ କରିଥିଲେ । କିନ୍ତୁ ଓଡିଶା ସରକାର ତାମିଲନାଡୁର ଏକ କମ୍ପାନୀ ଠାରୁ ୩୦ ଲକ୍ଷ ମାସ୍କ ୧୬ ଟଙ୍କାରେ କିଣିଛନ୍ତି । ଟେଷ୍ଟିଙ୍ଗ କିଟ୍ କିଣିବା କ୍ଷେତ୍ରରେ ମଧ୍ୟରେ ଅନେକ ଅନିୟମିତତା ଦେଖିବାକୁ ମିଳେ । ▶▶ପୃଷ୍ଠା ୭

## କେବଳ ଶନିବାର ଓ ରବିବାର ହିଁ ରହିବ ଶଟ ଡାଉନ, ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ: ଏସଆରସି

ଭୁବନେଶ୍ୱର,୯।୬ (ନି.ପ୍ର): ରାଜ୍ୟରେ କେବଳ ଶନିବାର ଓ ରବିବାର ହିଁ ଶଟ ଡାଉନ ରହିବ । ତେଣୁ କୌଣସି ପ୍ରକାର ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ ବୋଲି କହିଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା । ଶ୍ରୀ ଜେନା ଟ୍ୱିଟ କରି କହିଛନ୍ତି ଯେ ଶଟ ଡାଉନକୁ ବଢା ଯିବା ସମ୍ପର୍କିତ ଗୁଜବର କୌଣସି ଆଧାର ନାହିଁ । ତେଣୁ ଲୋକ ମାନେ



ଅଯଥାରେ କିଣାକିଣି କରନ୍ତୁ ନାହିଁ ବୋଲି ସେ ପରାମର୍ଶ ଦେଇଛନ୍ତି ।

# ଶାହାଙ୍କ ଭର୍ଚୁଆଲ ରାଲିକୁ ଓଡିଶାରେ ମିଳିଛି ଅଭୂତପୂର୍ବ ଜନସମର୍ଥନ

## ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଲେ ରାଜ୍ୟ ବିଜେପି ସଭାପତି

ଭୁବନେଶ୍ୱର,୯।୬ (ନି.ପ୍ର): ଗୃହମନ୍ତ୍ରୀ ଅମିତ ଶାହାଙ୍କ ଭର୍ଚୁଆଲ ରାଲିକୁ ଓଡିଶାରେ ଅଭୂତପୂର୍ବ ଜନସମର୍ଥନ ମିଳିଛି । ଏଭଳି ଏକ ଭର୍ଚୁଆଲ ରାଲିରେ ନିଜକୁ ସାମିଲ କରିଥିବାରୁ ସମଗ୍ର ରାଜ୍ୟବାସୀଙ୍କୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ ମୋଦି ସରକାରଙ୍କର ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂରଣ ଉପଲକ୍ଷେ ଟେକ୍ନୋଲୋଜି ପ୍ଲାଟଫର୍ମର ବ୍ୟବହାର କରି ଦଳ ତରଫରୁ ଜନସମ୍ବାଦ କରାଯାଇଥିଲା । ଗୃହ ମନ୍ତ୍ରୀ ଶ୍ରୀ ଅମିତ ଶାହା ମୋଦି ସରକାରଙ୍କ ବିକାଶର ଗାଥା କହିବା ସହ ଓଡିଶା ପାଇଁ ମୋଦି ସରକାରଙ୍କ ପ୍ରତିବଦ୍ଧତା ସଂପର୍କରେ ରାଜ୍ୟବାସୀଙ୍କୁ ଅବଗତ କରାଇଥିଲେ । ଟେକ୍ନୋଲୋଜିର ବିଭିନ୍ନ ପ୍ଲାଟଫର୍ମରେ ଲକ୍ଷାଧିକ ଓଡିଆ ଭାଇ ଭଉଣୀମାନେ ଯୋଡି ହୋଇ ଏହି ଜନସମ୍ବାଦ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ । ବିଜେପିର ସୋସିଆଲ ମିଡିଆ (ଫେସବୁକ, ଟ୍ୱିଟର, ୟୁଟ୍ୟୁବ), ଆଂଚଳିକ ବୈଦ୍ୟୁତିକ ଗଣମାଧ୍ୟମର ସୋସିଆଲ ମିଡିଆ ପ୍ଲାଟଫର୍ମ, ଡିଜିଟାଲ ମିଡିଆ ସମେତ ଦଳର ବରିଷ୍ଠ ନେତାମାନଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମରେ ରାଲି ଦିନ ରାତି ୯ ଟା ସୁଦ୍ଧା ୨୯ ଲକ୍ଷ ୫୮ ହଜାର ୬୩୫ରୁ ଉର୍ଦ୍ଧ୍ୱ ଲୋକ ଯୋଡି ହୋଇ ଜନସମ୍ବାଦ ରାଲିକୁ ଦେଖିଥିଲେ । ପରେ ସାଧାରଣ ଜନତା ଏବଂ ବିଜେପି କାର୍ଯ୍ୟକର୍ତାଙ୍କ ସୋସିଆଲ ମିଡିଆରେ ସେୟାର ହୋ ▶▶ପୃଷ୍ଠା ୭

## ୧୫ ଜିଲ୍ଲାର ୧୪୦ କରୋନା ଆକ୍ରାନ୍ତ ସୁସ୍ଥ

ଭୁବନେଶ୍ୱର,୯।୬ (ନି.ପ୍ର): ରାଜ୍ୟରେ ମଙ୍ଗଳବାର ଦିନ ୧୪୦ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ୧୫ ଟି ଜିଲ୍ଲାର ଏହି ୧୪୦ ଜଣ ନୂତନ ସୁସ୍ଥ ବ୍ୟକ୍ତିଙ୍କୁ ମିଶାଇ ରାଜ୍ୟରେ ବର୍ତମାନ ୨୧୩୩ଜଣ ବ୍ୟକ୍ତି କରୋନା ମୁକ୍ତ ହୋଇଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି । ମଙ୍ଗଳବାର ସୁସ୍ଥ ହୋଇଥିବା ୧୪୦ ଜଣଙ୍କ ମଧ୍ୟରେ କଟକରୁ ୨୪ଜଣ, ଗଞ୍ଜାମରୁ ୨୨ଜଣ, ନୂଆପଡାରୁ ୨୧ଜଣ, ଯାଜପୁରରୁ ୧୧ଜଣ, ଖୋର୍ଦ୍ଧାରୁ ୧୧ଜଣ, ଜଗତସିଂହପୁରରୁ ୧୧ଜଣ, ସୁନ୍ଦରଗଡରୁ ୮ଜଣ, ବଲାଙ୍ଗୀର ଓ ଭଦ୍ରକରୁ ୭ଜଣ ଲେଖାଏଁ ସୁସ୍ଥ ହୋଇଛନ୍ତି । ▶▶ପୃଷ୍ଠା ୭

# ଡ୍ରେନ୍ ନିର୍ମାଣରେ ଜବରଦଖଲ ଉଚ୍ଛେଦକୁ ନେଇ ଉତ୍ତେଜନା



ବାଲେଶ୍ୱର,୯ /୬(ନି.ପ୍ର): ବାରମ୍ବାର ଦାବି ପରେ ଯଦିଚ଼ ପୂର୍ତ୍ତ ବିଭାଗ ପକ୍ଷରୁ ବାଲେଶ୍ୱର ସହରର ପ୍ରୁଫ୍ ରୋଡ଼ର ଡ୍ରେନ୍ ନିର୍ମାଣ ଜାରି ରହିଥିଲେ ବି ବିଳମ୍ବିତ ପ୍ରକ୍ରିୟା ଓ ରାସ୍ତା ପାର୍ଶ୍ୱ ଗୃହକର୍ତ୍ତାଙ୍କ ଅସହଯୋଗ ଯୋଗୁଁ କାର୍ଯ୍ୟରେ ମନ୍ଥରତା ପରିଲକ୍ଷିତ ହୋଇଛି । ରାସ୍ତା ପାର୍ଶ୍ୱ ସରକାରୀ ଜାଗା ଅବରୋଧ ଉଚ୍ଛେଦ ପାଇଁ ପୌରପାଳିକା ପକ୍ଷରୁ ଜାନୁୟାରୀ ମାସରେ ମାପଜୁପ୍ ସହ ଚିହ୍ନ ଦିଆଯାଇଥିଲା । ମାତ୍ର ଉଚ୍ଛେଦ କରା ନଯିବା ଫଳରେ କେତେକ ରାସ୍ତା ପାର୍ଶ୍ୱ ଜବର ଦଖଲକାରୀ ଅମିନ୍‌ଙ୍କ ଦ୍ୱାରା ଦିଆଯାଇଥିବା ନାଲି ରଙ୍ଗର ଚିହ୍ନକୁ ଲିଭାଇ ନିଜକୁ ସୁହାଇଲା ଭଳି ସ୍ଥାନରେ ସମାନ ଆକୃତିର ଚିହ୍ନ ଲଗାଇ ଦେଇଥିଲେ । ଏବେ ଡ୍ରେନ୍ କାର୍ଯ୍ୟ ଆରମ୍ଭ ସାଙ୍ଗକୁ ଜେସିବିରେ ଜବରଦଖଲ ଭଙ୍ଗାଯିବା ବେଳେ ସିଧା ହେବା ବଦଳରେ ଡ୍ରେନ୍ ଅଙ୍କାବଙ୍କା ହେଉଛି । ଏହାକୁ ନେଇ ଲୋକେ ପାଟିତୁଣ୍ଡ କରିବା ସହିତ ପୁନଃ ମାପ ପାଇଁ ବି ଦାବି କରୁଛନ୍ତି । ଉଚ୍ଛେଦ ବେଳେ ଦେଖାଯାଉଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ପୌରପାଳିକା ପକ୍ଷରୁ ଅମିନଙ୍କ ଦ୍ୱାରା ପୁନଃ ମାପ କରିବା ପରେ ଲୋକଙ୍କ ଗର୍ଫିଲତ ଜଣପଡୁଛି । ତେବେ ଆଜି ଆଜିମାବାଦରେ ଉଚ୍ଛେଦ ବେଳେ ସୃଷ୍ଟି ହୋଇଥିବା ଉତ୍ତେଜନା ପୁନଃ ମାପ ପରେ ଶାନ୍ତ ପଡ଼ିଥିଲା । ତହସିଲ ଓ ପୌରପାଳିକା ଅମିନଙ୍କ ସମେତ ପୁଲିସ ଉପସ୍ଥିତିରେ ମାପ କରାଯାଇଥିଲା ।

# ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ



ବାରିପଦା,୯ /୬(ନି.ପ୍ର): ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଷଷ୍ଠ ସେମିଷ୍ଟର ଛାତ୍ରଛାତ୍ରୀଙ୍କ ଅସଦାଚରଣ କରିଥିବାର ଅଭିଯୋଗ ହୋଇଛି । ଏନେଇ ଷଷ୍ଠ ସେମିଷ୍ଟର ଛାତ୍ରଛାତ୍ରୀ ମାନେ ଉତର ଓଡିଶା ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକକୁ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।ସୂଚନା ଅନୁଯାୟୀ ବର୍ତ୍ତମାନ ସମୟରେ ଲକ ଡାଉନ ଯୋଗୁଁ ବିଭିନ୍ନ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି । ଦୀର୍ଘ ୩ ମାସରୁ ଉର୍ଦ୍ଧ ସମୟ ଧରି କୌଣସି ଶିକ୍ଷାନୁଷ୍ଠାନରେ ପାଠ ପଢ଼ା ହୋଇନାହିଁ । ଏନେଇ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ୟୁ.ଜି. ଷଷ୍ଠ ସେମିଷ୍ଟର ପରୀକ୍ଷା ଆଗାମୀ ଜୁଲାଇ ୬ ତାରିଖରେ ହେବାକୁ ଅଛି ।ଏହାକୁ ବାତିଲ କରିବା ପାଇଁ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପରୀକ୍ଷା ନିୟନ୍ତ୍ରକଙ୍କ ଅବଗତି ପାଇଁ ଦରଖାସ୍ତ ଦେବାପାଇଁ ବିଶ୍ୱବିଦ୍ୟାଳୟ ଆସିଥିଲେ । ସେଠାରେ ପରୀକ୍ଷା ନିୟନ୍ତ୍ରକଙ୍କ ଛାତ୍ରଛାତ୍ରୀଙ୍କ ପ୍ରତି ଅସଦାଚରଣ କରିଥିବାର ଛାତ୍ରଛାତ୍ରୀ ମାନେ ଅଭିଯୋଗ କରିଛନ୍ତି । କରୋନା ସମୟରେ ଦେଶର ବିଭିନ୍ନ ଅଂଚଳରୁ ପରୀକ୍ଷା ଦେବା ପାଇଁ ଜିଲ୍ଲାକୁ ଆସିବାକୁ ଥିବା ଛାତ୍ରଛାତ୍ରୀମାନେ କିଭଳି ରହିବେ ଏବଂ ପରୀକ୍ଷା ପାଇଁ ନିର୍ଦ୍ଦିଷ୍ଟ ନିୟମାବଳୀ ନଥିବା ବେଳେ ଛାତ୍ରଛାତ୍ରୀ ମାନେ ରହୁଥିବା ଘରର ମାଲିକମାନେ ସିଧା ସଳଖ ଭାବରେ ମନା କରିଦେଉଛନ୍ତି । ଏନେଇ ବିଭିନ୍ନ ମହାବିଦ୍ୟାଳୟର ତୃତୀୟ ବର୍ଷର ଷଷ୍ଠ ସେମିଷ୍ଟରର ଛାତ୍ରଛାତ୍ରୀ ମାନେ ନିଜର ଅଭିଯୋଗ ଦେବାକୁ ବିଶ୍ୱବିଦ୍ୟାଳୟ ଆସିଥିଲେ । କିନ୍ତୁ ସେଠାରେ ପରୀକ୍ଷା ନିୟନ୍ତ୍ରକ ସେମାନଙ୍କୁ ଅସଦାଚରଣ ହୋଇଥିବା ଅଭିଯୋଗରେ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ବନ୍ଦ କରିଥିଲେ ।ଏହା ପରେ ଘଟଣା ସ୍ଥଳରେ ପୋଲିସ ପହଂଚି ଛାତ୍ର ଛାତ୍ରୀଙ୍କୁ ବୁଝାସୁଝା କରିଥିଲା । ସେପଟେ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ମଧ୍ୟ ସେଠାରେ ପହଂଚି ଭୁଲ ସ୍ୱୀକାର କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ବୁଝାସୁଝା କରିଥିଲେ ।ଏଥି ସହିତ ବିଶ୍ୱବିଦ୍ୟାଳୟର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବା ପରେ ଛାତ୍ରଛାତ୍ରୀଙ୍କ ଦାବି ପ୍ରତି ଦୃଷ୍ଟି ଦିଆଯାଇ ଉଚିତ ସମାଧାନର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପରୀକ୍ଷା ନିୟନ୍ତ୍ରକ କହିଥିଲେ ।ବୁଝାସୁଝା କରିବା ପରେ ଦୀର୍ଘ ୪ଘଂଟା ପରେ ଛାତ୍ରଛାତ୍ରୀ ମାନେ ଆନ୍ଦୋଳନରୁ ଓହରି ଥିଲେ । ସାନନ୍ଦ କୁମାର ଦାସ, ପବିତ୍ର କୁମାର ଗିରି, ବର୍ଷା ରାଣୀ ପାତ୍ର, ସୁନନ୍ଦା ମୋଦି,କାଜଲ ମାରାଣ୍ଡି, କମଳା କାନ୍ତ ପରିଡା, ସୁବ୍ରତ ମୁର୍ମୁ, ଅର୍ଜିତ ମିଶ୍ର, ଅଭିଷେକ ପାତ୍ର, ସୌରଭ ଗିରି, ତାପସ ରନ ରଣା ପ୍ରମୁଖ ଆନ୍ଦୋଳନରେ ବସିଥିଲେ ।

# ସ୍ୱସ୍ତିସେବକ କ୍ଷୁଦ୍ର ବ୍ୟବସାୟୀ ସଂଘ ତରଫରୁ କରୋନା ଯୋଦ୍ଧାଙ୍କୁ ସମ୍ମାନିତ

## ପ୍ରତାପ ସାହୁ ଗୋପବନ୍ଧୁ ସମ୍ମାନରେ ସମ୍ମାନିତ

ଭୁବନେଶ୍ୱର,୯ /୬(ନି.ପ୍ର): ସାରା ବିଶ୍ୱ କରୋନା ମହାମାରୀକୁ ପ୍ରତିହତ କରିବା ପାଇଁ ଲାଗି ପଡ଼ିଥିବା ବେଳେ, ଭାରତ, ଓଡ଼ିଶାରେ ମଧ୍ୟ ବହୁ ବ୍ୟକ୍ତି, ବହୁ ସଂଗଠନ, ବହୁ ରାଜନୈତିକ ଦଳ କରୋନାକୁ ହଟାଇବା ପାଇଁ ଲାଗି ପଡ଼ିଛନ୍ତି । ଭୁବନେଶ୍ୱରସ୍ଥ ସ୍ୱସ୍ତିସେବକ କ୍ଷୁଦ୍ର ବ୍ୟବସାୟୀ ସଂଘ, ବାଣୀବିହାର ତରଫରୁ ଆଜି ନିଜ ଅଂଚଳ ସଫାସୁତୁରା ରଖିବା ସହ ରାସ୍ତାରେ ଯାଉଥିବା ପଥଚାରୀ, ଉଠାଦୋକାନୀ, ବସ୍ତିବାସିନ୍ଦା ଓ ପ୍ରାତଃଭ୍ରମଣ ଲାଗି ଆସୁଥିବା ବ୍ୟକ୍ତିବିଶେଷମାନଙ୍କୁ କରୋନା ମହାମାରୀ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ । ଶହୀଦନଗର ଭାରପ୍ରାପ୍ତ ଆରକ୍ଷୀ ଅଧିକାରୀ ବିରଂଚି ନାରାୟଣ ପତିଙ୍କ ତତ୍ତ୍ୱାବଧାନରେ ଶହୀଦନଗର ଥାନା ଅଂଚଳରେ ଥିବା ସମସ୍ତ ଲୋକଙ୍କୁ ସଚେତନ କରାଇ କରୋନା ମହାମାରୀକୁ ପ୍ରତିହତ କରିଥିବାରୁ ତାଙ୍କୁ କରୋନା ଯୋଦ୍ଧା ଭାବରେ ସମ୍ମାନିତ କରିବା ସହ ବି.ଏମ୍.ସି. ୱାର୍ଡ ଅଫିସର ଶ୍ରୀକାନ୍ତ ମହାନ୍ତିଙ୍କୁ ମଧ୍ୟ କରୋନା ଯୋଦ୍ଧା ଭାବରେ ସମ୍ମାନିତ କରାଯାଇଥିଲା । ଏତଦବ୍ୟତୀତ ବିଶିଷ୍ଟ ସମାଜସେବୀ ତଥା ଦୀର୍ଘ ଦିନ ହେବା କରୋନା ବିରୋଧରେ ଲଢ଼େଇ କରୁଥିବା ପ୍ରତାପ କୁମାର ସାହୁଙ୍କୁ ଗୋପବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସଂଘର ସଭାପତି ବାଦଲ କୁମାର ଦାସ, ସମ୍ପାଦକ ହେମନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯିବା ସହ ବାବୁଲି ସେଠୀ, ଉପେନ୍ଦ୍ର ସାହୁ, ଶରତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଫୋକଟପଡାରେ ଅଙ୍ଗନୱାଡି ବିଲଡିଂ କେବେ

ନୂଆପଡା,୯ /୬(ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ପଂଚାୟତର ଫୋକଟପଡା ଥିବା ମିନି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ବିଲଡିଂ ନଥିବାରୁ ନାନା ଅସୁବିଧା ପରିଲକ୍ଷିତ ହେଉଥିବା ଅଭିଯୋଗ ହେଉଛି । ଏହି କେନ୍ଦ୍ରର ଶିଶୁ ମାନେ ପୂର୍ବେ ଅଙ୍ଗନୱାଡିଙ୍କ ଘରେ ପାଠ ପଢୁଥିବା ବେଳେ ବର୍ତ୍ତମାନ ଏକ ସ୍କୁଲର ଏକ କୋଠରୀରେ ପାଠ ପଢୁଛନ୍ତି । ଫଳରେ ଅନେକ ସମୟରେ ଅସୁବିଧା ଦେଖାଦେଉଥିବା ଅଭିଯୋଗ କରିଛନ୍ତି । ସରକାର ପ୍ରତ୍ୟେକ କେନ୍ଦ୍ର ସକାଶେ ଅଙ୍ଗନୱାଡି ବିଲଡିଂ ଗୃହ ନିର୍ମାଣ କରୁଥିବା ବେଳେ ଫୋକଟପଡା ଅଙ୍ଗନୱାଡି କେନ୍ଦ୍ର ପାଇଁ ନିର୍ମାଣ କରାନଯିବା ପରିତାପର ବିଷୟ ବୋଲି ପଡାବାସୀ ଅଭିଯୋଗ କରିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କଲେ ଦେବାଶିଷ

ବାରିପଦା,୯ /୬(ନି.ପ୍ର): କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ମାନ୍ୟତା ମିଳିଛି । ରବିବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ ମିଳିଛି ।ଓଡିଶା ବାସୀଙ୍କ ଦୀର୍ଘଦିନର ଦାବିକୁ ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ପରି ଏକ ଇତିହାସିକ ନିଷ୍ପତି ପାଇଁ ଓଡିଶା କୃଷି ଶିଳ୍ପ ନିଗମ ଅଧକ୍ଷ ଦେବାଶିଷ ମହାନ୍ତି କୃତଜ୍ଞତା ଜ୍ଞାପନ କରିଛନ୍ତି ।କୋଭିଡ୍ ଯୁଦ୍ଧରେ ନିଜର ସୁଖ ସ୍ୱାଛନ୍ଦ୍ୟକୁ ତ୍ୟାଗ କରି ସଂକ୍ରମଣକୁ ରୋକିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଥିବା କୋଭିଡ୍ ଯୋଦ୍ଧାମାନଙ୍କ ତ୍ୟାଗକୁ ସମ୍ମାନ ଜଣାଇବା ଏବଂ ସେମାନଙ୍କ ମହତ୍ କାର୍ଯ୍ୟକୁ ଉତ୍ସାହିତ କରିବା ପାଇଁ ମଇ ମାସ ୩୦ ତାରିଖ ସନ୍ଧ୍ୟା ସାଢ଼େ ୫ଟାରେ ଦେଶବିଦେଶର ସବୁ ଓଡ଼ିଆଙ୍କୁ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁରୋଧ କରିଥିଲେ ।ସମସ୍ତ ଓଡ଼ିଆ ବନ୍ଦେ ଉତ୍କଳ ଜନନୀ ଗାନ କରି କୋଭିଡ୍ ଯୋଦ୍ଧାଙ୍କୁ ଉତ୍ସାହିତ ଓ ସମ୍ମାନିତ ମଧ କରିଥିଲେ ।ତେଣୁ ଏହି ଭଳି ସଙ୍କଟ ପରିସ୍ଥିତିରେ ସମସ୍ତଙ୍କୁ ସୁଦୃଢ଼ିଭୁତ କରିବା ପାଇଁ ଜାତିର ସଙ୍ଗୀତ ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦେଇଥିବାରୁ ମାନନୀୟ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ମହାନ୍ତି ଅଶେଷ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି ।ଏଥି ସହିତ କାନ୍ତକବିଙ୍କ ରଚିତ ଏହି ସଙ୍ଗୀତ ନୂତନ ଆଶା ଉଦିପନା ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଛନ୍ତି ।

## ସାଇ ସଂସ୍ଥା ପକ୍ଷରୁ ଦେଶୀ ଦୋକାନ

ନୂଆପଡା,୯ /୬(ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ସାଇ ସଂସ୍ଥା ପକ୍ଷରୁ ସହରର ବ୍ଲକ କଲୋନୀ ନିକଟରେ ଏକ ଦେଶି ଦୋକାନ ଖୋଲା ଯାଇଛି । ଯେଉଁଠିରେ ନୂଆପଡା ଜିଲ୍ଲାର ଅଧିବାସୀଙ୍କ ଦ୍ୱାରା ନିର୍ମିତ ସାମଗ୍ରୀ ବିକ୍ରୟ କରାଯାଉଥିବା ବେଳେ ଅଂଚଳର ଚାଷୀଙ୍କ ଦ୍ୱାରା ଚାଷ କରାଯାଉଥିବା ଖାଦ୍ୟ ଶସ୍ୟ ବିକ୍ରୟ କରାଯାଉଛି । ଏହାସହ ଆଦିବାସୀ ବହୁଳ ଇଲାକାରୁ ଦେଶି ସାମଗ୍ରୀ ସଂଗ୍ରହ କରି ସୁଲଭ ମୂଲ୍ୟରେ ଉପଭୋକ୍ତାଙ୍କୁ ଯୋଗାଇବାର ଲକ୍ଷ୍ୟ ରଖାଯାଇଅଛି । ସେହିପରି କୁଟୀର ଶିଳ୍ପ ବଜାର ସୃଷ୍ଟି କରିବାର ପ୍ରୟାସ କରାଯାଇଛି । ଏହି ଦୋକାନରେ ଦେଶି ମହୁ, ଘିଅ, ଝୁଣା, ଗୁର୍ଜି, ମାଣ୍ଡିଆ, ଖେର୍ଜନା ସହ ବାଉଁଶ ତିଆରି କୁଲା, ଟୋପା, ଟାଙ୍ଗରୀ ଭଳି ଅନେ ସାମଗ୍ରି ମିଳୁଅଛି ।

## ଆଣ୍ଡାମାନ , ନିକୋବରରୁ ଫେରିଲେ ୧୮୦ ପ୍ରବାସୀ

ଭୁବନେଶ୍ୱର,୯ /୬(ନି.ପ୍ର): ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ଫସିଥିବା ୧୮୦ ଜଣ ଓଡିଆ ପ୍ରବାସୀ ସୋମବାର ଓଡିଶା ଫେରିଛନ୍ତି । ଏୟାର ଏସିଆର ସ୍ୱତନ୍ତ୍ର ବିମାନ ଯୋଗେ ସେମାନେ ଅପରାହ୍ନ ୧୨ଟା୫୦ ମିନିଟରେ ଭୁବନେଶ୍ୱରରେ ପହଂଚିଥିଲେ । ରାଜ୍ୟ ସରକାରଙ୍କର ସ୍ୱତନ୍ତ୍ର ଉତ୍ସର୍ଗିକୃତ ଅଧିକାରୀ ମାନଙ୍କୁ ନେଇ ଗଠିତ ଦଳ ଗୁଡିକ ସମ୍ପୃକ୍ତ ରାଜ୍ୟସରକାର ଏବଂ ଫେରି ଆସୁଥିବା ପ୍ରବାସୀ ଓଡିଆମାନଙ୍କ ସହ ଯୋଗାଯୋଗ କରିଥିଲେ । କୋଭିଡ୍-୧୯ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସମସ୍ତ ଔପଚାରିକତା ସମ୍ପନ୍ନ କରି ଫେରିଆସୁଥିବା ପ୍ରତ୍ୟେକ ପ୍ରବାସୀ ଓଡିଆଙ୍କୁ ଆଣ୍ଡାମାନ ଦ୍ୱୀପପୁଞ୍ଜ ଗୁଡିକର ବିଭିନ୍ନ ସ୍ଥାନରୁ ବିମାନ ବନ୍ଦରକୁ ଆଣିବାର ସମସ୍ତ ସୁବନ୍ଦୋବସ୍ତ କରାଇଥିଲେ । ବର୍ତ୍ତମାନ ସୁଦ୍ଧା ମଣିପୁର, ନାଗାଲାଣ୍ଡ, ତ୍ରିପୁରା, ମେଘାଳୟ, ଆସାମ, ହିମାଚଳ ପ୍ରଦେଶ ଏବଂ ଜାମ୍ମୁ-କାଶ୍ମୀରର ବିଭିନ୍ନ ସ୍ଥାନରେ ଫସି ରହିଥିବା ୬୦୦ ରୁ ଉର୍ଦ୍ଧ୍ୱ ପ୍ରବାସୀ ଓଡିଆଙ୍କୁ ବିମାନ ଯୋଗେ ସ୍ଥାନାନ୍ତରୀଣ କରାଯାଇଛି । ଦେଶର ବିଭିନ୍ନ ଦୁର୍ଗମ ପ୍ରାନ୍ତରେ ଫସି ରହିଥିବା ପ୍ରବାସୀ ଓଡିଆ ମାନଙ୍କୁ ଯେଉଁଠାରେ ରେଳ ସେବା ଉପଲବ୍ଧ ନାହିଁ ବା ଯାନବାହନ ଦ୍ୱାରା ସ୍ଥାନାନ୍ତରିତ କରିବା ମଧ ସମ୍ଭବପର ନୁହେଁ, ସେମାନଙ୍କୁ ବିମାନ ସେବା ଦ୍ୱାରା ରାଜ୍ୟକୁ ସ୍ଥାନାନ୍ତରିତ କରାଯାଉଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଶ୍ରମିକ ଟ୍ରେନ ଯୋଗେ ୩ ଲକ୍ଷରୁ ଅଧିକ ପ୍ରବାସୀଙ୍କୁ ଅଣାଯାଇଥିବା ସ୍ଥଳେ ବହୁ ସଂଖ୍ୟକ ପ୍ରବାସୀଙ୍କୁ ସଡକ ପଥରେ ଅଣାଯାଇଛି ।

# ବାଲିଗୁଡା ପୋଲିସ୍ ଦ୍ୱାରା ୪୦୦ କେଜି ଗଞ୍ଜେଇ ସହ ଜଣେ ଗିରଫ, ଟ୍ରାକ୍ଟର ଅଟକ

କନ୍ଧମାଳ,୯ /୬(ନି.ପ୍ର): ଗତକାଲି ମଧରାତ୍ରୀରେ ବାଲିଗୁଡା ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରା ଏବଂ ଥାନାର ଅନ୍ୟ କର୍ମଚାରୀ ରାତ୍ରୀ ପେଟ୍ରୋଲିଂ କରୁଥିବା ବେଳେ ମହାସିଙ୍ଗି ପୁରୁଣା ସାହି ଦେଇ ବଗାଡ ଆଡୁ ଗୋଟିଏ ଟ୍ରାକ୍ଟର ଓଡି-୧୨ଏ-୩୪୩୪ ଗାଡିରେ ୧୫ ଗୋଟି ଅଖା ଘୋଡେଇ ହୋଇଥିବା ବସ୍ତା ପୋଲିସ୍ ଦେଖିବାକୁ ପାଇଥିଲା । ସୂଚନା ଅନୁଯାୟୀ ବାଲିଗୁଡା ପୋଲିସ୍ ର ଲଗାତାର ଭାବେ ଗଞ୍ଜେଇ ଚାଷକୁ ନଷ୍ଟ କରିବା ସହ ବାରମ୍ବାର ଗଞ୍ଜେଇ ଚୋରା ଚାଲାଣ ବେଳେ ଧରପଗଡ ଏବଂ ଚୋରା ମହୁଲି ମଦ ବିକ୍ରେତାକୁ ଗିରଫ କରି କୋର୍ଟ ଚାଲାଣ ଭଳି କିଛି କାର୍ଯ୍ୟକ୍ରମକୁ ଗଞ୍ଜେଇ ମାଫିଆ ଏବଂ ଚୋରା ମହୁଲି ମଦ ବିକ୍ରେତାଙ୍କ ଭିତରେ ଭାଳେଣି ପଡିଥିବା ବେଳେ ପୁଣି ଏକ ଦେଖିବାକୁ ମିଳିଛି ସାହସିକତାର କାର୍ଯ୍ୟ । ସଞ୍ଜିବ ଖଟୁଆ ବୟସ ୩୪, ପିତା ଫକୀର ଖଟୁଆ, ପୁରୁଣା ସାହି ମହାସିଙ୍ଗି ଏକ ଗଞ୍ଜେଇ ବୋଝେଇ ଟ୍ରାକ୍ଟରକୁ ପୋଲିସ ପେଟ୍ରୋଲିଂ ସାମନାରୁ ଖସାଇ ନେଇଯିବାକୁ ପ୍ରୟାସ ଜାରି ରଖିଥିବା ବେଳେ ବାଲିଗୁଡା ପୋଲିସ୍ ପେଟ୍ରୋଲିଂ ଗାଡି ମହାସିଙ୍ଗି ନିକଟସ୍ଥ ପଥପ୍ରାନ୍ତ ସେବା କେନ୍ଦ୍ର ଡାହାଣ ଭାଗ ମାଟିରାସ୍ତା ଜଙ୍ଗଲ ଭିତରେ ପିଛାକରି ସେହି ଟ୍ରାକ୍ଟର ଟିକୁ ଧରିବାରେ ସଫଳ ହୋଇଥିଲେ ଏବଂ ଟ୍ରାକ୍ଟର, ଗଞ୍ଜେଇ ଏବଂ ଆସାମୀ ସଞ୍ଜୀବକୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ଏକଜୁକେଟିଭ୍ ମାଜଷ୍ଟ୍ରେଟ ହରିଶ୍ଚନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସେଥିରୁ ୩୮୩ କେଜି ୫୫୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଆସାମୀକୁ ବାଲିଗୁଡା ଥାନା କେସ୍ ନଂ.୧୧୧/୦୭.୦୬.୨୦୨୦ ମାମଲା ରୁଜୁ କରି ଆସାମୀ ସଞ୍ଜୀବକୁ କୋର୍ଟ ଚାଲାଣ କରିଥିବା ବେଳେ ପ୍ରାୟ ଜବତ ଗଞ୍ଜେଇର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଥାନା ଅଧିକାରୀ ସୂଚନା ଦେଇଥିବା ବେଳେ ଏହି କେସ୍ ଟିକୁ ସଂପୂର୍ଣ୍ଣ ଭାବେ ତନାଘନା ଡିଏସ୍‌ପି ମନୋଜ କୁମାର ପୂଜାରୀ କରିଥିବା ଜଣାପଡିଛି ।

## ଟ୍ୟାଙ୍କଲରି କର୍ମଚାରୀଙ୍କୁ କରୋନା ଯୁଦ୍ଧା ଘୋଷଣା ଦାବି

ବାଲେଶ୍ୱର,୯ /୬(ନି.ପ୍ର): ଦେଶର କରୋନା ଭଳି ସ୍ଥିତିରେ ତୈଳ ନିଗମ ଅଧୀନରେ କାର୍ଯ୍ୟରତ ଟ୍ୟାଙ୍କଲରି କର୍ମଚାରୀଙ୍କ ପ୍ରତି କର୍ତ୍ତୃପକ୍ଷଙ୍କ ଅବହେଳାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ଅଲ ଓଡ଼ିଶା ଟ୍ୟାଙ୍କଲରି ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ । ତୈଳନିଗମ ଅଧୀନରେ ବାଲେଶ୍ୱରର ୩ ଗୋଟି ତେଲ ଡିପୋରେ କାର୍ଯ୍ୟରତ ୬ଶହରୁ ଉର୍ଦ୍ଧ୍ୱ ଡ୍ରାଇଭର ଓ ହେଲପର ଦୈନିକ ପେଟ୍ରୋଲ, ଡିଜେଲ ଓ କିରୋସିନ ଆଦି ଟ୍ୟାଙ୍କଲରିରେ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲ୍ଲାକୁ ଯାଇଥା'ନ୍ତି । କେରୋନା ମହାମାରୀ ଜନିତ ଲକ୍ ଡାଉନ୍‌ରେ ସେମାନେ ନିଜର କାର୍ଯ୍ୟ ଜାରି ରଖିଥିଲେ । କରୋନାକୁ ଖାତିର ନକରି ସେମାନେ ଜରୁରୀକାଳୀନ ସେବା ପାଇଁ କାର୍ଯ୍ୟ କରିଆସୁଥିଲେ । ମାତ୍ର ସେମାନଙ୍କ ସାମାଜିକ ସୁରକ୍ଷା ପ୍ରତି ତୈଳ ନିଗମ, ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାର କେହି ମଧ୍ୟ କୌଣସି ପଦକ୍ଷେପ ନେଇ ନଥିବା ସଂଗଠନ ପକ୍ଷରୁ ଆରୋପ ହୋଇଛି । ସେମାନଙ୍କୁ କରୋନା ଯୁଦ୍ଧା ଘୋଷଣା ସାଙ୍ଗକୁ ୫୦ ଲକ୍ଷ ଟଙ୍କାର ବୀମା ସୁବିଧା ଓ ଲକ୍ ଡାଉନ୍ ସମୟର ଆର୍ଥିକ ସହାୟତା ପ୍ରଦାନ ପାଇଁ ସଂଗଠନର କର୍ମକର୍ତ୍ତାମାନେ ଦାବି କରିଛନ୍ତି । ଏନେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ସ୍ମାରକପତ୍ର ସଂଗଠର ଏକ ପ୍ରତିନିଧି ଦଳ ଆଜି ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି ।

## ଭୁବନରେ କାଳବୈଶାଖୀ: ବଜ୍ରପାତରେ ୬ ଆହତ, ୧୩୨ କେଭି ଟାୱାରଲାଇନ ତାର ଛିଣ୍ଡିଲା, ୩ ଗାଈ ମୃତ

ଭୁବନ,୯ /୬(ନି.ପ୍ର): ଆଜି ଅପରାହ୍ନ ସାଢେ ଗୋଟାଏ ସମୟରେ ଅଚାନକ କଳାହାଣ୍ଡିଆ ମେଘ ଘୋଟି ଆସି ଘଡଘଡି ସହ ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି ଓ ବଜ୍ରପାତ ହୋଇଥିଲା । ଘଂଟାଏରୁ ଉର୍ଦ୍ଧ୍ୱ ସମୟ କାଳବୈଶାଖୀର ତାଣ୍ଡବ ଚାଲିଥିଲା । ବଜ୍ରପାତରେ କାନଖାଇ ଗ୍ରାମର ଗାଣ୍ଟୁ ଦେହୁରୀ (୪୦),ବିଷ୍ଣୁପ୍ରିୟା ଦେହୁରୀ(୫) ବନ୍ଧାଳ କହରି ମଲିକ(୪୦) ରେନନ୍ଦାପଟଣାର ଶ୍ରୋତା ଆଏଚ(୨୯), ଅନନ୍ତପୁର ର ରୁନୁ ପାତ୍ର(୨୨),ଲିଲି ପାତ୍ର(୩୨) ଆହତ ହୋଇ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବା ବେଳେ କାନଖାଇ ଗ୍ରାମର ଗୋପାଳ ଦେହୁରୀ ଙ୍କ ର ୩ ଟି ଗାଈ ମୃତ୍ୟୁ ବରଣ କରିଛନ୍ତି । ଏହି ବଜ୍ରପାତରେ କଁସରଗୋଡା ଗ୍ରିଡର ୧୩୨ କେଭି ଟାୱାର ଲାଇନ ତାର ଛିଣ୍ଡିଯାଇଥିଲା । ଫଳରେ ଦିନ ସାଢେ ଗୋଟାଏରୁ ଲାଇନ ଯାଇଥିଲା । ଟାୱାରଲାଇନ ତାର ଯୋଡା ହେଲା ପରେ ଆସନ୍ତା କାଲି ଅପରାହ୍ନ ୪ ଟାରେ ଲାଇନ ଦିଆଯିବ ବୋଲି ସୂଚନା ଦିଆଯାଇଛି । ଲାଇନ ନଥିବାରୁ ମଶାଙ୍କ ପ୍ରାଦୁର୍ଭାବରେ ନା ବସି ହେଉଛି ନା ଶୋଇ ହେଉଛି । ଲୋକମାନେ ହନ୍ତସନ୍ତ ହେଉଛନ୍ତି । ଅମ୍ଫାନ ବାତ୍ୟାରେ ଭୁବନରେ ସେମିତି କିଛି କ୍ଷତି ହୋଇନଥିବା ବେଳେ ବିଦ୍ୟୁତ ଯୋଗାଣ ମଧ ସ୍ୱାଭାବିକ ଥିଲା କିନ୍ତୁ ଆଜିର କାଳବୈଶାଖୀ ଯୋଗୁ ୨୪ ଘଂଟା ବିଦ୍ୟୁତ ବିଚ୍ଛିନ୍ନ ହୋଇଛି ଓ ପାନୀୟ ଜଳ ଯୋଗାଣ ମଧ ବାଧାପ୍ରାପ୍ତ ହୋଇଛି । ଆଜିଠାରୁ ସକାଳ ୭ ରୁ ସଂଧ୍ୟା ୬ ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ବେଳେ କାଳବୈଶାଖୀ ଯୋଗୁ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି ।

# କୋଭିଡ କଟକଣାକୁ ଉଲ୍ଲଙ୍ଘନ କରୁଛନ୍ତି ବିଜେପି ସାଂସଦ : ବିଜେଡି

ଭୁବନେଶ୍ୱର,୯ /୬(ନି.ପ୍ର): ବିଜେପିର ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଓ ବିଜେପି ନେତାମାନେ ନିୟମିତ ଭାବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କୋଭିଡ ମାର୍ଗଦର୍ଶିକାକୁ ଉଲ୍ଲଙ୍ଘନ କରୁଛନ୍ତି । ଆଜି ଫ୍ଲାଇଓଭର ଭୂମିପୂଜନ ସମୟରେ ସାଂସଦ ଶ୍ରୀମତୀ ଷଡଙ୍ଗୀ ଓ ତାଙ୍କ ସମର୍ଥକମାନେ ସବୁ ସୀମା ଟପିବା ସହିତ ସାମାଜିକ ଦୂରତ୍ୱ ନିୟମକୁ ଏକ ପ୍ରକାର ଅଳିଆଗଦାକୁ ଫିଙ୍ଗିଦେଇଥିବା ଅଭିଯୋଗ କରିଛନ୍ତି ବିଜେଡି ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର । ଡକ୍ଟର ପାତ୍ର କହିଛନ୍ତି ଯେ, ପୂର୍ବରୁ ମଧ ସାଂସଦ ଶ୍ରୀମତୀ ଷଡଙ୍ଗୀ କୋଭିଡ ମାର୍ଗଦର୍ଶିକା ନମାନି ସାମାଜିକ ଦୂରତ୍ୱ ନିମୟକୁ ଉଲ୍ଲଙ୍ଘନ କରିଥିଲେ । ଏଭଳି ଭୁଲକୁ ସେ ନିଜେ ସ୍ୱୀକାର କରିଥିବାବେଳେ ଏଥିପାଇଁ ବିଜେପି ମଧ ଦୁଃଖପ୍ରକାଶ କରିଥିଲା । ଏହା ପରେ ବି ସେ ନିୟମିତ ଭାବେ କରୋନା କଟକଣା ନିୟମକୁ ଅମାନ୍ୟ କରି ଚାଲିଛନ୍ତି । ଉଭୟ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ଓଡିଶାର ସାଢେ ଚାରିକୋଟି ଲୋକ ଗ୍ରହଣ କରି କୋଭିଡ କଟକଣାକୁ ମାନି ଚଳୁଥିବାବେଳେ ଜଣେ ନିର୍ବାଚିତ ଲୋକ ପ୍ରତିନିଧି ଭାବେ ସାଂସଦ ଷଡଙ୍ଗୀ ବାରମ୍ବାର ନିୟମ ଉଲ୍ଲଙ୍ଘନ କରିବା ଖରାପ ଉଦାହରଣ ସୃଷ୍ଟି କରୁଛି । ତେଣୁ ଓଡିଶାର ଜନସାଧାରଣଙ୍କ ପାଇଁ ଏଭଳି ଖରାପ ଉଦାହରଣ ସୃଷ୍ଟି ନକରିବା ସହିତ ସାଂସଦ ଷଡଙ୍ଗୀ କେନ୍ଦ୍ର ଓ ରାଜ୍ୟ ସରକାର ଜାରି କରିଥିବା କୋଭିଡ ମାର୍ଗଦର୍ଶିକାକୁ ମାନିବାପାଇଁ ବିଜେଡି ମୁଖପାତ୍ର ଡକ୍ଟର ପାତ୍ର ପରାମର୍ଶ ଦେଇଛନ୍ତି ।

# ଡ. ହରିଶ ଚନ୍ଦ୍ର ଜେନାଙ୍କ ଗାଁରେ ୧୩ତମ ଶ୍ରାଦ୍ଧାବାର୍ଷିକୀ ଓ ରକ୍ତଦାନ ଶିବିର




ଜଳେଶ୍ୱର,୯ /୬(ନି.ପ୍ର): ବାଲେଶ୍ୱର ଜିଲାର ବିଭିନ୍ନ ବିକାଶ କ୍ଷେତ୍ରରେ ନିଜକୁ ଉତ୍ସର୍ଗ କରିଥିବା ଏବଂ ଜଳେଶ୍ୱର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ଗ୍ରାମର ଡା. ହରିଶଚନ୍ଦ୍ର ଜେନାଙ୍କର ୧୩ତମ ଶ୍ରାଦ୍ଧଦିବସ ଆଜି ନିଜ ଗ୍ରାମରେ ଗ୍ରାମବାସୀ ଓ ପରିବାର ପକ୍ଷରୁ ଅନୁଷ୍ଠିତ ହୋଇ ଯାଇଛି । ବାଲେଶ୍ୱର ଡା. ଜେନାଙ୍କା କର୍ମଭୂମୀ ଥିଲେ ମଧ୍ୟ ଜଳେଶ୍ୱରର ବିଭିନ୍ନ ଉନ୍ନତି ମୂଳକ କାମରେ ସେ ନିଜକୁ ନିୟୋଜିତ କରିପାରିଥିଲେ ବୋଲି ଆୟୋଜିତ ସ୍ମୃତି ଶ୍ରଦ୍ଧା ସୁମନ ସଭାରେ ମତପ୍ରକାଶ ପାଇଥିଲା । ଡା. ଜେନାଙ୍କର ପୁତୁରା ଲକ୍ଷ୍ମୀନାରାୟଣ ଜେନାଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିବା ବେଳେ ଆୟୋଜିତ ରକ୍ତଦାନ ଶିବରକୁ ଗ୍ରାମ୍ୟମୁଖ୍ୟ ଜନାର୍ଦ୍ଦନ ଦାସ ଉଦ୍‌ଘାଟନ କରିଥିଲେ । କଲ୍ୟାଣପୁର ସ୍କୁଲ ପରିସରରେ ଆୟୋଜିତ ରକ୍ତ ଶିବିରକୁ ବିଜୟ ଜେନା, ହରିବାସ ଦାସ, ମନୋରଂଜନ ଦାସ, ପିତାମ୍ବର ଜେନା, ଦୁର୍ଗାପଦ ଜେନା, ସଂଜୟ ଜେନା, ବିଶ୍ୱରଂଜନ ଦାସ, ତପନ ଜେନା, ଗୌରଚନ୍ଦ୍ର ଦାସ, ସଚିନ୍ ଦାସ, ଭାଗବତ ଜେନା, ଲକ୍ଷ୍ମୀନାରାୟଣ ଦାସ, ସବିତା ଦାସ, ମାଣିକମାଳା ପ୍ରଧାନ, କଳ୍ପନା ଦାସ, ପ୍ରଦୀପ ଜେନା, ସତ୍ୟରଂଜନ ଦାସ, ସୀତାରାମ ଜେନା, ବରେନ୍ଦ୍ର ଦାସ, କ୍ଷିତିଶ ଜେନା ପ୍ରମୁଖ ପରିଚାଳନା କରିଥିଲେ । ବାଲେଶ୍ୱର ରକ୍ତ ଭଂଣ୍ଡାରର ଡାକ୍ତର ଓ ଅନ୍ୟ ସହଯୋଗୀମାନେ ଏଥିରେ ସହଯୋଗ କରିଥିବା ବେଳେ ମୋଟ ୫୦ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା ।

## ସ୍ୱାସ୍ଥ୍ୟ ମନ୍ତ୍ର

ପରିସ୍ରା ସଂକ୍ରମଣ ଏକ ଯନ୍ତ୍ରଣାଦାୟକ ରୋଗ । ଉଭୟ ପୁରୁଷ ଓ ମହିଳା ଏହା ଦ୍ୱାରା ଆକ୍ରାନ୍ତ ହୁଅନ୍ତି । ପ୍ରଥମରୁ ଚିକିତ୍ସିତ ନ ହେଲେ ତାହା କ୍ରମେ ମାରାତ୍ମକ ରୋଗରେ ପରିଣତ ହୁଏ । ମୂତ୍ରାଶୟ ଓ କିଡ୍‌ନୀ ପ୍ରଭାବିତ ହେବାର ଆଶଙ୍କା ବଢେ । ଏଥି ପ୍ରତି ସାବଧାନତା ଜରୁରୀ । ବାରମ୍ୱାର ପରିସ୍ରା ଲାଗିବା, ତଳିପେଟ ଦରଜ, ପରିସ୍ରା ବେଳେ ଯନ୍ତ୍ରଣା ଓ ପୋଡାଜଳା ହେବା, ଦୁର୍ଗନ୍ଧଯୁକ୍ତ ପରିସ୍ରା, ବାନ୍ତି ଲାଗିବା ଆଦି ଏହାର ଲକ୍ଷଣ ହୋଇପାରେ । ଏପରି ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ଔଷଧ ସେବନ ସହିତ କେତେକ ସତର୍କତାମୂଳକ ପଦକ୍ଷେପ ନେଲେ ତୁରନ୍ତ ସୁଫଳ ମିଳିଥାଏ । ପ୍ରଚୁର ପରିମାଣରେ ପାଣି ପିଅନ୍ତୁ । ପଇଡ ପାଣି କିମ୍ବା ଡାଳିମ୍ବ ରସ ସେବନ ଦ୍ୱାରା ଖୋଲା ପରିସ୍ରା ହୁଏ ଓ ଯନ୍ତ୍ରଣା କମେ । ସଂକ୍ରମଣଜନିତ ସମସ୍ୟାକୁ ଏଡାଇବା ଲାଗି ବାହାରେ ପରସ୍ରା କରିବା ଅନୁଚିତ ଏବଂ ନିଜେ ବ୍ୟବହାର କରୁଥିବା ଶୌଚାଳୟ ସବୁବେଳେ ପରିଷ୍କାର ରଖିବା ଦରକାର । ଏଥି ସହିତ ସଫାସୁତୁରା ପୋଷାକ ପିନ୍ଧନ୍ତୁ । ପରିସ୍ରା ସଂକ୍ରମଣଜନିତ ଯନ୍ତ୍ରଣାରୁ ଉପଶମ ପାଇଁ ଦିନକୁ ଦୁଇ ତିନି ଗ୍ଲାସ ପିଅନ୍ତୁ । ଏକ କପ୍ ଉଷୁମ ପାଣିରେ ଏକ ଚାମଚ ଅଁଳା ଚୂର୍ଣ୍ଣ ଫେ[ ସେବନ କଲେ ଯନ୍ତ୍ରଣା କମିଯାଏ ।




## ନାଇଟ୍ ପାର୍ଟି ଗାଉନ୍

ନାଇଟ୍ ପାର୍ଟିରେ ଗର୍ଜିଅସ ଦେଖାଯିବା ପାଇଁ ଗାଉନ୍ ଲୁକ୍‌ର ସାହାଯ୍ୟ ନିଅନ୍ତୁ । ଡ୍ରେସ୍ ଡିଜାଇନରଙ୍କ କେତୋଟି ଷ୍ଟାଇଲିସ୍ ଗାଉନର ଲୁକ୍ ନିମ୍ନରେ ଦିଆଯାଇଛି । ସେହିପରି ବିଭିନ୍ନ ଡ୍ରେସରୁ ଆପଣ ବିଭିନ୍ନ ଷ୍ଟାଇଲର ଲୁକ୍ ପାଇ ପାରିବେ ।



### ଫ୍ଲୋରାଲ୍ ପ୍ରିଣ୍ଟ ଗାଉନ୍ :

ଫ୍ଲୋରାଲ ପ୍ରିଣ୍ଟକୁ କେବଳ ଦିନରେ ନୁହେଁ, ରାତିରେ ଗାଉନ ଲୁକ୍‌ରେ କ୍ୟାରି କରାଯାଇପାରିବ । ନାଇଟ୍ ପାର୍ଟି ପାଇଁ ସ୍ଲିଭଲେସ୍ ଫ୍ଲୋରାଲ ପ୍ରିଣ୍ଟ ଗାଉନ ପିନ୍ଧନ୍ତୁ । ବ୍ଲାକ୍ ଗାଉନରେ ହୋଇଥିବା ଅଲଗା ରଙ୍ଗର ଫ୍ଲୋରାଲ ପ୍ରିଣ୍ଟର ବ୍ୟବହାର କରାଯାଏ । ଏହି ଗାଉନ୍ ଆଇ ସ୍ଲିଟ ଅଟେ ଓ ଏହା ସହିତ ଭଲ ବ୍ରାଣ୍ଡର ଏକ୍ସେସରିଜ ଓ ଫୁଟ୍‌ୱିଅର ପିନ୍ଧନ୍ତୁ । ଲାଇଟ୍ ମେକଅପ ନିଅନ୍ତୁ ।

ଅଫ୍ ସୋଲଡର ଗାଉନ୍ ଗୋଲଡେନ୍ ରଙ୍ଗର ଟ୍ୟୁବ ଷ୍ଟାଇଲର ଗାଉନ ଆପଣଙ୍କୁ ଉପରେ ବହୁତ ସୁନ୍ଦର ଦେଖାଯିବ । ଏହା ସହିତ ବ୍ଲୁ ଆଇଜ ଓ ରେଡି ଲିପ୍‌ସ ମେକଅପ୍ ନିଅନ୍ତୁ । ଏହା ସହିତ ସର୍ଟ ହେୟାର ଲୁକ୍ ଭଲ ଲାଗିବ ।



### ୱାନ୍‌ସ୍ଲିଭସ୍ ଗାଉନ୍:

ବ୍ଲୁ ରଙ୍ଗର ୱାନ ସ୍ଲିଭସ୍ ଗାଉନକୁ ଡିଜାଇନର ବହୁତ ସୁନ୍ଦର ଡିଜାଇନ ଦେଇଛନ୍ତି । ବ୍ଲୁ ରଙ୍ଗର ଭେଲଭେଟ୍ ଗାଉନରେ ସ୍ଲିଟ୍ ଲୁକ୍ ପାଇପାରିବେ । ଏହି ଗାଉନ ସହିତ ବଡ ଇଅରରିଙ୍ଗ ପିନ୍ଧନ୍ତୁ । ଆଖିରେ ବ୍ଲୁ ରଙ୍ଗର ଓ ଲିପ୍‌ସରେ ବ୍ରାଉନ୍ ରଙ୍ଗର ଲିପ୍‌ଷ୍ଟିକ ବ୍ୟବହାର କରନ୍ତୁ ।

### ଗ୍ରୀନ ଗାଉନ୍ :

ଗ୍ରୀନ ରଙ୍ଗର ୱାନ ସ୍ଲିଭସ୍ ଗାଉନ ଡିଜାଇନ ସହିତ ବ୍ରାଣ୍ଡ ଇଅରରିଙ୍ଗ ପିନ୍ଧନ୍ତୁ । ଏହା ସହିତ ମେକଅପ୍ କମ୍ କରନ୍ତୁ । ଏହା ସହିତ ମେକ୍‌ଅପ୍ କମ୍ କରନ୍ତୁ । ଏହା ଗାଉନରେ ଆପଣ ଆକର୍ଷଣୀୟ ଲୁକ୍ ପାଇ ପାରିବେ ।





### ସ୍ଲିଭଲେସ ଗାଉନ୍ :

ଯଦି ଆପଣ ଷ୍ଟାଇଲିଷ୍ଟ ଭାବରେ ଗାଉନ ପିନ୍ଧିବାକୁ ଚାହୁଁଛନ୍ତି ତେବେ ସ୍ଲିଭଲେସ ଗାଉନ କ୍ୟାରି କରନ୍ତି । ଏହାର ଟପ୍‌ରେ ସିକ୍ୱେନ୍ସ ଲୁକ୍ ଥିବ, ବଟମରେ ପ୍ଲେନ ଗାଉନ ପିନ୍ଧନ୍ତୁ । ଲୁକ୍‌କୁ କମ୍ପ୍ଲିଟ କରିବା ପାଇଁ ଏକ୍ସେସରିଜର ସାହାଯ୍ୟ ନିଅନ୍ତୁ । ଏହି ଗାଉନରେ କିନ୍ତୁ ହାଲୁକା ମେକଅପ ଭଲ ଲାଗିବ ।

## ଅତର ଶୁଙ୍ଘିବାକୁ ବାଘ ବି ବ୍ୟାକୁଳ

ବ୍ରିଟେନ୍ ନରଫକର୍ ବାହମ ଚିଡିଆଖନାରେ ଥିବା ବିଗ୍ କ୍ୟାଟ୍ ପରିବାର (ସିଂହ, ବାଘ, ଚିତାବାଘ, ଜାଗୁଆର ଏବଂ ଓସେଲୋଟ)ଙ୍କୁ ଦେଖିବାକୁ ଆସୁଥିବା ଦର୍ଶକଙ୍କ ପରଫ୍ୟୁମ୍ ବହୁତ ପସନ୍ଦ । ଏପରିକି ଅତର ବାସ୍ନା ନ ମିଳିଲେ ସେମାନେ ନିଷ୍କ୍ରିୟ ହୋଇ ପଡିରହିବା ଦେଖାଯାଉଛି । ସେଥିପାଇଁ ନିଜର ପୁରୁଣା ବା କାମରେ ନ ଆସୁଥିବା ପରଫ୍ୟୁମ୍ ଦାନ କରିବା ପାଇଁ ଜୁ ପ୍ରଶାସନ ଲୋକଙ୍କୁ ନିବେଦନ କରିଛି । ଜଙ୍ଗଲୀ ବିଲେଇଙ୍କୁ ବ୍ରାଣ୍ଡେଡ୍ କମ୍ପାନୀ ଓ ଡିଜାଇନର୍ ଲେବଲ୍ ପରଫ୍ୟୁମ୍ ପସନ୍ଦ । ଚିଡିଆଖାନା ମ୍ୟାନେଜର୍ ମାଇକ୍ ଭୁଲହ୍ୟାମ୍ କହିଛନ୍ତି ଏ ଜନ୍ତୁମାନଙ୍କୁ କେଲଭିନ୍ କ୍ଲେନ୍ ପରଫ୍ୟୁମ୍ ସବୁଠୁ ଅଧିକ ପସନ୍ଦ । ହେଲେ ଆମେ ସେମାନଙ୍କୁ ଭିନ୍ନ ଭିନ୍ନ ସେଣ୍ଟର ସୁଗନ୍ଧ ଦେଉଛୁ । ଲୋଶନ୍‌ର ବି ଚାହିଦା ରହିଛି । ସେମାନଙ୍କୁ ୨୪ଟି ବ୍ରାଣ୍ଡର ପରଫ୍ୟୁମ୍ ଶୁଙ୍ଘାଯାଇଥିବା ବେଳେ କେଲଭିନ୍ କ୍ଲେନ୍‌ର ଅବଶେସନ୍ ଫର୍ ମେନ୍ ପସନ୍ଦ ସୂଚୀର ସବୁଠୁ ଉପରେ ।




## ସେଲିବ୍ରିଟି ଷ୍ଟାଇଲର ନଖ

ଆମେ ଆମର ଲୁକ୍ସ ଏବଂ ଚେହେରାକୁ ନେଇ କେତେ ସିରିୟସ୍ ତାହା ବୟାନ କରିଥାଏ ନଖ । ଜଣେ ସୁସ୍ଥ ଏବଂ ନିଜକୁ ଆକର୍ଷଣୀୟ ରଖୁଥିବା ମହିଳାଙ୍କର ନଖ ସବୁବେଳେ ବ୍ରାଇଟ୍ ରହିବା ଦରକାର । ତେଣୁ ପ୍ରଶ୍ନ ଆସେ ନଖ ଏତେ ସୁନ୍ଦର ହୋଇପାରିବ କିପରି ?

ସୁନ୍ଦର ଏବଂ ଆକର୍ଷଣୀୟ ନଖ ପାଇବା ପାଇଁ ହେଲେ ପ୍ରଥମେ ନିଜ ଖାଦ୍ୟ ସାମଗ୍ରୀ ଉପରେ ଫୋକସ୍ କରିବା ଆବଶ୍ୟକ । ଶରୀର ହାଡ ଭଳି ନଖକୁ ମଧ୍ୟ ସୁସ୍ଥ ରଖିବା ପାଇଁ କ୍ୟାଲସିୟମ ଏବଂ ଭିଟାମିନ୍ ଡି'ର ଆବଶ୍ୟକତା





ରହିଛି । ତେଣୁ ଡାଏଟ୍‌ରେ ଏଥିପ୍ରତି ଧ୍ୟାନ ଦେବା ଦରକାର । ନଖର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପ୍ରଚୁର ମାତ୍ରାରେ ପାଣି ପିଇବା ଆବଶ୍ୟକ । ନଖ ଚାରିପଟକୁ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରଖିବା ଆବଶ୍ୟକ । ମହିଳାମାନଙ୍କୁ ପ୍ରତି ସମୟରେ ନଖରେ ନେଲପଲିସ୍ ଲଗାଇବା ଦରକାର । ଏହା ତାଙ୍କ ସୌନ୍ଦର୍ଯ୍ୟକୁ ଆହୁରି ଆକର୍ଷଣ କରିଥାଏ । ସେହିପରି ନିୟମିତ ସମୟ ବ୍ୟବଧାନରେ ନଖ ମସାଜ୍ ଏବଂ ନଖକୁ ସଠିକ୍ ଭାବେ ସାଇଜ୍ କରିବା ଆବଶ୍ୟକ । ତେବେ ଦୃଷ୍ଟି ରଖିବା ଦରକାର ଯେ, ଶରୀରର ଉଚ୍ଚତା ଏବଂ ଚେହେରାକୁ ନେଇ ନଖର ଆକାର ସ୍ଥିର କରିବା । ଅନେକ ସମୟରେ ବଡ ନଖ ଅସୁବିଧା ସୃଷ୍ଟି କରିଥାଏ । ତେଣୁ ଛୋଟ ନଖ ରଖିବା ସୌନ୍ଦର୍ଯ୍ୟକୁ ଅଧିକ ବଢାଇଥାଏ ।

## ପ୍ଲାଷ୍ଟିକ୍‌ଠାରୁ ଦୂରେଇ ରଖନ୍ତୁ ପରିବାରକୁ

ପିଲାବେଳୁ ଆମେ ସମସ୍ତେ ପ୍ଲାଷ୍ଟାକ୍‌ର ବ୍ୟବହାର କରିଆସୁଛି । ପାଣି ବୋତଲଠାରୁ ଆରମ୍ଭ କରି ଲଞ୍ଚ୍‌ବକ୍ସ, ଅନ୍ୟ ପ୍ଲାଷ୍ଟିକ୍ ସାମଗ୍ରୀକୁ ଆପଣାଉଛେ । ହେଲେ ସମୟ ବଦଳିବା ସହ ଏବେ ପ୍ଲାଷ୍ଟିକ୍ ଉପରେ ଲାଗିଲାଣି କଟକଣା । କାରଣ ଏହାର ବିଷାକ୍ତତତ୍ତ୍ୱ ଶରୀରକୁ ପ୍ରଭାବିତ କରୁଛି । ଆମେରିକୀୟ ସଂସ୍ଥା ଫୁଡ୍ ଆଣ୍ଡ ଡ୍ରଗ୍ ଆଡମିନିଷ୍ଟ୍ରେସନ୍ ପକ୍ଷରୁ କୁହାଯାଇଛି ଯେ, ଯେତେବେଳେ ପ୍ଲାଷ୍ଟିକ୍ ଗରମ ହୋଇଥାଏ, ସେତେବେଳେ ୫୦ ରୁ ୬୦ ପ୍ରକାର ରସାୟନିକ ଗ୍ୟାସ ନିର୍ଗତ ହୋଇଥାଏ । ଏହା ଶରୀରକୁ ଯାଇ ଅନେକ ପ୍ରକାର ରୋଗ ସୃଷ୍ଟି କରିଥାଏ । କ୍ୟାନ୍‌ସର ହେବାର ସମ୍ଭାବନା ଏହି କାରଣରୁ ଅଧିକ ବଢିଥାଏ ।

ପ୍ଲାଷ୍ଟିକର ଏହି ଖରାପ ପ୍ରଭାବକୁ ଦୃଷ୍ଟିରେ ରଖି ବିଶେଷଜ୍ଞମାନେ ମାଟି ବୋତଲ, ମାଟି ପାତ୍ର, ତମ୍ବା ପାତ୍ର କିମ୍ବା ବୋତଲ, କାଚ ପାତ୍ର କିମ୍ବା କାଚ ବୋତଲ ବ୍ୟବହାର ଉପରେ ଜୋର୍ ଦେଉଛନ୍ତି । ସେହିପରି ସେରାମିକ୍ ବୋତଲ ବ୍ୟବହାର କରିବା ମଧ୍ୟ ଶରୀର ପାଇଁ ଉପଯୋଗୀ ବୋଲି କୁହାଯାଉଛି । ଏହାଦ୍ୱାରା ଖାଲି ସ୍ୱାସ୍ଥ୍ୟ ନୁହେଁ ପରିବେଶ ପଦୂଷଣକୁ ମଧ୍ୟ ରୋକାଯାଇପାରିବ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି ।




## ସବୁଠୁ ବଡ ରେଡିଓ ଟେଲିସ୍କୋପ୍



ଦିନକୁ ଦିନ ବିଜ୍ଞାନ ଅନେକ ଉନ୍ନତି କରିଚାଲିଛି । ବୈଜ୍ଞାନିକମାନେ ନିଜ ନିଜ ଜ୍ଞାନକୌଶଳ ବ୍ୟବହାର କରି ବେଶ୍ କିଛି ଉଦ୍ଭାବନ କରୁଛନ୍ତି । ବେଶ୍ କିଛି ଗବେଷଣା ଏଭଳି ହେଉଛି ଯାହା ମଣିଷଙ୍କ ପାଇଁ ବରଦାନ ସାଜୁଛି । ବିଭିନ୍ନ ପ୍ରକାରର ନୂଆ ଉପକରଣ ନିର୍ମାଣ ହେଉଛି ଯାହା ଉପଯୋଗୀ ସାବ୍ୟସ୍ତ ହେଉଛି । ସେହିଭଳି ଏକ ଉପକରଣ ନିର୍ମାଣ ହୋଇଛି ଚୀନ୍‌ରେ । ଦୁନିଆର ସବୁଠାରୁ ବଡ ରେଡିଓ ଟେଲିସ୍କୋପ୍ ନିର୍ମାଣ ହୋଇଛି । ତିନିବର୍ଷର ପ୍ରଚେଷ୍ଟା ପରେ ଏହାର ଆରମ୍ଭ କରାଯାଇଛି । ଏହା ସେପ୍ଟେମ୍ବର ୨୦୧୬ ରୁ ପରୀକ୍ଷଣରେ ଥିଲା । ଏହାକୁ ଅନ୍ତରୀକ୍ଷର ଆଖି ନାମରେ ମଧ୍ୟ ଜଣାଯାଉଛି । ମିଡିଆ ରିପୋଟ ଅନୁଯାୟୀ ଗୁଇଝାଓ ପ୍ରାନ୍ତରେ ପାହାଡ ଉପରେ ସ୍ଥିତ ଏହି ଟେଲିସ୍କୋପ୍ ୨୦ ବର୍ଷରେ ପ୍ରସ୍ତୁତ ହୋଇଛି । ଏହା ନିର୍ମାଣ ହେବାକୁ ଆମେରିକା, ବ୍ରିଟେନ୍ ଭଳି ୧୦ ଦେଶର ବୈଜ୍ଞାନିକ ମିଶି ନିର୍ମାଣ କରିଛନ୍ତି । ଏହାକୁ ନିର୍ମାଣ କରିବାରେ ୧୨୦ କୋଟି ଖର୍ଚ୍ଚ ହୋଇଛି । ଚୀନର ଏହି ଟେଲିସ୍କୋପ୍ ଏକ ସେକେଣ୍ଡରେ ୩୮ ଗୀତବାଇଟ୍ (ଜିବି) ଡାଟା ଏକାଠି କରିବାରେ ସକ୍ଷମ । ଦୁନିଆର ସବୁଠାରୁ ସମ୍ବେଦନଶୀଳ ଓ ବଡ ରେଡିଓ ଟେଲିସ୍କୋପ୍‌ଟି ବେଶ୍ ସମ୍ବେଦନଶୀଳ । ଏହି ରେଡିଓ ଟେଲିସ୍କୋପ ନିର୍ମାଣ କରିବାର ମୂଳ ଲକ୍ଷ ହେଲା ଅନ୍ତରୀକ୍ଷରେ ଜୀବନର ସନ୍ଧାନ କରିବା । ଏହା ବ୍ୟତୀତ ଏହାକୁ ଅନ୍ୟ ଗ୍ରହରେ ଥିବା ଲୋକଙ୍କ ବିଷୟରେ ଜାଣିବା ପାଇଁ ବ୍ୟବହାର କରାଯିବ । ଏହି ଟେଲିସ୍କୋପର ନାମ ଫାଇଭ୍ ହଣ୍ଡେଡ୍ ମିଟର ଆପ୍ରୋଚ ସ୍ପେରିକଲ୍ ରେଡିଓ ଟେଲିଫୋନ୍ । ୪୪୫୦ ପ୍ୟାନେଲ୍‌ର ଏଡି ଟେଲିସ୍କୋପ ଆକାରରେ ଗୋଟିଏ ଫୁଟବଲ୍ ଫିଲ୍ଡ ଭଳି ବଡ । ଏହାର ଅନ୍ତରୀକ୍ଷ ରେଞ୍ଜ ଚାରିଗୁଣ ଅଧିକ । ଏହା ଏପର୍ଯ୍ୟନ୍ତ ୪୪ଟି ପଲ୍‌ସର୍‌କୁ ଖୋଜି ସାରିଲାଣି । ପଲ୍‌ସର୍ ଏକ ପ୍ରକାରର ତାରା ଅଟେ ଯାହା ରେଡିଓ ତରଙ୍ଗ ଓ ବିଦ୍ୟୁତ୍ ଚୁମ୍ବକୀୟ ବିକିରଣ କରିଥାଏ ।

## ଯୋଗ ପ୍ରୟୋଗ ସହଜ ବୀରାସନ

ଛିଡାହେବା ଏବଂ ଚାଲିବା ଶରୀରର ପ୍ରମୁଖ କାର୍ଯ୍ୟ । ପାଦ, ଗୋଡ ଏବଂ ଜଙ୍ଘ ଏହି କାର୍ଯ୍ୟ ଲାଗି ବିଶେଷ ଭୂମିକା ଗ୍ରହଣ କରିଥାଏ । ଏଥିରେ ବଳାଗଣ୍ଠି, ଆଣ୍ଠୁ ଓ ନିତମ୍ବ ଅସ୍ଥିର ଯୋଡେଇ ସ୍ଥାନ ଉପରେ ଚାପ ପଡେ । ଏସବୁ ସ୍ଥାନକୁ ସୁସ୍ଥ ଓ ସୁଦୃଢ ରଖିବା ଲାଗି ବୀରାସନ ଖୁବ୍ ସହଜ ଏବଂ ସୁନ୍ଦର ଉପାୟ ।

*ପ୍ରକ୍ରିୟା :*

- ◆ ଟାଣ ଫୋମ୍ ବା ସ୍ୱଞ୍ଜର ଦୁଇଟି ୮X୪X୪ ଇ଼ଞ୍ଚ ଇଟା ନିଅନ୍ତୁ ।
- ◆ ତଳେ ଏକ ଲମ୍ବା ଚଟେଇ କିମ୍ବା ଚାଦର ବିଛାଇ ଚକା ପକାଇ ସଳଖ ଭାବେ ବସିପଡନ୍ତୁ ।
- ◆ ଇଟା ଦୁଇଟିକୁ ଗୋଟିଏ ଉପରେ ଗୋଟିଏ ରଖିବେ ।
- ◆ ନିତମ୍ବ ତଳେ ଯେପରି ଇଟା ରହୁଥିବ ।
- ◆ ଆଣ୍ଠୁ ଦୁଇଟିକୁ ଆରାମରେ ପରସ୍ପର ସହ ଯୋଡି ରଖନ୍ତୁ ।
- ◆ ଧୀରେ ଶ୍ୱାସକ୍ରିୟା ସହ ପ୍ରାୟ ତିନି ମିନିଟ୍ ଏପରି ସ୍ଥିତିରେ ରହିବେ ।
- ◆ ଏବେ ଧୀରେ ଉଠିବା ସହ ଗୋଡଦୁଇଟିକୁ ଆଗକୁ ଲମ୍ବାଇ ଦିଅନ୍ତୁ ।
- ◆ ଚକା ପକାଇ ବସିବେ ଏବଂ କିଛି ସମୟ ଆରାମ କରିବା ପରେ ଏହାର ପୁନରାବୃ୍ତି କରିପାରନ୍ତି ।



## କର୍କଟ ରୋଗରୁ ରକ୍ଷା କରିବ କଲରା

କଲରା ଏକ ହତକାରୀ ପରିବା । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ସପ୍ତାହକୁ ଅନ୍ତତଃ ୨-୩ ଥର କଲରା ଭଜା, କଲରା ଭର୍ତ୍ତା ଇତ୍ୟାଦି ବ୍ୟଞ୍ଜନମାନ ଖାଇବା ଉଚିତ । ଏଥିରେ ଥିବା ବିଭିନ୍ନ ପୋଷକତ୍ତ୍ୱ ମଧୁମେହ ରୋଗ ହେବାର ଆଶଙ୍କା କମ୍ ହୋଇଥାଏ । ଏଣୁ ପିଲା ଠାରୁ ବୟସ୍କ ସମସ୍ତଙ୍କୁ କଲରା ବ୍ୟଞ୍ଜନ ନିୟମିତ ଖାଇବାକୁ ପରାମର୍ଶ ଦିଆଯାଏ । ନିକଟରେ ବ୍ରିଟେନ୍‌ର ଗବେଷକଦଳ ପ୍ରକାଶ କରିଛନ୍ତି ଯେ କଲରା ଖାଇଲେ କର୍କଟ ରୋଗରୁ ମଧ୍ୟ ରକ୍ଷା ମିଳିଥାଏ । ମୂଷାଙ୍କ ଉପରେ ହୋଇଥିବାର ପରୀକ୍ଷାରେ ସଫଳ ହେବା ପରେ ସେମାନେ ୱେବ୍‌ସାଇଟ୍‌ରେ ତଥ୍ୟ ଉଲ୍ଲେଖ କରିଛନ୍ତି । କଲରା ପରିବାରେ ଥିବା ପୋଷାକତ୍ତ୍ୱ କର୍କଟ ଟ୍ୟୁମର୍ ବଢିବା ଓ ବ୍ୟାପିବାକୁ ନିୟନ୍ତ୍ରଣ କରିଥାଏ ବୋଲି ଗବେଷକ ମୁଖ୍ୟଙ୍କ ମତ । ଭାରତର ଅନ୍ୟ ପ୍ରାନ୍ତ ତୁଳନାରେ କେରଳରେ କଲରା ବ୍ୟଞ୍ଜନ ଲୋକେ ଅଧିକ ଖାଇଥାନ୍ତି । ଅନୁସନ୍ଧାନରୁ ଜଣାପଡିଛି ଯେ, ଅନେକ ବର୍ଷ ତଳେ ପ୍ରଥମେ ଚୀନ୍‌ରେ କଲରା ଚାଷ ହୋଇଥିଲା । ପରବର୍ତ୍ତୀ ସମୟରେ ଆଫ୍ରିକା ଓ ଅନ୍ୟ ପ୍ରାନ୍ତରେ କଲରା ବ୍ୟଞ୍ଜନର ଆଦର ବଢିଥିଲା ।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୦ ଜୁନ୍ ୨୦୨୦, ବୁଧବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସଂଶୋଧିତ ଆଇନ....

କରୋନା ମହାମାରୀ ପ୍ରଭାବରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଶ୍ରମିକ ଶ୍ରେଣୀ । ବିଶେଷକରି ଉଦ୍ୟୋଗ ଜଗତ ସମ୍ପୃକ୍ତ ଶ୍ରମିକ, କର୍ମଚାରୀଙ୍କ ସ୍ଥିତି ଅତି ଗୁରୁତର ହୋଇଛି । ଶ୍ରମ ଓ ଶ୍ରମିକ ବିନା ଉତ୍ପାଦନ କଥା ଚିନ୍ତା କରାଯାଇ ନ'ପାରେ । ଯେଉଁସବୁ ଉଦ୍ୟୋଗ ନିଯୁକ୍ତି ଓ ରୋଜଗାର ଯୋଗାଉଥିଲା ତାହା ମହାମାରୀଜନିତ ଲକ୍‌ଡାଉନ୍ ଚାପରେ ବନ୍ଦ ହେବା ପରେ ଶ୍ରମିକ କର୍ମଚାରୀଙ୍କ ଅବସ୍ଥା କହିଲେ ନ'ସରେ । ଭାରତୀୟ ଶିଳ୍ପ ବଣିଜ ଉଦ୍ୟୋଗ ଶ୍ରମବହୁଳ । କରୋନା ଯୋଗୁଁ ଏହା ଅଧିକ ପ୍ରଭାବିତ ହୋଇଛି ଶ୍ରମିକ/କର୍ମଚାରୀଙ୍କ ସ୍ୱଗୃହ ପଳାୟନ କାରଣରୁ । କରୋନା ମହାମାରୀ ଭଳି ଏକ ଚରିତ୍ର ଉପସ୍ଥିତିରେ ଭାରତ ସରକାର ଲୋକଙ୍କ ଜୀବନରକ୍ଷା ପାଇଁ ଦୁଇମାସରୁ ଅଧିକ କାଳ ଲକ୍‌ଡାଉନ୍ ଜାରି କରିବା ପରେ ଏବେ ଏହାକୁ ପର୍ଯ୍ୟାୟକ୍ରମେ ପ୍ରତ୍ୟାହାର କରିବା ଆରମ୍ଭ କରିଛନ୍ତି । ଏହି ନିଷ୍ପତ୍ତି ଏଇଥିପାଇଁ ଯେ କରୋନା ବିରୋଧି ଲଢ଼େଇରେ ମଣିଷର ବିଜୟ ଆଶା କମ୍ ଏବଂ ଜୀବିକା ତଥା ଅର୍ଥନୀତିର ବାଧ୍ୟବାଧକତା ଅଧିକ । ସେଥିପାଇଁ କରୋନା ସହ ବଂଚିବା ଏବଂ ଜୀବିକା ଓ ଅର୍ଥନୀତିକୁ ବଂଚାଇବାର ପ୍ରୟାସ ଆରମ୍ଭ ହୋଇଛି । ଏହାଫଳରେ ଉଦ୍ୟୋଗ ଜଗତରେ ଯେଉଁ ଆଶାର କିରଣ ସୃଷ୍ଟି ହୋଇଛି ସେଥିରେ ବିବାଦୀୟ ରୂପ ନେଇଛି ନୂଆ ଶ୍ରମ ଆଇନ ଓ ନିଯୁକ୍ତି ବ୍ୟବସ୍ଥା ।

ଭାରତରେ ଶ୍ରମ ବ୍ୟାପାରଟି ଯୁଗ୍ମ ତାଲିକାର ବିଷୟବସ୍ତୁ । ଏଥିପାଇଁ ଉଭୟ କେନ୍ଦ୍ର ରାଜ୍ୟ ସରକାର ଆଇନ ପ୍ରଣୟନ କରିଥାନ୍ତି । ରାଜ୍ୟମାନେ ନିଜର ସୁବିଧା ଓ ଆବଶ୍ୟକତା ଅନୁସାରେ ଆଇନ କଲେ ମଧ ଆନ୍ତର୍ଜାତିକ ଶ୍ରମ ସଂଗଠନ ଓ ଶ୍ରମ ନୀତିନିୟମ ସହତ ସହବନ୍ଧିତ । ଏଭଳି ସ୍ଥିତିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏପରି କୌଣସି ନୂଆ ଶ୍ରମ ଆଇନ ପ୍ରବର୍ତ୍ତନ କରିପାରିବେ ନାହିଁ ଯାହା ଆନ୍ତର୍ଜାତିକ ଶ୍ରମନୀତି ଓ ନିର୍ଦ୍ଦେଶାବଳୀର ବିରୋଧାଚରଣ କରୁଥିବେ । ଓଡ଼ିଶା ସମେତ କେତେକ ରାଜ୍ୟ ସରକାର ଏହି ମହାମାରୀ ଓ ଲକ୍‌ଡାଉନ୍‌ର ସୁଯୋଗ ନେଇ ଶ୍ରମ ଆଇନରେ କେତେକ ପରିବର୍ତ୍ତନ କରିଛନ୍ତି । ଏସବୁ ରାଜ୍ୟ ସରକାରଙ୍କର ଯୁକ୍ତି ହେଲା ଯେ ପରିବର୍ତ୍ତିତ ଆଇନ ଶ୍ରମ ଓ ଉଦ୍ୟୋଗଜଗତ ପାଇଁ ଲାଭଦାୟକ ହେବ ଏବଂ ଏହାଦ୍ୱାରା ଶ୍ରମିକ/କର୍ମଚାରୀ ଉପକୃତ ହେବା ସହ ଅର୍ଥନୀତିର ଅବସ୍ଥା ଶୀଘ୍ର ବଦଳିବ । ଶ୍ରମ ଏକ ଅତ୍ୟନ୍ତ ସ୍ପର୍ଶକାତର ପ୍ରସଙ୍ଗ ଏହା ସହିତ ପୁଞ୍ଜି, ଲାଭ, ଉତ୍ପାଦନ, ଶ୍ରମିକ ଓ ମାଲିକ ଆଦି ସମ୍ପୃକ୍ତ ଥିବାରୁ ଶୋଷଣର ଆଶଙ୍କା ଅଧିକ । ସେଥିପାଇଁ ଶ୍ରମିକ/କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ଉଦ୍ଦେଶ୍ୟରେ ଆଇନଗତ ବ୍ୟବସ୍ଥା ସହିତ କିଛି ସାମ୍ବିଧାନିକ ବିଧିବିଧାନ ମଧ ରହିଛି । ଏବେ ଭାରତୀୟ ଶ୍ରମ ବଜାରରେ ଶ୍ରମିକ/କର୍ମଚାରୀଙ୍କ ଅଭାବ ଅଧିକ ଅନୁଭୂତ ହେଉଛି । କ୍ଳାନ୍ତଶ୍ରାନ୍ତ/କର୍ମଚାରୀ ଏବେ ରୋଗ ଭୟରେ ନିଜନିଜର ନିରାପଦ ସ୍ଥାନରେ ବିଶ୍ରାମ ନେଉଛନ୍ତି । ମହାମାରୀ ନ'ହଟିବା ଯାଏ ସେମାନେ କାର୍ଯ୍ୟକ୍ଷେତ୍ରକୁ ଫେରିବାକୁ ଅମଙ୍ଗ । ତେଣୁ ଶ୍ରମ ଆଇନ ସଂଶୋଧନ ସହ ଅଧିକ ଓଭରଟାଇମ୍‌ର ଲୋଭ ଦେଖାଇ ଉଦ୍ୟୋଗସମୂହରେ ସେମାନଙ୍କୁ ପୁନର୍ବାର ନିଯୁକ୍ତି ଦେବାକୁ ବିଭିନ୍ନ ରାଜ୍ୟ ସରକାର ଚେଷ୍ଟିତ । ଶ୍ରମିକ/କର୍ମଚାରୀ ସର୍ବନିମ୍ନ ବୃତ୍ତିଗତ ନିରାପତ୍ତା ଓ ନିଯୁକ୍ତିଗତ ସୁରକ୍ଷା ଲୋଡ଼ନ୍ତି । ଏହା ପାଇବାକୁ ସେମାନେ ମଧ ହକ୍‌ଦାର । ଆହୁରି ମଧ ଏକ ଗୁରୁତର ସଂକଟକାଳରେ ପରିସ୍ଥିତିରରୁ ଫାଇଦା ଉଠାଇ ଶ୍ରମିକଙ୍କୁ ଅଧିକ ସମୟ ଖଟାଇବା ଏବଂ ମନଇଚ୍ଛା ନିଯୁକ୍ତି ଓ ଛଟେଇ କରିବା ଆଇନ ବିରୋଧ । କେନ୍ଦ୍ର ସରକାର ମଧ ଏହି ସଂକଟକାଳରେ ଶ୍ରମ ଆଇନର ପରିବର୍ତ୍ତନକୁ ଦୃଢ଼ ବିରୋଧ କରୁଛନ୍ତି । ଏହା ସତ୍ତ୍ୱେ କେତେକ ବିଜେପି ଶାସିତ ରାଜ୍ୟ ସମେତ ବିଭିନ୍ନ ରାଜ୍ୟ ସରକାର ଶ୍ରମ ଆଇନରର ସଂଶୋଧନ କରି ଏହାକୁ ଅଧିକ କୋହଳ ଏବଂ ମାଲିକସର୍ବସ୍ୱ କରିଦେଇଛନ୍ତି । ଆନ୍ତର୍ଜାତିକ ଶ୍ରମ ସଂଗଠନ ମଧ ଭାରତରେ ଚାଲିଥିବା ଏହି ନୂଆ ଶ୍ରମ ଆଇନକୁ ନା'ପସନ୍ଦ କରି ଏହାକୁ ପ୍ରତ୍ୟାହାର କରିବାକୁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ଭାରତ ଆନ୍ତର୍ଜାତିକ ଶ୍ରମ ସଂଗଠନର ସଦସ୍ୟ ହୋଇଥିବାରୁ ଏହି ପରାମର୍ଶକୁ ଗ୍ରହଣ କରିବାକୁ ବାଧ । ଏହା ସତ୍ତ୍ୱେ ଯାହା ଦେଖାଯାଉଛି ଭାରତ ସରକାର ଉଦ୍ୟୋଗଜଗତର ଚାପ ଅଥବା ଶ୍ରମିକଙ୍କୁ ତୁରନ୍ତ ନିଯୁକ୍ତି ଯୋଗାଇ ଦେବାର ଉଦ୍ଦେଶ୍ୟ ନେଇ ଏ କ୍ଷେତ୍ରରେ ବିଶେଷ ତତ୍ପରତା ପ୍ରକାଶ କରୁନାହାନ୍ତି । ରାଜ୍ୟମାନଙ୍କ ଉପରକୁ ଦାୟିତ୍ୱ ଖସାଇ ଦୋଷଛଡ଼ା ହେବାକୁ ଉଦ୍ୟମ କରୁଥିବା ମନେହେଉଛି । ଭାରତର ମୋଟ ଜନସଂଖ୍ୟାର ଏକ ପଞ୍ଚମାଂଶ ଉଦ୍ୟୋଗ ଓ ଅନ୍ୟାନ୍ୟ ଅଣ-କୃଷିଭିତ୍ତିକ କ୍ଷେତ୍ରରେ ନିଯୁକ୍ତ । ସେମାନଙ୍କ ସୁରକ୍ଷା ଓ ସାମାଜିକ ନିରାପତ୍ତା ପାଇଁ କେନ୍ଦ୍ର ସରକାରଙ୍କ ଦାୟିତ୍ୱ ଅଧିକ । ରାଜ୍ୟ ସରକାରମାନଙ୍କ କାନ୍ଧକୁ ଏଇ ଦାୟିତ୍ୱ ଖସାଇ ଦେଇ ବସିଗଲେ ଚଳିବ ନାହିଁ । ଯେଉଁସବୁ ରାଜ୍ୟରେ ଶ୍ରମ ଆଇନ ସଂଶୋଧିତ ହୋଇଛି ତାହାକୁ ନିଲମ୍ବିତ କରିବା ସହ ଏକ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ସମ୍ପୃକ୍ତ ସରକାର ଓ ଉଦ୍ୟୋଗଜଗତ ସହ କେନ୍ଦ୍ର ସରକାର ଆଲୋଚନା କରନ୍ତୁ । ତା' ନହେଲେ ଦେଶରେ ଶ୍ରମିକ ଶୋଷଣ ଓ ନିର୍ଯାତନା ବଢ଼ିବ ଏବଂ ଏହା ଉଦ୍ୟୋଗଜଗତ ପାଇଁ ଭବିଷ୍ୟତତରେ ଅଧିକ ଅସୁବିଧା ସୃଷ୍ଟି କରିବ । ଏବେ ଏକ ଗୁରୁତତର ସଂକଟଜନକ ସମୟ ଚାଲିଛି । ଏହି ସମୟରେ ବିବେକର ଆଲୋକ ପ୍ରକଳ୍ପିତ ନ'ହେଲେ ଶ୍ରମିକ ସମୁଦାୟଙ୍କର ନାହିଁ ନଥିବା କ୍ଷତି ଘଟିବ । ସାଧୁ ସାବଧାନ ।

# ମୁଁ ଜଣେ ଏଙ୍ଗ୍ଲୋ ଇଣ୍ଡିଆନ

**ପଙ୍କଜ କୁମାର ପାଣିଗ୍ରାହୀ**

ପ୍ରାଚୀନ ଭାରତୀୟ ସଂସ୍କୃତି, ପରମ୍ପରା, ମର୍ଯ୍ୟାଦା, ସାମାଜିକ ସଂସ୍କାର କ'ଣ ଥିଲା, ତାହାର ସ୍ୱଚକ୍ଷୁଦର୍ଶୀ ଅଦ୍ୟାବଧି ନଥିଲେ ମଧ ଆମ ଦେଶର ସାଧାରଣ ପାରିବାରିକ ମନୁଷ୍ୟ ଗୁଡିକୁ ଦେ ନିରୀକ୍ଷଣ କଲେ ମନରେ ପ୍ରଶ୍ନ ଉଠେ, ଆମ ପୂର୍ବ ପୁରୁଷମାନେ ଏକ ବିଡମ୍ବନା ଥିଲେ, ନା ଆମେ ପାଶ୍ଚାତ୍ୟ ସଭ୍ୟତାକୁ ଆପଣେଇ ପ୍ରଗତିର ଅବାସ୍ତବ କୁହେଳିକାକୁ ପ୍ରଶ୍ରୟ ଦେଇ ଏକ କୁତ୍ସିତ ମାନସିକତା ମଧରେ ନିଜକୁ ଦଗ୍ଧ କରୁଛେ ?! ଏକ ବିଶାଳ ବାସ୍ତବବାଦୀ ପ୍ରଶ୍ନର ଉତ୍ତର ଖୋଜି ଅନୁଶୀଳନ କଲେ ଜଣାଯାଏ ଯେ..............

ଭୌଗଳିକ ସ୍ଥିତି ଅନୁଯାଇ ପୃଥିବୀର ବିଭିନ୍ନ ସ୍ଥାନ ତଥା ମହାଦେଶ, ଦେଶ ଏବଂ ଅଞ୍ଚଳ ବିଶେଷକୁ ନେଇ ଭିନ୍ନ ଭିନ୍ନ ଜଳବାୟୁ ଓ ପାଣିପାଗର ଉପସ୍ଥିତି ହେତୁ ପ୍ରତ୍ୟେକ ଦେଶର ମନୁଷ୍ୟ ମାନଙ୍କ ମଧରେ ବିଭିନ୍ନତା ଦେବାକୁ ମିଳେ ! ତଥା ପ୍ରତ୍ୟେକ ପରିସୀମା ପରିଧି ମଧରେ ଏକ କିସମର ଗୋଷ୍ଠୀଯୁକ୍ତ ମନୁଷ୍ୟ ଦେବାକୁ ମିଳେ ଯାହା ଅନ୍ୟ ଏକ ସ୍ଥାନର ମନୁଷ୍ୟଙ୍କ ମଧରେ ଅନେକ ଅସାମଞ୍ଜସ୍ୟ ପ୍ରଦର୍ଶନ କରିଥାଏ ! ଅର୍ଥାତ ପୃଥିବୀର ବିଭିନ୍ନ ଦେଶର ମନୁଷ୍ୟ ମାନଙ୍କ ରଙ୍ଗ, ରୂପ, ମାନବିକ ଚିନ୍ତାଧାରା, ସାମାଜିକ ଜୀବନ ଧାରଣ ଶୈଳୀ, ମାନବିକ ମୂଲ୍ୟବୋଧତା, ସାମାଜିକ ସଂସ୍କାର ତଥା ସର୍ବୋପରି ସେମାନଙ୍କ ଚଳଣି ହାବଭାବରେ ଅନେକ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ ! ଏହି ମାନସିକତା ଅନେକ ସମୟରେ ମନୁଷ୍ୟର ନିଜସ ଚିନ୍ତାଧାରାରୁ ସୃଷ୍ଟି ହେଉଥିବା ବେଳେ ତାହାର କାରଣ ସମ୍ପୂର୍ଣ୍ଣରୂପେ ପ୍ରକୃତିର ଉପାଦାନ ଗୁଡିକର ପ୍ରଭାବରୁ ହେଉଥିବା ଅସ୍ୱୀକାର କରିହେବ ନାହିଁ ! ହେଲେ ଉକ୍ତ ଅସାମଞ୍ଜସ୍ୟତା ହେତୁ ମନୁଷ୍ୟ ସମାଜରେ ଗୋଟିଏ ଦେଶରୁ ଆଉଗୋଟିକୁ ଅନେକ ପ୍ରଭାବ ପଡିଥାଏ ଯାହାର ଭଲମନ୍ଦ ସାଧାରଣ ମନୁଷ୍ୟ ସହଜରେ ଅନୁଶୀଳନକରି ଜାଣିନପାରି ଅନେକ ସମୟରେ ପଥହରା ହୋଇଯାଏ !!

ଭାରତୀୟ ସଂସ୍କୃତି ତଥା ସାମାଜିକ ସଂସ୍କାର ପୃଥିବୀର ସର୍ବପ୍ରାଚୀନ ଏବଂ ସର୍ବୋତ୍କୃଷ୍ଟ ଥିବା ସର୍ବଜନ ବଦିତ ପ୍ରାଚୀନ ଭାରତୀୟ ସମାଜ ହିନ୍ଦୁଧର୍ମକୁ ଭିନ୍ନତମ ଓ ଅପରିହାର୍ଯ୍ୟର ମାନ୍ୟତା ଦେଇ ଏକ ସୁସ୍ଥ ମାନବିକ ମୂଲ୍ୟବୋଧ ସମାଜ ଗଠନ ଦିଗରେ ପ୍ରୟାସରତ ଥିଲା ! ଭାରତର ଭୌଗଳିକ ସ୍ଥିତି ଅନୁଯାଇ ବହୁ ଜ୍ଞାନୀ, ଗୁଣି ଦାର୍ଶନିକ ଏହି ଦେଶରେ ଜନ୍ମ ଲାଭ କରିବାର ସୁଯୋଗ ପ୍ରକୃତି ଦେଇଥିବା ହେତୁ ଅତ୍ୟନ୍ତ ଉନ୍ନତ ପରିବେଶରେ ସଂସ୍କୃତି ଓ ସଭ୍ୟତା ଗଢି ତୋଳିଥିଲା ହିନ୍ଦୁ ସମାଜ ! କିନ୍ତୁ ଭଲ ସହିତ ମନ୍ଦର ସମଷ୍ଟି ଅନିବାର୍ଯ୍ୟ ହେତୁ କେତେକ ମନ୍ଦ ଉଦ୍ଦେଶ୍ୟଧାରୀ ମଣିଷ ମଧ ଜନ୍ମ ହୋଇଥିବା କିଛି ବିଚିତ୍ର ନୁହେଁ ! ଅର୍ଥାତ ସେହି ମନ୍ଦ ଉଦ୍ଦେଶ୍ୟଧାରୀ ମଣିଷ କୁଚକ୍ର ଏବଂ ଅନ୍ୟକୁ ପ୍ରତାରଣା କରି ଉଚ୍ଚାସନରେ ଅଭିଷିକ୍ତ ହେବା ପାଇଁ ସଦା ସର୍ବଦା ପ୍ରୟାସରତ ଥିଲେ ! ଅତଏବ ହିନ୍ଦୁ ଧର୍ମକୁ ପଥଭ୍ରଷ୍ଟ କରି ସେଥିରେ ଅନେକ କୁସଂସ୍କାର ତଥା ଉଚ୍ଚ ନୀଚ, ଜାତି ଭେଦ, ଛୁଆଁ ଅଛୁଆଁ ଆଦି ଭେଦଭାବ ସୃଷ୍ଟି କରି ଅଜ୍ଞାନ ଲୋକଙ୍କୁ ଶିକ୍ଷାର ବହିର୍ଭାଗରେ ର ସେମାନଙ୍କୁ ପ୍ରତାରଣା କରି ସାମାଜିକ ସ୍ତରରେ ନିମ୍ନଗାମୀ କରି ରଥିଲେ ବାହୁବଳୀମାନେ ! ତଥାପି ଭାରତୀୟ ଭାବେ ସେମାନେ ସଂସ୍କାରକୁ ଅନୁକରଣ କରି ନିଜର ମାନବିକ ମୂଲ୍ୟବୋଧକୁ ବଜାୟ ରଥିଲେ ଅନେକ ଶତାବ୍ଦୀ ପର୍ଯ୍ୟନ୍ତ ! ଇତି ମଧରେ ମନୁଷ୍ୟ ମନରେ କଳୁଷିତ ଚିନ୍ତାଧାରା ତଥା ମନ୍ଦ ଉଦ୍ଦେଶ୍ୟ ଗୁଡିକ ପ୍ରଖର ହେବାକୁ ଲାଗିଲା ! ଅର୍ଥାତ କିଛି ଚତୁର ମନୁଷ୍ୟ ଅଜ୍ଞାନ ଶାନ୍ତ ସରଳ ମନୁଷ୍ୟ ମାନଙ୍କୁ ବିଭିନ୍ନ ଉପାୟରେ ଠକି ସେମାନଙ୍କ ମନରେ ପ୍ରାକୃତିକ ବିପର୍ଯ୍ୟୟ ଓ ତହିଁରୁ ରକ୍ଷାକାରୀ ଏକ ଅବାସ୍ତବ କାଳ୍ପନିକ ଭଗବାନ ବା ସର୍ବ ଶକ୍ତିମାନର ଭୟ ସେମାନଙ୍କ ମନରେ ସଞ୍ଚାର କରିବାକୁ ଲାଗିପଡ଼ିଲେ ! ପରିତାପର ବିଷୟ ଏହିକିଯେ ନିଛନ୍ଦ ନିରୀହ ମନୁଷ୍ୟ ଗୁଡିକ ଅଜ୍ଞାନତା ବଶତଃ ସେମାନଙ୍କ ପ୍ରରୋଚନାରେ ପଡି ସେହି ଅନ୍ଧ ବିଶ୍ୱାସ ପଛରେ ମାତି ସେମାନଙ୍କୁ ଅନୁକରଣ କରିବା ଆରମ୍ଭ କଲେ ! ଇତି ମଧରେ ଆଉ କିଛି ବାହୁବଳୀ ତଥା ଶକ୍ତିଶାଳୀ ମନୁଷ୍ୟ ସେହି ନିରୀହ ମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କ ଠାରୁ ତାଙ୍କରି ଦ୍ୱାରା ଆଦାୟ ଖାଦ୍ୟ ଶସ୍ୟକୁ ଜୋର ଜବରଦସ୍ତ ଅକ୍ତିଆର କରି ସେମାନଙ୍କୁ ଦମନ କରି ରବା ଆରମ୍ଭ କଲେ ! ହେଲେ ସେମାନେ ଏହି ଶାରୀରିକ ଦୁର୍ବଳ କିନ୍ତୁ ମାନସିକ ଶକ୍ତିଶାଳୀ ଚତୁର ମନୁଷ୍ୟ ମାନଙ୍କୁ ପ୍ରଭାବିତ କରିପାରୁ ନଥିଲେ !!

ଏହିଭଳି ଅନେକ ବର୍ଷ ଅତିକ୍ରମ ହେବା ପରେ ଧୀରେ ଧୀରେ ବାହୁବଳୀମାନେ ଅନ୍ୟ ମାନଙ୍କୁ ଆକ୍ରମଣ କରି ତାଙ୍କରି ପାଖରୁ ଖଜଣା ସ୍ୱରୂପ ସେମାନଙ୍କ ଆଦାୟର କିଛି ନିର୍ଦ୍ଦିଷ୍ଟ ଅଂଶ କ୍ରମାନୁଗତ ଭାବେ ଅକ୍ତିଆର କରି ନିଜର କୋଷ ଭରିବାକୁ ଲାଗିଲେ ! ଅର୍ଥାତ କାଳ କ୍ରମେ ସେମାନେ ନିଜକୁ ଧନୀ ବୋଲି ପରିଚୟ ଦେଇ ଆହୁରି ଅଧିକା ସାମ୍ରାଜ୍ୟ ବିସ୍ତାର ପୂର୍ବକ ଆକ୍ରମଣକାରୀ ପରାକ୍ରମ ଦେଖାଇ ଆରମ୍ଭ କଲେ ଏକ ନୂତନ ଅଧ୍ୟାୟ, ଯାହାଙ୍କୁ ସାଧାରଣ ଦୁର୍ବଳ ଶ୍ରେଣୀର ଜନତା ଭୟରେ ରାଜା (ଅର୍ଥାତ ପରାକ୍ରମଶାଳୀ ମନୁଷ୍ୟ) ବୋଲି କହିବା ଆରମ୍ଭ କଲେ ! ଇତିମଧରେ ସମାଜର ଜ୍ଞାନୀ ତଥା ଚତୁର ମନୁଷ୍ୟମାନେ ଏହି ଦୁଇ ଗୋଷ୍ଠୀଙ୍କ ମଧବର୍ତ୍ତୀ ସୋପାନରେ ଥିଲେ କାଳକ୍ରମେ ଏହି ଜ୍ଞାନୀ, ଗୁଣି ଲୋକମାନେ ମଧ ଉକ୍ତ ବାହୁବଳୀମାନଙ୍କ ଠାରେ ସମ୍ମାନିତ ହୋଇ ଅର୍ଥାତ ସେମାନଙ୍କ ପରାମର୍ଶଦାତା ଭାବେ କାର୍ଯ୍ୟ କଲେ ! ହେଲେ ଏହି ବାହୁବଳୀ ଏବଂ ଜ୍ଞାନୀ ମାନଙ୍କ ସଂଖ୍ୟା ଅଜ୍ଞାନ ଅଶିକ୍ଷିତ ମାନଙ୍କ ତୁଳନାରେ ଆଶାତୀତ କମ ଥିଲେ ମଧ ସେମାନେ ଏହି ବିଶାଳ ଗୋଷ୍ଠୀକୁ ନିଜ ନିୟନ୍ତ୍ରଣାଧିନ କରି ଶାସନ କରିବାରେ ସମର୍ଥ ହୋଇ ପାରିଲେ ! ଯାହା ହେଉ ଉଚ୍ଚ ନୀଚ, ବଡ ସାନ ଆଦି ଭେଦଭାବ ଥାଇ ମଧ ବା ଅଜ୍ଞାନ ସରଳ ଦୁର୍ବଳ ମନୁଷ୍ୟ ଗୁଡିକୁ ଶିକ୍ଷା ଅର୍ଜନ କରିବାର ସୁଯୋଗ ନଥାଇ ମଧ ଏକ ମାନବିକ ମୂଲ୍ୟବୋଧ ଯୁକ୍ତ ସମାଜ ଗଠିତ ହୋଇଥିଲା ସର୍ବୋପରି ଆମ ଦେଶ ଭାରତ ବର୍ଷରେ ! ଇଂରେଜ ମାନଙ୍କ ଆଗମନ ପରେ ସେମାନଙ୍କ ମାୟାଜାଲକୁ ବୁଝି ନପାରି କିଛି ବାହୁବଳୀ (ରାଜା) ସେମାନଙ୍କ ଚତୁରତାର ଶିକାର ହୋଇ ପ୍ରଶ୍ରୟ ଦେଲେ ବ୍ୟବସାୟ କରିବା ପାଇଁ ଇଂରେଜମାନେ ବିଶ୍ୱର ସର୍ବପ୍ରଥମ ଚତୁର ଏବଂ କୁଚକ୍ରୀ ମାନସିକତା ପ୍ରବଣ ମନୁଷ୍ୟ ଥିଲେ ! ତେଣୁ ସେମାନେ ଧୀରେ ଧୀରେ ଆମ ଦେଶର ସରଳ ଲୋକମାନଙ୍କ ମନକୁ ମୋହିତକରି ପରବର୍ତ୍ତୀ ପର୍ଯ୍ୟାୟରେ ଏକ ବିଶାଳ କଠୋର ରାଜତନ୍ତ୍ର ଆରମ୍ଭକରି ଶାସନ କରିବାକୁ ଲାଗିଲେ ଭାରତୀୟ ମାନଙ୍କୁ ! ଦେଶର ତଥାକଥିତ ସମସ୍ତ ବାହୁବଳୀ ମାନଙ୍କୁ ଦମନ କରି ବିସ୍ତାର କଲେ ଏକ ବିଶାଳ ଇଂରେଜ ଶାସିତ ଅଞ୍ଚଳ ! ହେଲେ ସେମାନଙ୍କ ଦୁରଦୃଷ୍ଟି ଏତେ ଅଧିକ ଥିଲାଯେ ଏମିତି କିଛି ଚକ୍ରାନ୍ତ ମୂଳକ ଆଇନ ତଥା ସାମାଜିକ ବ୍ୟବସ୍ଥା ଆମ ଦେଶରେ ପ୍ରଣୟନ କଲେ ଯାହାକୁ ଆମେ ଏପର୍ଯ୍ୟନ୍ତ ଏକବିଂଶ ଶତାବ୍ଦୀରେ ପଦାର୍ପଣ କରି ମଧ ବୁଝିନପାରି ତାକୁ ଅନୁକରଣ କରି ଚାଲିଛେ ! କର୍ପୂର ଉଡି ଯାଇଅଛି ହେଲେ ଇଂରେଜ ମାନଙ୍କ କନା ଖାଲି ପଡି ରହିନି ବରଂ ସମଗ୍ର ଦେଶକୁ ଏକ କୁତ୍ସିତ ମାନସିକତା ପ୍ରବଣ କରି ର ସାଧାରଣ ଜନତାଙ୍କୁ ଦିବା ନିଶି ଅହ ରହ ସମସ୍ୟା ଘେରରେ ର ଅର୍ଶାନ୍ତି ଜୀବନ ଯାପନ କରାଉଛି ! କ'ଣ କଲେ ସେମାନେ ଯାହା ଆମର ମେରୁଦଣ୍ଡ ଭାଙ୍ଗିଦେବା ସହିତ ଆଦୀ ଆଗକୁ ଅଗ୍ରସର ହେବା ପାଇଁ ଦେଉନାହିଁ, ବିଚାର କଲେ ବୁଝି ହେବ । ଭାରତର ସର୍ବପ୍ରଥମ, ଏକମାତ୍ର ପ୍ରାଚୀନ ଶାଶ୍ୱତ ସର୍ବଶ୍ରେଷ୍ଠ ସନାତନ ଧର୍ମ ମନୁଷ୍ୟକୁ ମାନବବାଦୀ ଧର୍ମର ପରିଭାଷା ବ୍ୟକ୍ତ କରି ଏକ ଉତ୍ତମ ମନୁଷ୍ୟ ସମାଜ ଗଠନ ଦିଗରେ ଉଦ୍ୟମରତ ଥିଲା ! ଇତି ମଧରେ କିଛି ସ୍ୱାର୍ଥ କେନ୍ଦ୍ରିକ ହିନ୍ଦୁ ଧର୍ମାବଲମ୍ବୀ ସନାତନ ଧର୍ମକୁ ଗୁପିଦେଇ ନିଜସ ସ୍ୱାର୍ଥ ହାସଲ ଦିଗରେ ଅନେକ କୁସଂସ୍କାର ଅବାସ୍ତବ ଅହେତୁକ ତଥ୍ୟ ପ୍ରୟୋଗ କରି ଲୋକ ମାନଙ୍କୁ ଠକି ଚାଲିଥିଲେ ମଧ ମାନବିକତାର ପରିଚିତି ଯଥେଷ୍ଟ ଅଧିକ ଥିଲା ଭାରତୀୟ ମାନଙ୍କର ଉଦାହରଣ ସ୍ୱରୂପ ସେମାନେ ଅଜ୍ଞାନ ବଶତଃ ଅନେକ କାଳ୍ପନିକ ଦେବା ଦେବୀଙ୍କୁ ପୂଜା ଅର୍ଚ୍ଚନା କରି ତଥା କଥିତ ଚତୁର ଲୋକଙ୍କ ଠକାମିର ଶିକାର ହେଉଥିଲେ ମଧ ମାନବ ଧର୍ମ ତଥା ଭ୍ରାତୃଭାକୁ କେବେ ହେଲେ ଜଳାଳି ଦେଇନଥିଲେ ! ଅର୍ଥାତ କୂଚକ୍ରାନ୍ତ କରି ଅନ୍ୟର କ୍ଷତି କରିବା, କାହାର ଧନ ଚୋରି କରିବା, କାହାକୁ ଭିକ୍ଷା ମାଗିବା, ସାଧାରଣ ମନୁଷ୍ୟ ମାନଙ୍କୁ ନିହତ କରିବା କିମ୍ବା ସର୍ବୋପରି କୌଣସି ମତେ କାହାର ଅନିଷ୍ଟ କରି ନିଜେ ସ୍ୱାର୍ଥବାଦିତାର ଶୀର୍ଷରେ ନରହି ଭ୍ରାତୃଭା ସଞ୍ଚାର କରିବା ଥିଲା ସେମାନଙ୍କ ମୂଳ ସାମାଜିକ ସଂସ୍କାର ଏବଂ ଯେତେ ଯାହା ହେଲେ ମଧ ସାଧାରଣ ମନୁଷ୍ୟଟିଏ ତା'ର ପାରମ୍ପରିକ ସ୍ୱାଭିମାନକୁ ଭୁଲି ଯାଉନଥିଲା କୌଣସି ମତେ ନିଜ ସ୍ୱାର୍ଥ ପାଇଁ ! ଅତଏବ ମାନବିକତାର ପରିଚିତିକୁ ବଜାୟ ରବା ପାଇଁ ବଚନବଦ୍ଧତା ତଥା ସେଥିପାଇଁ ଯେତେ ଦୁଃଖ କଷ୍ଟ କିମ୍ବା କ୍ଷତି ସହନ କରିବାକୁ ହେଲେ ମଧ ନିଜର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବାକୁ ଆଦୀ ପ୍ରଶ୍ରୟ ଦେଉନଥିଲେ ଆମ ପୂର୍ବଜ !

ଇଂରେଜ ମାନେ ଚତୁରତାର ସହ ଏମିତି ଜଟିଳ ସମସ୍ୟାରେ ବାନ୍ଧିଦେଲେ ସେହି ନିରୀହ ମାନଙ୍କୁଯେ ଧୀରେ ଧୀରେ ସେହିସବୁ ସାମାଜିକ ସଂସ୍କାର ବିଲୁପ୍ତ ହେବାକୁ ଲାଗିଲା ଭାରତୀୟ ସଂସ୍କୃତିରେ ! ଚୋରି, ରାହାଜାନି, ଠକାମୀ, ହତ୍ୟା ସର୍ବୋପରି ପରସ୍ପର ମଧରେ ବାଦ ବିବାଦ, ପ୍ରତିଦ୍ୱନ୍ଦିତା ଆଦି କୁତ୍ସିତ ମାନସିକତା ବୃଦ୍ଧି ହେଲା ସମାଜରେ ! ଲୋକ ମାନେ ନିଜସ ସ୍ୱାର୍ଥ ହେତୁ ଅନ୍ୟାୟ ଅତ୍ୟାଚାର କୁକର୍ମ ଚୋରି ଠକାମୀ ଆଦି କରିବାକୁ ଭଲ ପାଇଲେ ! ସେଥିରେ ସେମାନଙ୍କୁ ଅବାସ୍ତବ କ୍ଷଣ ସୁଖ ମିଳିଲା ! ତେଣୁ ନୈତିକତା ଭାବାପନ୍ନ ଚେତନାଶକ୍ତି ହିନ୍ଦୁ ସମାଜରୁ ଲୋପ ପାଇବା ସଙ୍ଗେ ସଙ୍ଗେ ଅନ୍ଧ ବିଶ୍ୱାସ ଏବଂ ପରସ୍ପର ମଧରେ ଦ୍ୱେଷ ଭାବ ଜାଗ୍ରତ ହେଲା ସେମାନଙ୍କ ମନରେ ! ସନାତନ ଧର୍ମର ସଂସ୍କାର ଗୁଡିକ ବିଲୁପ୍ତ ହୋଇ ଅନ୍ଧ ହିନ୍ଦୁ ସମାଜକୁ ଅଧିକ ଉତ୍ପାଦ ଯୋଗାଇଲା ଇଂରେଜ ସଂସ୍କୃତି ଯାହା ଜନ ମାନସକୁ ବିକୃତ କରିଦେଲା ! ହିନ୍ଦୁ ସମାଜର ସଂସ୍କାରପୂର୍ଣ୍ଣ ସଂସ୍କୃତ ଭାଷାକୁ ଏକ ଅନୁନ୍ନତ ଭାଷା ବୋଲି କହି ଇଂରେଜ ଭାଷାରେ ଶିକ୍ଷା ଦେବା ଆରମ୍ଭ କଲେ ସେମାନେ କାଳକ୍ରମେ ଇଂରେଜ ଭାଷାର ଆଦୃତତା ବଢି ଚାଲିଲା ବିଦେଶୀ ଭାଷା କେବଳ କାହିଁକି ବିଦେଶୀ ସାମଗ୍ରୀ ଠାରୁ ଆରମ୍ଭ କରି ସେମାନଙ୍କର ସମସ୍ତ ବିଷୟ ଗୁଡିକ ପ୍ରତି ଏକରକମ ଅହେତୁକ ଆଦର ଶୃଷ୍ଟି କରାଗଲା ଜନ ମାନସରେ ଯାହା ଏ ପର୍ଯ୍ୟନ୍ତ ନିର୍ଦ୍ଦ୍ୱନ୍ଦରେ ଚାଲିଛି ଆମ ଦେଶରେ ! କୋଟି କୋଟି ଭାରତୀୟ ଭାରତ ମାତାର ଜୟ ଗାନ କରି ଜନ୍ମ ମାଟି ପାଇଁ ପ୍ରାଣ ଦେବାଠାରୁ ଦେଶ ଭକ୍ତି ଗୀତ ରଚନା ଓ ସ୍ମରଣିକା ପ୍ରବାହ କରୁଥିଲେ ମଧ କାହିଁକିର ଉତ୍ତର ନଖୋଜି କିମ୍ବା ଅଜ୍ଞାନ ବଶତଃ ଅନ୍ଧ ହୋଇ ସେହି ଇଂରେଜ ମାନଙ୍କ ପ୍ରତି ଏକ ରକମ ଦୁର୍ବଳତା ରହିଯାଇଅଛି ଯେମିତି ଆମ ଜିନରେ !! ଏକ ନିରାଟ ସ୍ୱୟଂକୁ ପ୍ରମାଣ କରିବାକୁ ହେଲେ ଏକ ସାଧାରଣ ଉଦାହରଣ ଯଥେଷ୍ଟ ହେବ ଏହିଠାରେଯେ, ଯଦି ଜଣେ ଅଜ୍ଞାନ ଅଶିକ୍ଷିତ ବ୍ୟକ୍ତି ମଧ ଥରେ ଭାରତୀୟ ବୋଲି ନିଜକୁ ଗର୍ବ ଅନୁଭବ କରେ ଆଉ ସିଏ ଯଦି ପ୍ରକୃତ ଭାରତ ମାତାର ସନ୍ତାନ ବୋଲି ନିଜକୁ ପରିଚୟ ଦେବାକୁ ଗର୍ବିତ ହୁଏ ତାହେଲେ କ୍ରିକେଟ ଭଳି ଏକ ଅନୁନ୍ନତ ଏବଂ ବେକାର ଖେଳକୁ ସେ ଘୃଣା କରିବାକୁ ଲାଗିବ, ଯେତେବେଳେ ତାହାଠାରୁ କେତେ ଉନ୍ନତ ଖେଳ ଆମଦେଶରେ ଥିଲା ଯେମିତି ହକି ହେଉ ବା ଭଲିବଲ ! କିନ୍ତୁ ଇଂରେଜ ମାନେ ଆମ ମନରେ ଏମିତି କିଛି ବିଷ ଭରିଦେଇ ଚାଲିଯାଇଛନ୍ତି ଯେ ଆମକୁ ସେମାନଙ୍କ ଯାହା ହେଲେ ଏତେ ଭଲ ଲାଗୁଛିଯେ ସେମାନଙ୍କ କୀର୍ତ୍ତି ରାଜିକୁ ବଜାୟ ରବା ପାଇଁ ସତେ ଯେମିତି, ଆମେ ଲକ୍ଷ ଲକ୍ଷ କୋଟି ଟଙ୍କା ବର୍ଷ ସାରା ଖର୍ଚ୍ଚ କରୁଛେ ତାଙ୍କରି ପାଇଁ ଯୋଉଠେ ଆମ ଗରିବ ମାନେ ଭଲରେ ଦୁଇ ବେଳା ଖାଇବାକୁ ପାଉନାହାନ୍ତି !! ଏହି ଉଦାହରଣଟି ଆରମ୍ଭ ମାତ୍ର ! ଏମିତି ଆହୁରି ଅନେକ କଥା ଅଛି ଯଦ୍ୱାରା ଆମେ କେବଳ ଅମାପ କ୍ଷତି ସହି ସେମାନଙ୍କ କୀର୍ତ୍ତି ରାଜିକୁ ବଜାୟ ରବା ପାଇଁ ଆମ ଲୋକଙ୍କୁ କାଙ୍ଗାଳ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛୁ ତାଙ୍କରି ପାଇଁ ! ଏହା ଆମର ଅଜ୍ଞାନତା ନା ସେମାନଙ୍କ ପ୍ରତି ସଦଭାବନା ?!! ଏହା ଆମର ଅମାନୁଷିକତା ର ପରିଚୟ ଦେଉଛି ନା ଆମର ସରଳତା ଏଠାରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ?!!

ପୁଣି ସେମାନଙ୍କ ଚତୁରତାର ପରିସୀମା ଅମାପ !! କାରଣ ସେମାନେ କିଛି ଚତୁର ଗୋଷ୍ଠୀ ଯେତେବେଳେ ତାଙ୍କ ଦେଶରୁ ସେହି ସମୟରେ ରାଜତନ୍ତ୍ରକୁ ଗଣତନ୍ତ୍ର ଭଳି ପ୍ରଦର୍ଶନ ପୂର୍ବକ ସେହି ସମୟର ଶାସକ ମାନଙ୍କୁ ସୁହାଇଲାଭଳି ତାଙ୍କର ସମ୍ବିଧାନ ତିଆରି କରିଥିଲେ !! ଆଜିକା ଦିନରେ ସେମାନଙ୍କ ସମ୍ବିଧାନ କେତେଯେ ପରିବର୍ତ୍ତନ ହେଲାଣି ତାହାର ସୀମା ନାହିଁ !! କିନ୍ତୁ ଅତ୍ୟନ୍ତ ପରିତାପର ବିଷୟଯେ ସେହି ସମୟରେ ସେମାନଙ୍କ ସମ୍ବିଧାନକୁ କପିକରି ଲେଖା ଯାଇଥିବା ଭାରତୀୟ ସମ୍ବିଧାନ ଦୀର୍ଘ ସତୁରି ବର୍ଷ ପରେ ମଧ ଅପରିବର୍ତ୍ତିତ ରହିଛି !! ସତେ ଯେମିତି ଆମ ଦେଶରେ କେହି ଆଉ ଜ୍ଞାନୀ ଗୁଣି ମନୁଷ୍ୟ ଏପର୍ଯ୍ୟନ୍ତ ଜନ୍ମ ହୋଇନାହାନ୍ତି ତାକୁ ସୁଧାରିବା ପାଇଁ ?!! ନା ଏହା ଆମର ଅଜ୍ଞାନତା ଅଥବା ସେମାନଙ୍କପ୍ରତି ସଦଭାବନା ପ୍ରଶ୍ନବାଚୀ ସୃଷ୍ଟି କରେ ଏଇଠି ଆମ ମନରେ ?!! ଅତଃ ସେମାନଙ୍କ ଦ୍ୱାରା ପ୍ରଚଳିତ ତଥା କଥିତ ସାହେବ ଦାସ ପ୍ରଥା ଏପର୍ଯ୍ୟନ୍ତ ଚାଲିଛି ଆମ ଦେଶରେ !! ଗଣତନ୍ତ୍ରର ଅର୍ଥ ହିଁ ଜଣା ନାହିଁ ଏଠି କାହାକୁ ! କିନ୍ତୁ ସର୍ବ ସାଧାରଣଲୋକ ଭାରତ ଏକ ସାଧାରଣତନ୍ତ୍ର ଦେଶ ବୋଲି କୁହେଳିକା ସୃଷ୍ଟି କରି ଭାରତ ମାତାର ମିଥ୍ୟା ଜୟ ଗାନ କରିବୁଲୁଛନ୍ତି !!

ବାସ୍ତବିକ ଏମିତି କିଛି ଅଲୌକିକ ଶାସନ ତନ୍ତ୍ର ଏବଂ ମନୋଭାବ ଭରିଦେଇଛନ୍ତି ଆମ ମନ ମାନସରେ ଯାହା ଆମେ ନିର୍ଦ୍ଦ୍ୱନ୍ଦରେ ତାକୁ ଏକ ଶେଷ ଅସ୍ତ୍ର ଓ ମନ୍ତ୍ର ଭଳି ଭାବୁଛେ ଯାହାର କୌଣସି ବାସ୍ତବବାଦୀ ପ୍ରାକୃତିକ କାରଣ ନାହିଁ !! ଭାରତୀୟ ମାନେ ପୂର୍ବରୁ ବହୁତ କର୍ମଠ ଏବଂ ସାହସୀ ଥିଲେ ଇଂରେଜ ମାନେ ଠିକ ତାହାର ବିପରୀତ ତଥା ଠକ ଏବଂ ଭୀରୁ ଥିଲେ ! ତେଣୁ ସେମାନଙ୍କ ମାନସିକତାକୁ ନେଇ ସେମାନେ ଯାହା ଭାବୁଥିଲେ କିମ୍ବା କରୁଥିଲେ ସେହିସବୁ ଆମ ମନମାନସରେ ଭାରି ଦେଇ ଆମକୁ ମଧ ଅଳସୁଆ ଏବଂ ଭୀରୁ କରିଦେଲେ !!

ହେଲେ କ'ଣ ଏମିତି କଲେ ସେମାନେ ଯାହା ଆମକୁ ଅଗ୍ରଗତି କରାଇବାରେ ଅସମର୍ଥ କରିଦେଇଛି, ବିଚାର କଲେ ବୁଝି ହେବ ଯାହା ଏପର୍ଯ୍ୟନ୍ତ ଆମ ଦେଶରେ କେହିହେଲେ ଭାବିନାହାନ୍ତି କି ଅନୁଶୀଳନ କରିନାହାନ୍ତି ତାହାର କାରଣ ଗୁଡିକୁ ! ତଥାପି ଆମେ ଆଜିକା ଦିନରେ ମଧ ନିଜକୁ ଏଙ୍ଗ୍ଲୋ ଇଣ୍ଡିଆନ ଭଳି ପ୍ରଦର୍ଶନ କରିବାକୁ ଆଦୀ କୁଣ୍ଠାବୋଧ ନକରି ବରଂ ଗର୍ବିତଯେ କୌଣସିମତେ ଆମେ ସେମାନଙ୍କଠାରୁ ନିଜକୁ ମୁକ୍ତ କରିଦେଇ ନିଜେ ନିଜକୁ ଶାସନ କରୁଛେ, ଯାହା ସେମାନଙ୍କ ଦ୍ୱାରା ପରୋକ୍ଷରେ ପରିଚାଳିତ ପ୍ରଥା ଦ୍ୱାରା !

ପୁଣି ଆସନ୍ତା ସମୟରେ ଆହୁରି ଅନେକ ବିଷୟରେ ଏହିଭଳି ଆଲୋଚନା କରାଯିବା ସହିତ ଜନସାଧାରଣଙ୍କ ମାନସିକତାର ଆଲୋଡିତ ବିଚାରଗତ ତଥ୍ୟ ଅପେକ୍ଷାରେ ରହିଲି.......!

ଧନ୍ୟବାଦ

+ ସୋସିଆଲ ଫୋରୁମ

ଛତରପୁର, ଗାମ.

# ଆସ ଦେଶବାସୀ ଆସ




**ଅରୂପ କୁମାର ବିଶ୍ୱାଳ**

ବିଦେଶୀ ମାୟାରେ ବାଇଆ ହୋଇଲେ
ଦେଶର କି ଶୁଭ ଗଣି,
ମରିଚିକା ପଛେ ଧାଇଁଲେ କି କେବେ
ମିଳିଥାଏ ସ୍ୱଚ୍ଛ ପାଣି ।

ବିଦେଶୀ ଜିନିଷ ମହାକାଳ ଫଳ
ମନକୁ ସେ ମୋହିନିଏ,
ଥରେ ତା ପାଲରେ ପଡ଼ିଗଲେ ଜାଣ
ଅଳସୁଆ କରି ଦିଏ ।

ଦେଶର ନିର୍ମାଣ କରିବାକୁ ହେଲେ
ବିଦେଶୀ ବର୍ଜନ କର,
ଏଇଠି ରହିଛି ସମସ୍ତ ସମ୍ବଳ
ଆଜିହିଁ ପରୀକ୍ଷା କର ।

ମାନବ ସମ୍ବଳ, ଖଣିଜ ସମ୍ବଳ
ରହିଛି ଏଇ ମାଟିରେ,
ମାଆ ଡାକୁଅଛି ଆସରେ ସନ୍ତାନ
ସବୁ ରହିଛି ଏଠାରେ ।

ଖଟାଇଣ ବଳ କର ହେ ଅମଳ
ଆସିଅଛି ସେଇ ବେଳ,
ହୀରାଲୀଳା ଭରି ରହିଛି ଏଇଠି
କରିବା ଆସ ଅମଳ ।

ଖୋଜିଲେ ମିଳିବ ସବୁ ସୂତ୍ର ନିଶ୍ଚେ
ହସିବ ଆମର ଦେଶ,
ଅତୀତ ଗୌରବ ଫେରାଇ ଆଣିବା
ଆସ ଦେଶବାସୀ ଆସ ।

+ ସହକାରୀ ଶିକ୍ଷକ
ଏନ୍.ଏ.ସି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାରାଦୀପ, ଜଗତସିଂହପୁର

# ମହାନ ବୈଜ୍ଞାନିକ ଗାଲିଲିଓ

**ଡାକ୍ତର ସୁରେନ୍ଦ୍ର ନାଥ ଦାଶ**



"Ye men of Gallolee, why stand ye gazing Heaven" (ଗାଲିଲ, ବାଇବେଲ ବର୍ଣ୍ଣିତ ଏକ ସ୍ଥାନ)। ପୋପ ଙ୍କ ଦରବାରରେ ମହାନ ବୈଜ୍ଞାନିକ ଗାଲିଲିଓଙ୍କର ବାଇବେଲର ବିରୁଦ୍ଧାଚରଣ ଅଭିଯୋଗର ବିଚାର ଚାଲିଥିଲା ବେଳେ ଅଭିଯୋଗ ଆଣିଥିବା ଧର୍ମଯାଜକ ଟମାସ କୋସିନି ବାଇବେଲରୁ ଉଦ୍ଧାର କରି ତାଚ୍ଛଲ୍ୟ କରି ଗାଲିଲିଓଙ୍କୁ ସେହି ଉକ୍ତି ଟି କହିଥିଲେ ।

ମହାନ ବୈଜ୍ଞାନିକ ଗାଲିଲିଓ ୧୫ ଫେବୃୟାରୀ ୧୫୮୪ ମସିହାରେ ଇଟାଲୀର ପିସା ନଗରୀରେ ଜନ୍ମ ନେଇଥିଲେ । ଝୁଲନ୍ତା ବଗିଚା ଯୋଗୁ ପିସା ସାରା ବିଶ୍ୱରେ ବିଖ୍ୟାତ ଅଟେ । ତାଙ୍କର ବହୁମୁଖି ପ୍ରତିଭା ଯୋଗୁ ତାଙ୍କୁ Polymath from Pisa ବୋଲି କୁହାଯାଏ । ସେ ଏକାଧାରରେ ଜ୍ୟୋତିଷ ଶାସ୍ତ୍ର, ଆଧୁନିକ ପଦାର୍ଥ ବିଜ୍ଞାନ, ବୈଜ୍ଞାନିକ ପଦ୍ଧତି ଓ ଆଧୁନିକ ବିଜ୍ଞାନର ଜନକ ରୂପେ ଆଲବର୍ଟ ଆଇନଷ୍ଟାଇନଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି । ବାଇବେଲରେ କୁହାଯାଇଛି "He The Lord laid the foundation of the Earth, that it should not be moved for ever" ପୃଥିବୀ ସ୍ଥିର ଓ ଏହା ଚାରିପାଖରେ ସୂର୍ଯ୍ୟ ଓ ଗ୍ରହ ମଣ୍ଡଳ ଏହାକୁ ପ୍ରଦକ୍ଷିଣ କରୁଛନ୍ତି । ଖ୍ରୀଷ୍ଟ ପୂର୍ବ ତୃତୀୟ ଶତାବ୍ଦୀରେ ଆରିଷ୍ଟଟଲ ଏହି ମତବାଦ ପ୍ରଚାର କରିଥିଲେ । ଏହାକୁ ଜିଓସେଂଟ୍ରିଜିମ (Geo centrism) କୁହାଯାଏ । ପଂଚ ଦଶ ଶତାବ୍ଦୀରେ ଜ୍ଞାନର ନବ ଜାଗରଣ ବା ରେନସାର ଆରମ୍ଭ ହେଲା । ବୈଜ୍ଞାନିକ କୁପରନିକସ ଓ କେପଲର ପ୍ରଚାର କଲେ, ପୃଥିବୀ ଏକ ଗ୍ରହ । ଏହା ସମେତ ଅନ୍ୟ ଗ୍ରହ ମାନେ ସୂର୍ଯ୍ୟ ଚାରିପାଖରେ ବୁଲୁଛନ୍ତି । ପୃଥିବୀ ସ୍ଥିର ନୁହେଁ, ସୂର୍ଯ୍ୟ ସ୍ଥିର ଅଟେ । ଏହାକୁ ହେଲିଓସେଂଟ୍ରିଜିମ (Hely centrism) କୁହାଗଲା ।

ସେତେବେଳେ ପୋପଙ୍କର ଏକଛତ୍ରବାଦ କୁ ପ୍ରତିବାଦ ଜଣାଇ ପ୍ରୋଟେଷ୍ଟାଂଟ ଚିନ୍ତାଧାରା ମୁଣ୍ଡ ଟେକି ସାରିଥିଲା । ଗାଲିଲିଓ ନିଜର ରଚିତ ପୁସ୍ତକ (To World system) ରେ କୁପରନିକସଙ୍କ ମତବାଦକୁ ସମର୍ଥନ କରିଥିଲେ । ରୋମର ଅନତି ଦୂରରେ ଏହି ବୈଜ୍ଞାନିକଙ୍କର ଔଦ୍ଧତ୍ୟ ପୋପ ଓ ତାଙ୍କ ଅନୁଗାମୀଙ୍କ ପାଇଁ ଅସହ୍ୟ ହେଲା । ୧୬୧୫ ମସିହାରେ ନିକୋଲୋ ଲୋରିନି ନାମରେ ଜଣେ ଫାଦର ରୋମାନ ଦରବାରର ଇନକ୍ୟୁଜିସନ(ଧର୍ମ ସମ୍ବନ୍ଧିୟ ବିଚାରାଳୟ) କୁ ଗାଲିଲିଓଙ୍କ ନାମରେ ବାଇବେଲର ବିରୁଦ୍ଧାଚରଣ ଅଭିଯୋଗ ଆଣିଲେ । ୧୬୧୬ ମସିହା ଫେବୃୟାରୀରେ ପୋପ ପଲ (୫ ) ବିଚାର କରି ଗାଲିଲିଓ ଙ୍କ ମତକୁ ଅବାନ୍ତର ବୋଲି ଘୋଷଣା କଲେ ଓ ଭବିଷ୍ୟତରେ ସେ ଏହି ମତ କୁ ପ୍ରଚାର ନ କରିବା ପାଇଁ ଆଦେଶ ଦେଲେ । ୧୬୨୩ ରେ ଗାଲିଲିଓ ଙ୍କର ଜଣେ ବନ୍ଧୁ ଅରବାନ-୮ ପୋପ ନିର୍ବାଚିତ ହେଲେ । ସେ ଗାଲିଲିଓ ଙ୍କୁ (Hely centrism) ର ସପକ୍ଷ ଓ ବିପକ୍ଷରେ ଏକ ପୁସ୍ତକ ଲେଖିବାକୁ ଅନୁରୋଧ କଲେ । ତା ସହିତ ନିଜେ ଯେପରି ଏହା ସମର୍ଥନରେ କିଛି ନ ଲେଖନ୍ତି ସତର୍କ କରାଇ ଦେଲେ । ମାତ୍ର ଅତ୍ୟଧିକ ଉତ୍ସାହିତ ଗାଲିଲିଓ ତାଙ୍କ ପୁସ୍ତକରେ ପୋପ ତାଙ୍କ ମତକୁ ସମର୍ଥନ କରୁଛନ୍ତି ବୋଲି ଲେଖିଦେଲେ । ୧୬୩୨ ମସିହା ରେ ସେ ପୁଣି ପାପାଲ ଇନକ୍ୟୁଜିସନର ସମ୍ମୁଖିନ ହେଲେ । ତାଙ୍କୁ ନାନା ଭାବରେ ନିର୍ଯ୍ୟାତନାର ଭୟ ଦେଖାଗଲା । ନିଜ ମୁହଁରେ ତାଙ୍କ ମତବାଦ ଭୁଲ ବୋଲି କହିବାକୁ ବାଧ୍ୟ କରାଗଲା । ଶେଷରେ ସେ ଭୟଭୀତ ହୋଇ ନିଜ ମତ ଭୁଲ ବୋଲି ସ୍ୱୀକାର କଲେ ଓ (Still moves) ମନେ ମନେ କହିଲେ । ଗାଲିଲିଓଙ୍କର ଏହି ମାନସିକ ଦ୍ୱନ୍ଦକୁ ନେଇ ଅନେକ ବିଶ୍ୱ ପ୍ରସିଦ୍ଧ ଚିତ୍ର ଅଙ୍କା ଯାଇଛି, ନାଟକ ଲେଖା ହୋଇଛି । ଜୁଲାଇ ୧୬୩୩ ମସିହାରେ ବିଚାରର ରାୟ ବାହାରିଲା । ଅବଶିଷ୍ଟ ଜୀବନ ପାଇଁ ବୈଜ୍ଞାନିକ ଘରେ ବନ୍ଦ ହୋଇ ରହିବେ । ତାଙ୍କ ବହି ନିଷିଦ୍ଧ କରାଗଲା । (ଅବଶିଷ୍ଟାଂଶ ପୃଷ୍ଠା-୭)

## ମାନସିକ ଥକ୍କାପଣ



ଜୀବନର ସବୁଠାରୁ ଗମ୍ଭୀର ସମସ୍ୟା ହେଉଛି ମାନସିକ ଥକ୍କାପଣ ବା ଦୁଃଶ୍ଚିନ୍ତା । ଜୀବନରେ ମଣିଷ ଯେମିତି ବି ହେଲେ ଥରେ ମାତ୍ର ଗମ୍ଭୀର ରୋଗର ଶିକାର ହୋଇଥାଏ । ମାନସିକ ଥକ୍କାପଣ ହେଉଛି ମସ୍ତିଷ୍କ ଅନେକ କାମର ଏକକାଳୀନ ଛନ୍ଦି ହୋଇ ରହିବା । ଏହି କାରଣରୁ ଶାରୀରିକ ଓ ମାନସିକରେ ଅଧିକ ଚିନ୍ତା ହୋଇଯାଏ । ଏମିତି ଲାଗେ କି ଯେମିତିକି ଆମେ କିଛି ରୋଗରେ ଆକ୍ରାନ୍ତ ହୋଇଯାଇଛନ୍ତି । ଆମର ଶରୀର ଓ ମସ୍ତିଷ୍କ ଏହାସହିତ ବହୁତ ଅଧିକ କାମ କରିବା କାରଣରୁ ହିଁ ମାନସିକ ଥକ୍କାପଣ ଭଳି ସ୍ଥିତ ଆରମ୍ଭ ହୋଇଥାଏ । ମଲ୍ଟି ଟାସ୍କିଙ୍ଗ୍ କାରଣରୁ ମଧ୍ୟ ମସ୍ତିଷ୍କ ଏକା ସାଥିରେ କାମ କରିବାକୁ ପଡିଥାଏ । ଏମିତିରେ ଆମେମାନେ ଅତି କମ୍ ସମୟରେ ଥକିଯାଉ । ମାନସିକ ଥକ୍କାପଣ ଉପୁଜିଲେ ଭୋକ ନହେବା, ଇନ୍‌ସୋମନିଆ, ଆନ୍‌ଜେକ୍ଟି, ଧ୍ୟାନ କେନ୍ଦ୍ରିତ ନହେବା, କୌଣସି କଥା ବାରମ୍ବାର ଭୁଲିଯିବା, ତ୍ୱଚା ରୁକ୍ଷ ହେବା ଓ ଶରୀରର ଓଜନ ବାରମ୍ବାର କମିବା ବଢିବା ଭଳି ଦେଖାଯାଏ । ମାନସିକ ଥକ୍କାପଣ ହେଲେ ଆମ ଶରୀରର ପ୍ରତିଯୋଧକ କ୍ଷମତା ଧୀରେ ଧୀରେ ସମାପ୍ତ ହେବାକୁ ଲାଗିଥାଏ । ଯେଉଁଥିରେ ଆମ କ୍ରିୟାଶୀଳରେ ଖରାପ ପଡେ । ମାନସିକ ଥକ୍କାପଣରୁ ବଁଚିବା ପାଇଁ ଆମେ ନିଜ ଶାରୀରିକ କ୍ରିୟାରେ ବ୍ୟାୟାମକୁ ସାମିଲ୍ କରିବା ଉଚିତ୍ । ଏହା ସହିତ ଅଧିକ କାମ କରିବା ଉଚିତ୍ ନୁହେଁ । ଆବଶ୍ୟକ ଅନୁଯାୟୀ ନିଦ୍ରା ଯିବା ଓ ନିଜ ପସନ୍ଦର ଭୋଜନ କରିବା ଉଚିତ ।

## ବିମାନ ବନ୍ଦରରେ କଡ଼ା ନିୟମ

ବିଦେଶୀ ରାଇଜର ବିମାନବନ୍ଦରରେ ଯାତ୍ରୀଙ୍କ କଡାକଡି ଭାବେ ଯାଂଚ କରାଯାଏ । ନାମୀ ତଥା ବିଶିଷ୍ଟ ଲୋକମାନେ ମଧ୍ୟ ବିମାନବନ୍ଦରର ସମସ୍ତ 'ନିୟମ ପାଳନ କରିବାକୁ ବାଧ୍ୟ ବୋଲି କର୍ତ୍ତୃପକ୍ଷଙ୍କ ମତ । ନିକଟରେ ଦକ୍ଷିଣ ଆଫ୍ରିକାର ଜୋହାନସ୍‌ବର୍ଗ ବିମାନବନ୍ଦରରେ ଉପୁଜିଥିବା ଅସୁବିଧାକୁ ନେଇ ବିଶ୍ୱସ୍ତରରେ ଚର୍ଚ୍ଚା ହେଉଛି । କେତେକ ବର୍ଗ କରିଥିବାବେଳେ ଅନ୍ୟ କେତେଜଣ ନିନ୍ଦା ମଧ୍ୟ କରିଛନ୍ତି । ଘଟଣାଟି କିଛି ଏଇପରି । ଦକ୍ଷିଣ ଆଫ୍ରିକାର ଜନୈକ ଦମ୍ପତି ନିଜ ୧୦ ବର୍ଷ ପୁଅ ଷ୍ଟିଭ୍ ସହ ଛୁଟି କାଟିବାକୁ ନ୍ୟୁଜିଲାଣ୍ଡ ଯାତ୍ରା କରୁଥିଲେ । ଚେକ୍-ଇନ୍ ସମୟରେ ଅଧିକାରୀ କହିଥିଲେ, ଷ୍ଟିଭ୍ ପିନ୍ଧିଥିବା ଟି-ସାର୍ଟକୁ ତାଙ୍କ ବାପା-ମା' ଯଥାଶୀଘ୍ର ପରିବର୍ତ୍ତନ କରନ୍ତୁ ନଚେତ୍ ସେମାନଙ୍କୁ ବିମାନରେ ଯାତ୍ରା ପାଇଁ ଅନୁମତି ମିଳିବନାହିଁ । ଷ୍ଟିଭ୍‌ଙ୍କ ଟି-ସାର୍ଟ କଳା ରଙ୍ଗର ହୋଇଥିବାବେଳେ ଏକ ସବୁଜ ରଙ୍ଗର ବଡ ସାପର ଚିତ୍ର ହୋଇଥିଲା, ଯାହାକୁ ଦେଖିଲେ ଯେ କେହି ଭୟ କରିବ । ଅନ୍ୟ ଯାତ୍ରୀଙ୍କୁ ଭୟଭୀତ ନ





କରାଇବା ନିମନ୍ତେ କର୍ତ୍ତୃପକ୍ଷ ଏଭଳି ଶୁଣାଇଥିଲେ । ଷ୍ଟିଭ୍‌ଙ୍କ ବାପା ମା' ମଧ୍ୟ କଥା ଆଗକୁ ଅଧିକ ନ ବଢାଇ ପୁଅକୁ ସେହି ଟି-ସାର୍ଟକୁ ଓଲଟାଇ ପୁଅକୁ ପିନ୍ଧାଇଦେଲେ । କାରଣ ସେମାନଙ୍କ ବ୍ୟାଗ୍ ପ୍ୟାକିଂ ହୋଇ ଚାଲିଯାଇଥିବାବେଳେ ବିମାନ ଯାତ୍ରା ପାଇଁ ଅଳ୍ପ ସମୟ ଥିଲା । ତେବେ ନ୍ୟୁଜିଲାଣ୍ଡରେ ପହଂଚିବା ପରେ ସେମାନେ ଦକ୍ଷିଣ ଆଫ୍ରିକା ବିମାନ ଅଧିକାରୀଙ୍କୁ ଇ-ମେଲ୍ କରି ପଚାରିଥିଲେ, ବିମାନ ବନ୍ଦର କର୍ମଚାରୀଙ୍କ ଏଭଳି କଡା ବ୍ୟବହାରରେ ସେମାନେ ଲଜ୍ଜିତ । ପୂର୍ବରୁ କହି ରଖିବା ଉଚିତ ଯେ କେଉଁ ଭଳି ପୋଷାକ ପିନ୍ଧି ଜଣେ ବିମାନବନ୍ଦରରେ ପ୍ରବେଶ କରିବ ? ଏହାର ଉତ୍ତରରେ ଅଧିକାରୀ ଉଲ୍ଲେଖ କରିଛନ୍ତି, ପ୍ରଥମେ ଯାତ୍ରୀମାନେ ନିଜ ପୋଷାକ ପରିଚ୍ଛଦ ପ୍ରତି ସଚେତନ ହୁଅନ୍ତୁ । ଅନ୍ୟକୁ ଭୟଭୀତ କରିବା ପାଇଁ ପୋଷାକ ପିନ୍ଧିଲେ, ସେପରି ସ୍ଥଳେ କର୍ତ୍ତୃପକ୍ଷ ଯଥା ପଦକ୍ଷେପ ନିଶ୍ଚିତ ଭାବେ ଗ୍ରହଣ କରିବେ ।



## ଭଲରେ ଶୋଇବା ପାଇଁ କମ୍ପାନୀ ଦେବ ୧ଲକ୍ଷ ଟଙ୍କା !

ବର୍ତ୍ତମାନ ସମୟରେ ବ୍ୟସ୍ତଭରା ଜୀବନଶୈଳୀ ଓ କାମର ଚାପ କାରଣରୁ ହିଁ ମହାନଗରୀରେ ୪୨% ରୁ ଅଧିକ ଲୋକ ନିଦ୍ରାହୀନତା ରୋଗର ଆକ୍ରାନ୍ତ ହେଉଛନ୍ତି । ମିଳିଥିବା ତଥ୍ୟ ଅନୁସାରେ, ବେଙ୍ଗାଲୁରୁର ଏକ ଷ୍ଟାଟ-ଅପ୍ କମ୍ପାନୀ ୯ ଘଣ୍ଟା ଶୋଇବା ନିମନ୍ତେ ୧ଲକ୍ଷ ଟଙ୍କା ଦରମା ଦେଉଛି । ଏହି ଚାକିରି ପାଇଁ ଆପଣଙ୍କୁ ଘରୁ ବାହାରକୁ ଭାରତ ଏକଯିବାକୁ ପଡିବ ନାହିଁ କିମ୍ୱା ନିଜ ପୂର୍ବ ଚାକିରିକୁ ମଧ୍ୟ ଛାଡିବାକୁ ପଡିବନାହିଁ ।



## ମସ୍ତିଷ୍କ ବିକାଶ ନିମନ୍ତେ ପରିବାର ଆବଶ୍ୟକତା



ଫାଷ୍ଟଫୁଡ୍, ଜଙ୍କ୍ ଫୁଡ୍ ଓ ପ୍ୟାକେଟ୍ ଖାଦ୍ୟର ବିକ୍ରି ଏବେ ବହୁତ ପରିମାଣରେ ବଢି ଚାଲିଛି । ପିଲାଠାରୁ ବୟସ୍କ ସମସ୍ତଙ୍କର ଏସବୁ ଖାଦ୍ୟ ପ୍ରିୟ । ନିକଟରେ ଗବେଷକଦଳ ପ୍ରକାଶ କରିଛନ୍ତି ଯେ ଯଦି ପିଲାମାନେ ଏହି ପାଟି ସୁଆଦିଆ ଖାଦ୍ୟ ଲୋଭରେ ପନିପରିବା ଓ ଫଳମୂଳ ଖାଇନାହାନ୍ତି, ତାହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଖୁବ୍ ହାନିକାରକ । ୮-୨୪ ବର୍ଷ ବୟସର ୧୫୦୦ ଜଣଙ୍କୁ ସାମିଲ କରାଯାଇ ଗବେଷଣା ଆରମ୍ଭ ହୋଇଥିଲା । ଆମ ଶରୀରରେ ଲୌହର ପରିମାଣ କମ୍ ରହିଲେ, ତାହାର ସବୁଠୁ ଅଧିକ କୁ-ପ୍ରଭାବ ମସ୍ତିଷ୍କ ଉପରେ ପଡେ । ମସ୍ତଷ୍କରେ ଥିବା କୋଷିକାଗୁଡିକ କାମ କରିବା ନିମନ୍ତେ ଲୌହର ଆବଶ୍ୟକତା ଅଧିକ । ପିଲାଏ ପନିପରିବା ପ୍ରସ୍ତୁତ ବ୍ୟଞ୍ଜନ ଖାଇବାକୁ ରାଜି ନ ହେଲେ ମଧ୍ୟ ସେମାନଙ୍କୁ ବୁଝାଇସୁଝାଇ ଖୁଆନ୍ତୁ । ପାଳଙ୍ଗ, ସବୁଜ ମଟର, ବିନ୍ସ, ବ୍ରୋକୋଲି, ବିଭିନ୍ନ ପ୍ରକାରର ଡାଲି ନିଜ ଡାଏଟ୍ ତାଲିକାରେ ସାମିଲ କରନ୍ତୁ । ଲୌହର ଅଭାବ ହେଲେ ପିଲାଙ୍କ ଶରୀରରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦିଏ । ଯେପରି: ଥକା ଲାଗିବା, ମୁଣ୍ଡ ବିନ୍ଧିବା ଇତ୍ୟାଦି । ଛୋଟ ପିଲାଙ୍କୁ ପ୍ରତ୍ୟହ ୮ ମିଲିଗ୍ରାମ୍ ଲୌହର ଆବଶ୍ୟକତା ହେଉଥିବାବେଳେ କିଶୋରଙ୍କୁ ୧୧ମିଲିଗ୍ରାମ୍ ଲୌହର ଆବଶ୍ୟକତା ପଡୁଥିବାର ବିଶେଷଜ୍ଞଙ୍କ ମତ ।

## ମମିରୁ ଶୁଭୁଥିବା ସ୍ୱର



ହଲିଉଡ୍ ଫିଲ୍ମରେ ମମିକୁ ଅନେକ ଭୟଙ୍କର ଘଟଣା ଦେଖିବାକୁ ମିଳିଥାଏ । ଗତ କିଛି ଦିନ ପୂର୍ବରୁ ଏହି ବିଷୟକୁ ନେଇ ଏକ ଫିଲ୍ମ ମଧ୍ୟ ଆସିଛି । ରୂପେଲୀ ପରଦାରେ ଦେଖିଥିବା ଦୃଶ୍ୟ ବାସ୍ତବ ଜୀବନରେ ମଧ୍ୟ ଦେଖିବାକୁ ମିଳିପାରେ । ବୈଜ୍ଞାନିକମାନେ ନିକଟରେ ୩୦୦୦ ବର୍ଷର ପୁରୁଣା ଏକ ମମିରୁ ଆସୁଥିବା ସ୍ୱରକୁ ଶୁଣିବାକୁ ପାଇଥିଲେ । ସେମାନେ ଏହାକୁ ରେକର୍ଡ ମଧ୍ୟ କରିଛନ୍ତି । ସୋସିଆଲ ମିଡିଆରେ ଏହା ଖୁବ୍ ଭାଇରାଲ ହେବାର ଦେଖାଯାଉଛି । ଏହି ରହସ୍ୟମୟ ମମିକୁ ୟୁକେ ସ୍ଥିତ ଲିଡ୍‌ସ ସିଟି ମ୍ୟୁଜିୟମରେ ରଖାଯାଇଛି । ଏହାର ନାମ ନିସିୟାମୁନ । ଏହି ବ୍ୟକ୍ତି ଜଣକ ମିଶରର ରାଜା ଫେରୋ ଆଣୁଥିଲେ ଓ ତାଙ୍କ ପାଇଁ ଧାର୍ମିକ ଗୀତ ମଧ୍ୟ ଗାଉଥିଲେ । ବୈଜ୍ଞାନିକମାନେ ଏହି ମମି ପାଖରୁ ଅଜବ ସ୍ୱର ଶୁଣିବାକୁ ଦାବି କରୁଛନ୍ତି । ମମିର ରିକ୍ରିଏଟ୍ କରିଥିବା ବୈଜ୍ଞାନିକ ଡେଭିଡ ବୋର୍ଡ କହିଛନ୍ତି ଯେ ମମିର ସ୍ୱର ଶୁଣିବା ପାଇଁ ତାର ବେକରେ ସିଟି ସ୍କାନିଙ୍ଗ କରାଯାଇଛି । ନିସିୟାମୁନଙ୍କ ଜିଭର କିଛି ଅଂଶ ନ ଥିବା ବିଷୟରେ ସିଟିସ୍କାନରୁ ଜଣାପଡିଛି । ମମିର ଅଧା ଜିଭ କେଉଁଠି ଅଛି ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ । ସେଥିପାଇଁ ତାର ସ୍ୱର ପରିଷ୍କାର ଶୁଭୁନାହିଁ ।

## ବାସ୍ତୁ ଅନୁସାରେ ପିଲାଙ୍କ ପଢ଼ା ଗୃହ

ପ୍ରତ୍ୟେକ ଅଭିଭାବକ ନିଜ ପିଲାଙ୍କ ପାଠପଢା ସମ୍ପର୍କରେ ଖୁବ୍ ସଚେତନ । ବାସ୍ତୁବିତ୍‌ଙ୍କ ମତରେ କେତୋଟି ନିୟମ ପାଳିଲେ ପିଲାଙ୍କ ପାଠପଢାରେ କୌଣସି ଅସୁବିଧା ଉପୁଜେନାହିଁ ।

- ପଢ଼ିବା ନିମନ୍ତେ ସବୁଠୁ ଉ ମ ଦିଗ ହେଉଛି ଉ ର ଓ ପୂର୍ବ । ପିଲାଙ୍କ ପଢ଼ା ଟେବୁଲ ଏହି ଦିଗରେ ରଖିବା ଉ ମ ପ୍ରଭାବ ପକାଇଥାଏ ।
- ପଢ଼ା ଟେବୁଲ ସମ୍ମୁଖରେ ଏକ ଝରକା ଥିବା ମଧ୍ୟ ଉ ମ । ନୂଆ କରି ଘର ଆରମ୍ଭ କରୁଥିଲେ, ଏ ବାବଦରେ ଜାଣିରଖନ୍ତୁ । ଝରକା ଖୋଲା ରଖିଲେ ଘରୁ ନକାରାତ୍ମକ ଶକ୍ତି ଦୂର ହୁଏ ।
- ଘରେ ବିମ୍ ଥିଲେ, ପଢ଼ା ଟେବୁଲ୍ ତା' ତଳେ ରଖିବା ନକାରାତ୍ମକ ଶକ୍ତି ବୃଦ୍ଧି କରେ ।
- ଚତୁର୍ଭୁଜ ଆକାରରେ ପଢ଼ା ଟେବୁଲରେ ପିଲା ପଢିବା ଉଚିତ, ଗୋଲାକାର ଟେବୁଲ ଘରେ ଥିଲେ ମଧ୍ୟ ପିଲାଙ୍କ ପଢା ପାଇଁ ଏହା ଆଦୌ ଉଦ୍ଦିଷ୍ଟ ନୁହେଁ ।






## ଅଶରୀରୀଙ୍କ ବାସସ୍ଥଳୀ 'ସିଗ୍‌ନେଚର୍ ଫାର୍ମ'



ଗୁଜରାଟ୍‌ର ଅହମ୍ମଦାବାଦସ୍ଥିତ 'ସିଗ୍‌ନେଚର୍ ଫାର୍ମ' ବାବଦରେ ପାଖଆଖର ଲୋକ ଭଲଭାବେ ଅବଗତ । କିଛି ବର୍ଷ ତଳେ ନିର୍ମିତ ହୋଇଥିବା ଏହି ଫାର୍ମରେ ଦିନବେଳା ଜନଗହଳି ଦେଖାଦିଏ । ସନ୍ଧ୍ୟା ପୂର୍ବରୁ କିନ୍ତୁ ସ୍ଥାନଟି ଜନଶୂନ୍ୟ ହୋଇଯାଏ । ସ୍ଥାନୀୟ ଲୋକଙ୍କ ମତରେ ଶରୀରୀଙ୍କ ଏଇ ବାସସ୍ଥଳୀଠାରୁ ଦୂରେଇ ରହିବା ଭଲ । ସେହି ଅଂଚଳକୁ ଦେଖିଲେ ମଧ୍ୟ କୌଣସି ଅସୁବିଧା ଥିବାର ଅନୁମାନ କରିହୁଏ । ଘରଗୁଡିକ ଭାଙ୍ଗିରୁଜି ଯାଇଥିବାବେଳେ ପ୍ରତିମୂର୍ତ୍ତିଗୁଡିକ ମଧ୍ୟ ଭଗ୍ନ ଅବସ୍ଥାରେ ରହିଛି । କେହି ଲୋକ ସେସବୁ ଭାଙ୍ଗି ନଥିବାବେଳେ ଏହା ପଛର କାରଣ ଜଣାପଡିନାହିଁ । ନିକଟସ୍ଥ ସହରର ଲୋକଙ୍କ ମତରେ, ରାତିବେଳା ସେହି ସିଗ୍‌ନେଚର୍ ଫାର୍ମ ପାଖ ଦେଇ ଗଲାବେଳେ ଖୁବ୍ ଭୟ ଲାଗେ । ଆର୍ତ୍ତଚିତ୍କାର ସହ ଘୋଡାଙ୍କ ଦୌଡିବା ଶବ୍ଦ ଫାର୍ମ ଭିତରୁ ଆସେ । ଏହା ଉପରେ ଅଧିକ ବିଶ୍ଳେଷଣ ନିମନ୍ତେ ସ୍ଥାନୀୟ ଲୋକଙ୍କର କୌଣସି ଆଗ୍ରହ ନାହିଁ ।

## ସ୍ୱାସ୍ଥ୍ୟ ମନ୍ତ୍ର

ଅନେକଙ୍କ ଧାରଣା ଯେ ଫଳରେ ଥିବା ଫ୍ରୁକ୍ଟସ୍ ଶର୍କରା ଓଜନ ବଢାଇବାରେ ସହାୟକ ହୋଇଥାଏ । ଏଥିପାଇଁ ସେମାନେ ନିତିଦିନିଆ ଖାଦ୍ୟ ତାଲିକାରେ ଫଳର ପରିମାଣକୁ କମାଇଥାନ୍ତି । କେତେକ ଖାଦ୍ୟ ବିଶେଷଜ୍ଞ ମଧ୍ୟ ସମାନ ମତ ଦିଅନ୍ତି । ତେବେ, ଏହା ଭ୍ରମାତ୍ମକ ବୋଲି ଏକ ନୂଆ ଅଧ୍ୟୟନରୁ ଜଣାପଡିଛି । ଅଧ୍ୟୟନକାରୀ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ସୁସ୍ଥ ଓ ସୁନ୍ଦର ଶରୀର ପାଇଁ ଫଳ ଏକ ଉ ମ ବିକଳ୍ପ । ଏହା ଓଜନ ବଢାଏ ନାହିଁ, ବରଂ ଓଜନକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇଥାଏ । ଏ ସଂପର୍କରେ ଏକ ରିପୋର୍ଟ ମଧ୍ୟ 'ଜର୍ନାଲ୍ ମେଟାବଲିଜିମ୍' ପତ୍ରିକାରେ ପ୍ରକାଶ ପାଇଛି । ରିପୋର୍ଟରେ ଦର୍ଶାଯାଇଛି ଯେ କ୍ଷୀର, ମହୁ ଓ ପରିବା ଭଳି ଫଳରେ ମଧ୍ୟ ପ୍ରାକୃତିକ ଶର୍କରା ଥାଏ, ଫ୍ରୁକ୍ଟସ୍ ଭାବେ ନାମିତ ।ସ୍ୱାସ୍ଥ୍ୟ ପାଇଁ ଏହା ଜରୁରୀ । ଏଥିରେ ଥିବା ତନ୍ତୁ ଓ ମାଗ୍‌ନେସିଅମ୍ ଚର୍ବିକୁ କମାଇଦିଏ ଏବଂ ଓଜନ ବଢେ ନାହିଁ ।




## ନ୍ୟୁଟେଲା ଥିମ୍ ହୋଟେଲ୍‌ରେ ମାଗଣା ରହଣି

କାଲିଫର୍ଣ୍ଣିଆରେ ନାପା ଭ୍ୟାଲି ସ୍ଥିତ ହୋଟେଲ ନ୍ୟୁଟେଲାରେ ପର୍ଯ୍ୟଟକ ନ୍ୟୁଟେଲ । ଚକୋଲେଟ୍ ପ୍ରାସାଦରେ ରହିବାର ମଜା ନେଉଛନ୍ତି । ହୋଟେଲ୍‌ର ଗ୍ରାଫିକ୍ ସୋସାଲ୍ ମିଡିଆରେ ଭାଇରାଲ ହୋଇଛି । ବେଡ୍‌ଠୁ ନେଇ କାର୍ପେଟ୍, କୁସନ୍, ସବୁ କିଛି ଦେଖିବାକୁ ନ୍ୟୁଟେଲ । ଚକୋଲେଟ୍ ସ୍ପ୍ରେଡ ବୋତଲ ସଦୃଶ ଯଦିଓ ଏଗୁଡିକର ସୌନ୍ଦର୍ଯ୍ୟ ଭିନ୍ନ ଭିନ୍ନ । ସୋସାଲ ମିଡିଆରେ ୬୦ ସେକେଣ୍ଡ ଭିଡିଓରେ ବ୍ରେକ୍‌ଫାଷ୍ଟରେ ନ୍ୟୁଟେଲା ପ୍ରତି ଥିବା ଦୁର୍ବଳତା ଦେଖାଇଲେ ଭାଗ୍ୟଶାଳୀ ବିଜେତା ହୋଟେଲ୍‌ରେ ଦୁଇ ରାତି ମାଗଣା ରହଣିର ମଜା ନେଇପାରିବେ ।



## କୋଭିଡ୍-୧୯ ଲଢ଼େଇ ପାଇଁ ଗୋଷ୍ଠୀ ସଚେତନତାର ଅସ୍ତ୍ର

# ବ୍ୟାପକ ସଚେତନତା ଓ ଅନୁପାଳନ ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର,୯ /୬(ନି.ପ୍ର): ରାଜ୍ୟରେ ଜୀବିକା ପାଇଁ ଅର୍ଥନୈତିକ କାର୍ଯ୍ୟକଳାପ ସହ କୋଭିଡ୍ ଲଢ଼େଇକୁ ଅଧିକ ଜୋରଦାର ଏବଂ ପ୍ରତିରୋଧାତ୍ମକ କରିବା ଉପରେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଗୁରୁତ୍ୱ ଆରୋପ କରିଛନ୍ତି । ଏଥି ପାଇଁ ରାଜ୍ୟର ସମସ୍ତ ସହର ଓ ଗ୍ରାମାଂଚଳରେ ସୂଚନା ଓ ସଚେତନା କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ଓ ସଘନ କରିବା ପାଇଁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି । ଆଜି ରାଜ୍ୟ ଲୋକସେବା ଭବନଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ସଚେତନତା ସମ୍ବନ୍ଧିତ କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଲୋକସେବା ଭବନଠାରେ ଅନୁଷ୍ଠିତ ଏହି ବୈଠକରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଶାସନ ସଚିବ ସଂଜୟ କୁମାର ସିଂ ସଚେତନା କାର୍ଯ୍ୟକ୍ରମର ରୂପରେଖ ଓ ବିଷୟବସ୍ତୁ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ଲୋକମାନଙ୍କୁ ସର୍ବଦା ସଚେତନ ଓ ସତର୍କ ରଖିବା ପାଇଁ ଉଭୟ ଗ୍ରାମ ଓ ସହରାଂଚଳରେ ସଚେତନତା ଅଭିଯାନ ବ୍ୟାପକ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ପଂଚାୟତି ରାଜ ଓ ପାନୀୟଜଳ ଯୋଗାଣ ବିଭାଗ, ମହିଳା, ଶିଶୁ ବିକାଶ ଏବଂ ମିଶନ ଶକ୍ତି ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ, କୃଷି ଓ କୃଷକ ସଶକ୍ତିକରଣ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସପ୍ତାହକ ମଧ୍ୟରେ ଉଭୟ ଗ୍ରାମ ଓ ସହରାଂଚଳରେ ୱାର୍ଡ଼ ସ୍ତରୀୟ କୋଭିଡ୍ କମିଟି ବୈଠକ ଆୟୋଜନ କରିବାକୁ ସ୍ଥିର କରାଯାଇଥିଲା । ସଚେତନତା ପାଇଁ ମାଇକ୍ ପ୍ରଚାର, ସୋସିଆଲ ମେଡ଼ିଆ, ପୋଷ୍ଟର, ଟି.ଭି, ଖବର କାଗଜ, କମ୍ୟୁନିଟି ରେଡ଼ିଓ ଓ କାର୍ଟୁନ ସୋ ଆଦିର ବ୍ୟାପକ ବ୍ୟବହାର କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତି ହୋଇଥିଲା । ଏସ.ଏମ.ଏସ ମେସେଜ ମାଧ୍ୟମରେ ଲୋକମାନଙ୍କୁ ବିଭିନ୍ନ ସୂଚନା ଓ ବାର୍ତା ପଠାଯିବ । ଏହି କର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ, ପଂଚାୟତ ପ୍ରତିନିଧି, କୃଷକ ଓ ଉତ୍ପାଦକ ସଂଘ, ବନ ସୁରକ୍ଷା ସମିତି, ବିଦ୍ୟାଳୟ କମିଟି ଆଦି ମାନଙ୍କୁ ସକ୍ରିୟଭାବେ ସମ୍ପୃକ୍ତ କରିବା ପାଇଁ ସ୍ଥିର ହୋଇଥିଲା । ସାମାଜିକ ଦୂରତା, ମାସ୍କ ବ୍ୟବହାର, ହାତ ଧୋଇବା, ବୟସ୍କ ଓ ସମ୍ବେଦନଶୀଳ ବ୍ୟକ୍ତି ମାନଙ୍କ ଯତ୍ନ, ସାମାଜିକ ଭେଦଭାବର ଦୂରୀକରଣ ଆଦି ବିଷୟରେ ଅଧିକ ଦୃଶ୍ୟ, ଶ୍ରାବ୍ୟ ଓ ସୋସିଆଲ ମେଡ଼ିଆ ବାର୍ତା ପ୍ରସ୍ତୁତ କରିବା ସହ ସେ ସବୁର ବ୍ୟାପକ ପ୍ରସାର କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ସୂଚନା ଓ ଲୋକ ସମ୍ପର୍କ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ୍ତ କୁମାର ଜେନା, ମହିଳା ଓ ଶିଶୁ ବିକାଶ କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରମୀତୀ ଅନୁ ଗର୍ଗ, ପଂଚାୟତିରାଜ ବିଭାଗ ପ୍ରମୁଖ ଶାସନ ସଚିବ ଦେଓରଂଜନ କୁମାର ସିଂ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ସଂଜୟ କୁମାର ସିଂ, ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ବୈଷୟିକ ନିର୍ଦ୍ଦେଶକ ନିରଂଜନ ସେଠୀ ପ୍ରମୁଖ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଲକ୍‌ଡାଉନ୍ ବେଳେ ବ୍ୟାପକ ମଦବିକ୍ରି : ବାର୍ ଉପରେ ଚଢାଉ

ଜଳେଶ୍ୱର,୯ /୬(ନି.ପ୍ର): ସମଗ୍ର ଦେଶରେ ଉଲଲକ୍ ଡାଉନ୍ ଘୋଷଣା ପରେ ମଦବିକ୍ରି କଟକଣା ଜାରି କରାଯାଇ ଅନ୍‌ଲାଇନ୍‌ରେ ମଦନେବାର ବ୍ୟବସ୍ଥା ହୋଇଛି । କିନ୍ତୁ ଜଳେଶ୍ୱରର ଫଂଚୁଘଣ୍ଟାଠାରେ ଥିବା ଶାନ୍ତିବାର୍‌ରେ ଖୋଲମ୍‌ଖୁଲା ମଦବିକ୍ରି କରୁଥିବାରୁ ଆଜି ଜଳେଶ୍ୱର ପୁଲିସ୍ ଚଢାଉ କରିଛି । ସେଠାରେ କେତେକ ବ୍ୟକ୍ତି ସାମାଜିକ ଦୂରତା ରକ୍ଷା ନ କରି ମଦପାଇଁ ଅପେକ୍ଷା କରିଥିବା ବେଳେ ଜଳେଶ୍ୱର ଥାନା ଆଇଆଇସି ଧନେଶ୍ୱର ସାହୁଙ୍କ ନିର୍ଦ୍ଦେଶରେ ଚଢାଉ କରାଯାଇଥିଲା । ଏଥିରେ ବାର୍‌ର ମାଲିକ ସତ୍ୟରଂଜନ ପଟ୍ଟନାୟକଙ୍କୁ ଅଟକ ରଖି ପଚାରାଉଚରା ଚାଲିଥିବା ଜଣାଯାଇଛି ।

# ଆସନ୍ତା ବର୍ଷରୁ ସ୍କୁଲ ପାଠ୍ୟକ୍ରମରେ ସାମିଲ ହେବ ବନ୍ଦେ ଉତ୍କଳ ଜନନୀ

ଭୁବନେଶ୍ୱର,୯ /୬(ନି.ପ୍ର): ଆସନ୍ତାବର୍ଷରୁ ସ୍କୁଲ ପାଠ୍ୟକ୍ରମରେ ବନ୍ଦେ ଉତ୍କଳ ଜନନୀ ସ୍ଥାନ ପାଇବ । ଏନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ସୂଚନା ଦେଇଛନ୍ତି । ବନ୍ଦେ ଉତ୍କଳ ଜନନୀ ପାଠ୍ୟକ୍ରମରେ ସାମିଲ ହେବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି ଯେ ଚଳିତ ଶିକ୍ଷାବର୍ଷ ପାଇଁ ବହି ବଂଟା ହୋଇ ସାରିଛି । ରାଜ୍ୟସଙ୍ଗୀତ ନେଇ ବିଜ୍ଞପ୍ତି ପ୍ରକାଶ ପରେ ବିଭାଗ ପଦକ୍ଷେପ ନେବ । ଯଦି ସୁବିଧା ହୁଏ, ତେବେ ଏବର୍ଷ ସ୍ୱତନ୍ତ୍ର ପୁସ୍ତିକା କରି ଛାତ୍ରଛାତ୍ରୀଙ୍କୁ ବଂଟନ କରାଯିବାର ବ୍ୟବସ୍ଥା କରାଯିବ । ଏନେଇ ବିଭାଗ ବିସ୍ତୃତ ଅନୁଧ୍ୟାନ ପରେ ନିଷ୍ପତି ନେବ । ସେ ଆହୁରି କହିଛନ୍ତି ଯେ ୪ଟା ବେଳେ ସ୍କୁଲ ଛୁଟି ହେବା ପୂର୍ବରୁ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବ । ଏବେ ବି କିଛି ସ୍କୁଲରେ ଏହା ଗାନ କରାଯାଉଛି । ସୂଚନା ଓ ପ୍ରସାରଣ ବିଭାଗ ଯେଉଁ ଆଧାରରେ କରିବ ସେହି ଅନୁସାରେ ପାଠ୍ୟକ୍ରମରେ ସାମିଲ ହେବ । ପାଠ୍ୟକ୍ରମରେ ସଙ୍ଗୀତ ଏବଂ ଏହାର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସଂପର୍କରେ ମଧ୍ୟ ସ୍ଥାନ ପାଇବ ବୋଲି ମନ୍ତ୍ରୀ କହିଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ଯେ ଗତକାଲି ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତର ମାନ୍ୟତା ମିଳିଥିଲା ।

## ମିର୍ଜାପୁର ୟୁଥ୍ କ୍ଲବ ପକ୍ଷରୁ ରକ୍ତଦାନ ଶିବିର



ବାଲେଶ୍ୱର,୯ /୬(ନି.ପ୍ର): ଚାନ୍ଦିପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମିର୍ଜାପୁର ୟୁଥ୍ କ୍ଲବ ଓ ଜିଲ୍ଲା ଜୀବନ ବିନ୍ଦୁ ଅଭିଯାନର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମିର୍ଜାପୁରଠାରେ ଆଜି ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ କରୋନା ଭଳି ସଙ୍ଗୀନ ସ୍ଥିତିରେ ଏହି ଶିବିର ଆୟୋଜନ ଜିଲ୍ଲାରେ ରକ୍ତର ଆବଶ୍ୟକତା ପୂରଣରେ ବେଶ ସହାୟକ ହୋଇପାରିଛି ବୋଲି କହିଥିଲେ । ଆୟୋଜକମାନଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହିତ ରକ୍ତଦାତାମାନଙ୍କୁ ଶ୍ରୀ ଜେନା ଉତ୍ସାହିତ କରିଥିଲେ । ଚାନ୍ଦିପୁର ସରପଞ୍ଚ ତପନ କୁମାର ଜେନା, ଜୀବନବିନ୍ଦୁ ଜିଲ୍ଲା ସଂଯୋଜକ ଆଶିଷ ଘୋଷ, ନଗର ସଂଯୋଜକ ସଲିମ ରାଜା, ରାଜୀବ ପଣ୍ଡା, ସିମନ ଦାସମହାପାତ୍ର ପ୍ରମୁଖ ଏଥିରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ । ମିର୍ଜାପୁର ୟୁଥ୍ କ୍ଲବର ସଭାପତି ଶେଖ୍ ମିସବାଉଦ୍ଦିନ୍ ଓ ସମ୍ପାଦକ ଶେଖ୍ ଦିଲବାହାରଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରକୁ ଶେଖ୍ ଇର୍ସାର, ହଜିବୁଲ୍ ଖାନ୍, ନାଜିର ଖାନ୍, ହସନ ଅଲ୍ଲି ଖାନ୍, ଉସମାନ ମଲ୍ଲିକ, ଆୟୁବ ଅଲ୍ଲି ଖାନ୍ ପ୍ରମୁଖ ସଦସ୍ୟମାନେ ପରିଚାଳନା କରିଥିଲେ ।

# ଦିଲ୍ଲୀରେ ଖୋଲିଲା ଧାର୍ମିକ ସ୍ଥଳ : କରୋନା ନିୟମକୁ ପାଳିଲେ ଶ୍ରଦ୍ଧାଳୁ

ନୂଆଦିଲ୍ଲୀ,୯ /୬(ନି.ପ୍ର): ଅନଲକ-୧ ଅନୁସାରେ ଦିଲ୍ଲୀରେ ସୋମବାର ଦିନ ସବୁ ମନ୍ଦିର, ମସଜିଦ୍, ଗୁରୁଦ୍ୱାରା ଏବଂ ଗିରିଜାଧର ଧାର୍ମିକ ଅନୁଷ୍ଠାନ ଗୁଡ଼ିକ ଖୋଲିଛି । ମନ୍ଦିର ଖୋଲିବା ମାତ୍ରେ ଭଗବାନଙ୍କ ଦର୍ଶନ ପାଇଁ ସକାଳେ ଶ୍ରଦ୍ଧାଳୁ ପହଂଚିଯାଇଥିଲେ । ଲୋକମାନେ ମାସ୍କ ପିନ୍ଧିଥିବାର ନଜରକୁ ଆସିଥିଲା । ଧାର୍ମିକ ସ୍ଥଳରେ ସାମାଜିକ ଦୂରତା, ସାନିଟାଇଜେସନ ଏବଂ ଅନ୍ୟ ସମସ୍ତ ନିୟମ ଉପରେ ନଜର ରଖାଯାଇଛି । ମନ୍ଦିରରେ ପ୍ରବେଶ ପୂର୍ବରୁ ଲୋକଙ୍କ ଥର୍ମାଲ ସ୍କ୍ରିନିଂ କରାଯାଉଛି । ଏହା ବାଦ ମନ୍ଦିରରେ ପ୍ରବେଶ ପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ କରିବାର ନିୟମ ମଧ୍ୟ ବତାଇ ଦିଆଯାଉଛି । ଦିଲ୍ଲୀର କାଲକାଜୀ ମନ୍ଦିରରେ ଶ୍ରଦ୍ଧାଳୁ ମାନେ ସାମାଜିକ ଦୂରତାକୁ ପାଳନ କରି ମାତା କାଲକା ଦେବୀଙ୍କୁ ଦର୍ଶନ କରିଛନ୍ତି । ଏହି ପରି ଝଣ୍ଡେୱାଲାନ ମନ୍ଦିରରେ ଶ୍ରଦ୍ଧାଳୁଗଣ ନିୟମ ଅନୁସାରେ ପୂଜା କରିଛନ୍ତି । ସେଠାରେ ପରିଚାଳନା ସଦସ୍ୟ ମାନଙ୍କ ଦ୍ୱାରା ସାନିଟାଇଜର ଓ ତାପମାନ ମାପିବା ପାଇଁ ମେସିନ ଲଗାଯାଇଛି । କନ୍ନାଟ ପ୍ଲେସ ପାଖରେ ଥିବା ହନୁମାନ ମନ୍ଦିରରେ ଢ଼ୋଲ ର ତାଳେ ତାଳେ ହନୁମାନ ରୂପରେ ଜଣେ ବ୍ୟକ୍ତି ସଜ୍ଜିତ ହୋଇ ନାଚୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଲୋଧି ରୋଡ଼ ସ୍ଥିତ ସାଇବାବା ମନ୍ଦିରରେ ଶ୍ରଦ୍ଧାଳୁମାନେ ଦୁଇ ଫୁଟ ଦୂରତା ପାଳନ କରି ପୂଜାର୍ଚ୍ଚନା କରିଥିଲେ । ଛତରପୁର ମନ୍ଦିରରେ ଭକ୍ତମାନେ ପୂଜାର୍ଚ୍ଚନା କରିଥିଲେ । ଏହିପରି ସମସ୍ତ ମନ୍ଦିରରେ ଶ୍ରଦ୍ଧାଳୁ ଭଗବାନଙ୍କ ଦର୍ଶନ ପାଇଁ ପହଂଚିଥିଲେ । ଶ୍ରଦ୍ଧାଳୁ ସାମାଜିକ ଦୂରତା ପାଳନ କରିବା ସହିତ ଭଗବାନଙ୍କ ଦର୍ଶନ ପାଇଁ ନିୟମକୁ ପାଳନ କରିଥିଲେ । ଶ୍ରଦ୍ଧାଳୁମାନେ କେଉଁଠାରେ ନିୟମ ଭାଙ୍ଗିବା ବା ଭିଡ଼ କରିବାର ଖବର ମିଳିନଥିଲା । ଦଲ୍ଲୀ କଂଗ୍ରେସ ଉପାଧକ୍ଷ ଅଭିଷେକ ଦତ କସ୍ତୁରବା ବିଧାନସଭା କ୍ଷେତ୍ରର ଧାର୍ମିକ ସ୍ଥଳକୁ ଗସ୍ତ କରିଥିଲେ । ସେ ଟ୍ୱିଟ୍ କରି କହିଛନ୍ତି କି ଏଠାରେ ଧାର୍ମିକସ୍ଥଳରେ ବହୁତ ଭଲ ଭାବରେ ପଦକ୍ଷେପ ନିଆଯାଇଛି । ଗୋଲ ବୁଲାଇ ଚିହ୍ନ ଦିଆଯିବା ସହିତ ସାନିଟାଇଜେସନର ସୁବିଧା କରାଯାଇର୍ଛି । ସମସ୍ତ ନାଗରିକ ମାନେ ଏହି ନିୟମକୁ ପାଳନ କରୁଛନ୍ତି ।

## ନୀଳଗିରି ପୋଲିସ ପକ୍ଷରୁ ସହରରେ କଡାକଡି ଚେକିଂ : ନିୟମ ଭଙ୍ଗକାରୀଙ୍କ ଠାରୁ ଫାଇନ ଆଦାୟ

ନୀଳଗିର,୯ /୬(ନି.ପ୍ର): ନୀଳଗିରି ଆଇଆଇସି ମିନତି ବିଶ୍ୱାଳଙ୍କ ନେତୃତ୍ୱରେ ସହରରେ ବିଭିନ୍ନ ସ୍ଥାନରେ ପୋଲିସ ଚଢଉ କରି ନିୟମ ଭଙ୍ଗକାରୀଙ୍କ ଠାରୁ ଫାଇନ ଆଦାୟ କରିବା ସହିତ ବହୁ ଯୁବକଙ୍କୁ ଥାନାକୁ ନେଇଥିବା ଦେଖିବାକୁ ମିଳିଛି । ବିଶେଷ କରି ଯେଉଁ ବ୍ୟକ୍ତି ମାନେ ମୁହଁରେ ମାସ୍କ ନପିନ୍ଧିବା, ବାଇକରେ ୧ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯାତାୟତ କରିବା, ଦୋକାନରେ ସାମାଜିକ ଦୂରତ୍ୱ ନମାନି ଭିଡ ଜମାଇବା ନିୟମ ଭଙ୍ଗକାରୀଙ୍କ ଠାରୁ ଫାଇନ ଆଦାୟ କରାଯାଇଛି । ବିଶେଷ କରି କଚେରୀ ବଜାର , ହାଟଛକ , ସିନେମା ବଜାର, ବସଷ୍ଟାଣ୍ଡ, ଗୁଣ୍ଡିଚା ବଜାର, କଦମ୍ବ ସାହି ଆଦି ସ୍ଥାନରୁ ଖିଲାପ କାରୀଙ୍କ ଠାରୁ ଫାଇନ ଆଦାୟ କରାଯାଇଛି । ଫାଇନ ଆଦାୟ କରିବା ସହିତ ଖିଲାପକାରୀଙ୍କୁ ତାଦିଗ କରାଯାଇଥିବା ଜଣାପଡିଛି । ଏହି ଚଢାଉରେ ଏସଆଇ ବାସୁଦେବ ଜୟ ସିଂ,ଅଶେଷ କୁମାର ଦାସ, ରାମଚନ୍ଦ୍ର ବେହେରା, ମନୋରଂଜନ ମୁନି ପ୍ରମୁଖ ସାମିଲ ଥିଲେ ।

# ଗୁଳିକାଣ୍ଡ ପରେ ରାତ୍ରୀକାଳୀନ କର୍ଫ୍ୟୁକୁ ମାନିଲେନି ଲୋକେ: ୨ ହଜାର ଲୋକ ଆଇଜିଏଚରେ ପହଁଚିଲେ

ରାଉରକେଲା,୯ /୬(ନି.ପ୍ର): ରାଉରକେଲା ସହରରେ ଗତ ରାତିରେ ସଂଗଠିତ ଏକ ଗୁଳିକାଣ୍ଡ ପରେ ରାତ୍ରୀକାଳୀନ କର୍ଫ୍ୟୁକୁ ଲୋକେ ଅମାନ୍ୟ କରିଥିବାର ଦୃଶ୍ୟ ରାଉରକେଲା ଆଇଜିଏଚରେ ଦେଖିବାକୁ ମିଳିଥିଲା । ଖୋଦ୍ ଏସପି ଓ ବହୁ ସଂଖ୍ୟାରେ ପୁଲିସ ଫୋର୍ସ ସମ୍ମୁଖରେ ରାତ୍ରୀ କର୍ଫ୍ୟୁକୁ ଅମାନ୍ୟ କରି ପାଖା ପାଖି ୨ ହଜାର ଲୋକ ରାଉରକେଲା ଆଇଜିଏଚରେ ପହଁଚି ଥିଲେ । ଯାହାକି ସହରରେ ପୁଲିସକୁ ପୁଣି ଆଉ ଏକ ଚାଲେଞ୍ଜ ଓ ଖୋଲା ଖୋଲି ଆଇନକୁ ଅମାନ୍ୟ ବୋଲି ସାଧାରଣରେ ଆଲୋଚନା ଆରମ୍ଭ ହୋଇଛି । ଏଭଳି ସ୍ଥିତି ଗତ କିଛି ଦିନ ହେଲା ଲାଗି ରହିଥିବା ବେଳେ ସହରରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗତକାଲି ରାତି ପ୍ରାୟ ୮ଟା ବେଳେ କଂଟେନମେଂଟ ଜୋନ୍ ଇଲାକାରୁ ଦୀଲସାଦ ନାମକ ଯୁବକ ଓ ତା'ର ସାଥୀ ରେଳବାଇ କଲୋନୀ ଅଂଚଳକୁ ଆସିଥିଲେ । ରେଳବାଇଏସପିଙ୍କ ଅଫିସ ସମ୍ମୁଖରେ ଥିବା ଏକ ପଡିଆରେ ଅନ୍ୟ ଏକ ଗୋଷ୍ଠି ସହ ସେମାନଙ୍କର ଯୁକ୍ତି ତର୍କ ଆରମ୍ଭ ହୋଇ ଶେଷରେ ଗୁଳି ଫୁଟିଥିଲା । ପରେ ଭୁଜାଲୀରେ ଆକ୍ରମଣ ହୋଇ ଦୀଲସାଦ ଗୁରୁତର ହୋଇପଡିଥିବା ବେଳେ, ତାଙ୍କ ସହ ଥିବା ଯୁବକ ମଧ୍ୟ ଆହତ ହୋଇଥିଲେ । ତେବେ ତୁରନ୍ତ ସେଠାକାର କିଛି ଲୋକ ଏମାନଙ୍କୁ ଆଇଜିଏଚ ପଠାଇଥିବା ବେଳେ, ଖବର ପାଇ ରାଉରକେଲା ପୁଲିସ ସେଠାରେ ପହଁଚିଥିଲା । ଡାକ୍ତରଖାନାରେ ଦୀଲସାଦର ମୃତ୍ୟୁ ହେବା ଖବର ପାଇ କଂଟେନମେଂଟ ଜୋନ ଇଲାକାରୁ ପ୍ରାୟ ୨ ହଜାର ଲୋକ ଡାକ୍ତରଖାନାରେ ରୁଣ୍ଡ ହୋଇ ନାନା ପ୍ରକାର ମନ୍ତବ୍ୟ ଦେଉଥିବା ଦେଖା ଯାଇଥିଲା । ତେବେ ମୃତ ଯୁବକ ଅନେକ ଅପରାଧୀକ ମାମଲାରେ ସଂପୃକ୍ତ ଥିବା ବେଳେ ଆକ୍ରମଣକାରୀ ମାନେ ମଧ୍ୟ ଅନେକ ମାମଲାରେ ସଂପୃକ୍ତ ଥିବା ଖବର ମିଳିଛି । ହେଲେ ଏନେଇ ଅଧିକ ଖବର ସଂଗ୍ରହ ପାଇଁ ପୁଲିସକୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ଉତର ମିଳିନଥିଲା । ଏଠାରେ ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ସଂନ୍ଧ୍ୟା ୭ଟା ପରେ କର୍ଫ୍ୟୁ ଘୋଷଣା କରିବା ସତ୍ତ୍ୱେ , ପାଖା ପାଖି ୨ ହଜାର ଲୋକ ରାତି ୧୦ଟା ବେଳେ ଏକ ଡାକ୍ତରଖାନା ସମ୍ମୁଖରେ ଏକତ୍ରୀତ ହେବା ନେଇ ଏବେ ସହରରେ ଆଲୋଚନା ଆରମ୍ଭ ହୋଇଛି । ଏଭଳି ସ୍ଥିତି ସରକାରଙ୍କ ନିୟମ ବିରୋଧୀ ନୁହେଁକି ବୋଲି ପ୍ରଶ୍ନ ହୋଇଛି । ସହରରେ ଗତ କିଛି ଦିନ ହେଲା କଂଟେନମେଂଟ ଜୋନ୍ ର ମାମଲାକୁ ନେଇ ବିଭିନ୍ନ ଘଟଣା ପୁଲିସ ପ୍ରଶାସନର କାର୍ଯ୍ୟଦକ୍ଷତାକୁ ନେଇ ଅନେକ ପ୍ରଶ୍ନ ଠିଆ କରିଛି । ସହରରେ କର୍ଫ୍ୟୁ ସଠିକ୍ ଭାବେ ପାଳନ ହେଉଛି କି ନାହିଁ କୌଣସି ବରିଷ୍ଠ ଅଧିକାରୀ ବୁଲି ଦେଖୁ ନଥିବା ବେଳେ, ପେଟ୍ରୋଲିଂ ଏକ ପ୍ରକାର ଶୁନ୍ । ଖାଲି ସେତିକି ନୁହେଁ ମୋ ପୁଲିସ ଯୋଜନା କହୁଛି ସାଧାରଣ ଲୋକେ ପୁଲିସ ଠାରୁ ଅତି ସହଜରେ ପାଖରେ ସେବା ପାଇବେ । କିନ୍ତୁ ରାଉରକେଲାରେ ଏହା ସମ୍ପୂର୍ଣ୍ଣ ଓଲଟା ଦେଖା ଯାଇଛି । କୌଣସି ଥାନା ଅଧିକାରୀ ଆଜି କାଲି ଥାନା ରେଥିବା ସରକାରୀ ସିୟୁଜି ଫୋନ ଧରୁନଥିବା ବେଳେ ସହରରେ ପେଟ୍ରୋଲିଂ କେବଳ ନାମକୁ ମାତ୍ର ଚାଲିଥିବାର ଅଭିଯୋଗ ହୋଇଛି । ଯଦି ସ୍ଥିତି ଏଭଳି ତେବେ ଲୋକେ ସେବା କଣ ପାଇବେ ଅନୁମାନ କରାଯାଇପାରେ । ସହରର ମୁଖ୍ୟ ରାସ୍ତାରେ ସିଟି ମୋବାଇଲ ଭ୍ୟାନ୍ ବୁଲୁଥିବା ବେଳେ କଲୋନୀ ଅଂଚଳକୁ ଯାଉନାହିଁ ।ଫଳରେ କଲୋନୀର ଗଳି ରାସ୍ତାରେ ବିଳମ୍ବିତ ରାତି ଯାଏ ଅସାମାଜିକ ତତ୍ୱ ସକ୍ରୀୟ ରହୁଛନ୍ତି । ଯାହାର ଉଦାହରଣ ଭାବେ ଖୋଦ୍ ରେଳବାଇ ଏସପିଙ୍କ ଅଫିସ ଆଗରେ ହତ୍ୟାକାଣ୍ଡକୁ ନିଆଯାଇପାରେ ।

# ବନ୍ଦେ ଉତ୍କଳ ସଂଗୀତକୁ ଓଡିଆ ସଂଗୀତା ମାନ୍ୟତା : ଉତ୍କଳ ସମ୍ମିଳନୀର କୃତଜ୍ଞତା

ଜଳେଶ୍ୱର,୯ /୬(ନି.ପ୍ର): ଶତାୟୁ ସଂଗୀତ ତଥା କାନ୍ତ କବି ଲକ୍ଷ୍ମୀକାନ୍ତଙ୍କ ବନ୍ଦେ ଉତ୍କଳ ଜନନୀ ସଂଗୀତକୁ ୪ ଦଶନ୍ଧି ଧରି ଉତ୍କଳ ସଂଗୀତ ମାନ୍ୟତା ଦେବାକୁ ଦାବି ହୋଇ ଆସୁଥିବା ବେଳେ ଗତ ରବିବାର ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଓଡିଆ ଜାତୀର ସଂଗୀତ ବୋଲି ଘୋଷଣା କରିବା ଯୋଗୁଁ ଉତ୍କଳ ସମ୍ମିଳନୀର ଜଳେଶ୍ୱର ଶାଖା ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଉତ୍କଳ ସମ୍ମିଳନୀ ଦୀର୍ଘବର୍ଷ ଧରି ଦାବୀ କରିବା ଫଳରେ ଆମ ସ୍ୱାଭୀମାନର ପ୍ରତୀକ ଗର୍ବ ଓ ଗୌରବର ଅମର ଗାଥା ବନ୍ଦେ ଉତ୍କଳ ଜନନୀକୁ ସରକାର ଏପରି ଏକ ସମ୍ମାନର ମର୍ଯ୍ୟାଦା ଦେଇଛନ୍ତି । ଏପରି ମୁହୁର୍ତ୍ତରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ସଂଗୀତର ସ୍ରଷ୍ଟା କାନ୍ତ କବି ଲକ୍ଷ୍ମିକାନ୍ତ ମହାପାତ୍ର ଓ ସଂଗୀତ ସୁଧାକର ବାଳକୃଷ୍ଣ କରଙ୍କୁ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ଜଳେଶ୍ୱର ଶାଖାର ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ର, ସଂପାଦକ ଆଇନ୍‌ଜିବୀ ଚିନ୍ମୟ କୁମାର ଦାସ, କୋଷାଧ୍ୟକ୍ଷ ଅଶୋକ ଦାସ, ସତ୍ୟ ସୁନ୍ଦର ଦାସ, କେନ୍ଦ୍ରୀୟ କମିଟି ସଂପାଦକ କମଳ କୁମାର ଚକ୍ରବର୍ତ୍ତୀ, ବିଷ୍ଣୁପଦ ମହାନ୍ତି, ସୁଧାଂଶୁ ସେଖର ପ୍ରଧାନ, ସନ୍ତୋଷ କୁମାର ବାରିକ, ଅରୁଣ କୁମାର ବେଜ, ଡ. ଅଜିତ୍ କୁମାର ମହାନ୍ତି, ସୁନୀଲ କୁମାର ନାୟକ ଓ ମୂରଲୀଧର ଦାସ ଅଧିକାରୀ ଉପସ୍ଥିତ ହୋଇ ଆଜି ଏକ ବୈଠକରେ ସରକାରଙ୍କୁ ସାଧାବାଦ ଜଣାଇଛନ୍ତି ।

# କଳାକାର ଆଖିରେ ଲୁହ : ଓଳିଏ ଖାଇଲେ ଓଳିଏ ଉପାସ ରହୁଛନ୍ତି ମେଲୋଡି କୁଇନ୍ ପ୍ରିୟା

ନୀଳଗିରି,୯ /୬(ନି.ପ୍ର): ସମାଜରେ ବହୁତ ଲୋକ ବହୁତ କଥା କୁହନ୍ତି ହେଲେ କଣପାଇଁ ଝିଅଟି ବାହାରକୁ ଯାଉଛି ସେକଥା କେହି ବୁଝନ୍ତି ନାହିଁ । ହେଲେ ରୋଗିଣା ବାପା, ମା ଙ୍କ ମୁହଁକୁ ଚାହିଁ ସେସବୁ କଥାକୁ ଅଣଦେଖା କରି ଆଗକୁ ବଢି ସମାଜ ପାଇଁ ଉଦାହରଣ ପାଲଟିଛନ୍ତି ନୀଳଗିରିର ଝିଅ ମେଲୋଡି କୁଇନ ପ୍ରିୟା । ନୀଳଗିରି ଏନଏସି ଅଧିନ ୮ ନଂ ୱାର୍ଡ ଟିମିନ ଭାଟି ଗ୍ରାମର ସୁରେନ୍ଦ୍ର ମହାନ୍ତି ଓ ସସ୍ମିତା ମହାନ୍ତି ଙ୍କ କନ୍ୟା ପ୍ରିୟା । ସଂସାର କହିଲେ ବାପା ମା ଓ ଝିଅ ତିନି ଜଣ, ପ୍ରିୟା ଦଶମ ଶ୍ରେଣୀରୁ ପାଠ ପଢାର ଡୋରୀ ବନ୍ଦ କରି ନାଚ ପ୍ରତିଥିବା ଦୁର୍ବଳତା ଓ ପରିବାର କଷ୍ଟକୁ ଦେଖି ପାଠପଢା ଛାଡି ଅରକେଷ୍ଟ୍ରାର ଡ୍ୟାନସର ଭାବେ ରାସ୍ତା ବାଛିନେଇଥିଲେ । ବିଶ୍ୱରେ କରୋନା ମହାମାରୀ ରୋଗ ଯୋଗୁଁ ଲକଡାଉନ ଓ ସର୍ଟ ଡାଉନ ଫଳରେ ଏବେ କାମ ବନ୍ଦ ଏହି ସୟମରେ ଘର ଚଳାଇବା ସମସ୍ତଙ୍କୁ କଷ୍ଟକର ହୋଇପଡିଛି । ନୀଳଗିରିର ଅରକେଷ୍ଟ୍ରା ଡ୍ୟାନସର କୁଇନ ପ୍ରିୟା ମହାନ୍ତି ମେଲୋଡିରେ ନାଚିଲେ ତାଙ୍କ ପରିବାର ଚଳେ । ଲକଡାଉନ , ସର୍ଟଡାଉନ ଯୋଗୁଁ ସବୁ ଯାତ୍ରାପାଟି ବନ୍ଦ ତେଣୁ ନାଚ ବି ବନ୍ଦ । କେବେ ଖୋଲିବ ତାହା କାହାକୁ ଜଣା ନାହିଁ । ପ୍ରିୟାଙ୍କ ଘରେ ଏବେ ବହୁତ ଖରାପ ପରିସ୍ଥିତି ଘରେ ଗୋଟେ ଓଳି ଖାଇଲେ ଆଉ ଗୋଟେ ଓଳି ଉପାସ ରହୁଛନ୍ତି ପ୍ରିୟାଙ୍କ ପରିବାର । ବାପାଙ୍କର ଦିନକୁ ୧୫୦ ଟଙ୍କା ରୋଜଗାରରେ ଘର ଚଳିବା କଷ୍ଟକର ଥିଲା ତେଣୁ ୩୦୦ ଟଙ୍କାରେ କାମ ଆରମ୍ଭ କରିଥିଲେ ପ୍ରିୟା । କାମ ବନ୍ଦକୁ ନେଇ ପ୍ରିୟା ଏବେ ଧାର ଉଧାର କରି ଘର ଚଳାଇବାକୁ ପଡୁଛି । ଘରେ ରୋଗିଣା ବାପା, ମା । ତାଙ୍କର ଔଷଧ ଖର୍ଚ୍ଚ ପାଇଁ ଦିନକୁ ୫ ଶହ ଟଙ୍କା ଆବଶ୍ୟକ । ରାତି ପାହିଲେ ମାଙ୍କ ମେଡିସିନ କେମିତି ଆସିବ ସେକଥା ରାତିରେ ଚିନ୍ତା କରି ନିଦ ହେଉନାହିଁ । ଦୁଃଖ ଲାଗିଲେ ଘର ପାଖ ଷ୍ଟାଡିୟମରେ ଏକା ଏକା ବସି ଗୁମୁରି କାନ୍ଦିବା ସାର ହୋଇଛି । କିଏ ପରିବା ବେପାର କରୁଛିତ ଆଉ କିଏ ଆଳୁ ବେପାର କରୁଛି । ଆଉ କିଏ ଗୁପଚୁପ ବେପାର ଆପଣେଇ ଲାଣି । ହେଲେ ପ୍ରିୟ ଝିଅ ପିଲା ଯିବେ କୁଆଡେ ? କରିବେ କଣ ? ସେନେଇ ଚିନ୍ତାରେ ପଡିଛନ୍ତି । କଳାକାର ପାଇଁ ସରକାର କଣ କରିଛନ୍ତି । ସରକାର ଖାଲି ଚାଉଳ ଦେଇଦେଲେ ହେବନାହିଁ ବୋଲି ପ୍ରିୟା ପ୍ରଶ୍ନ କରିବା ସହିତ ସରକାରଙ୍କ ସାହାଯ୍ୟ ପାଇଁ ହାତ ଯୋଡି ନିବେଦନ କରିଛନ୍ତି । ପରିବାର ଏପରି ଅସୁବିଧା ନେଇ ପ୍ରିୟାଙ୍କ ମା ବାତ ରୋଗ ପାରାଲିସକୁ ମାଇଗ୍ରେନ ହୋଇଥିବା ଯୋଗୁଁ ଝିଅ ପାଢ ନପଢି ଡ୍ୟାନ୍ସକୁ ଆପଣେଇ ନେଇଥିଲା । ହେଲେ ଏବେ ଭାଗ୍ୟ ତାଙ୍କୁ ବଇରୀ ସାଜିଛି । କରୋନା ମହାମାରୀ ରୋଗ ତାଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଇଛି । ଅପର ପକ୍ଷରେ ପ୍ରିୟାର ଭାଇନଥିବାରୁ ପ୍ରିୟାହିଁ ପୁଅ ଝିଅ ବୋଲି ବାପା ମା ପ୍ରକାଶ କରିବା ସହ ଘରର ଏପରି ପରିସ୍ଥିତିରେ ସରକାର ସାହାଯ୍ୟ ପାଇଁ ନିବେଦନ କରିଛନ୍ତି । ପରିବାରର ଅର୍ଥ ଅଭାବ ଯୋଗୁଁ ଝିଅ ପ୍ରିୟାକୁ କୌଣସି ସଂଗୀତ ଏକାଡେମିରେ ଶିକ୍ଷା ଦେଇନଥିଲା ବେଳେ ପ୍ରିୟା ଟିଭି ଓ ୟୁଟ୍ୟୁବ ଦେଖି ନାଚ ଶିଖିଥିବା ବାପା ପ୍ରକାଶ କରିଛନ୍ତି ।

## ମାସୁମ ଗ୍ରୁପ ପକ୍ଷରୁ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ

ଧର୍ମଶାଳା,୯ /୬(ନି.ପ୍ର): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଏହି ସଂକ୍ରମଣକୁ ରୋକ ଲଗାଇବା ପାଇଁ ସଚେତନ ଲୋକମାନଙ୍କ ନିକଟରେ ପଂହଚାଇବା ସହିତ କରୋନା ଯୋଦ୍ଧାମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଆଜି ଯାଜପୁର ବ୍ଲକ ଝାଲପଡା ପଂଚାୟତ ସାନବାଗସାହି ଗ୍ରାମସ୍ଥିତ ମା ଜାଡେଇ ମଧ୍ୟ ଇଂରାଜୀ ଓ ସାନବାଗସାହି ଉପ୍ରା ବିଦ୍ୟାଳୟ ପରିସରରେ ଆଜି ମାସୁମ ଗୃପ ପକ୍ଷରୁ ଯାଜପୁର ଜିଲ୍ଲାର କରୋନା ଯୋଦ୍ଧାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସାମାଜିକ ଦୂରତାକୁ ଦୃଷ୍ଟିରେ ରଖି ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭା ଆଜି ସକାଳୁ ଉଦଘାଟନ ହୋଇ ଅପରାହ୍ନରେ ଉଦଯାପିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଝାଲପଡା ପଂଚାୟତ ସରପଂଚ ନିର୍ମଳ ଚନ୍ଦ୍ର ସାମଲ ସଭାପତିତ୍ୱ କରିଥିବା ବେଳେ ମାସୁମ ଗୃପର ଅଧ୍ୟକ୍ଷ ମଂଟୁ ଦାସ ସଭା ପରିଚାଳନା କରିଥିଲେ । ଉକ୍ତ ସଭାରେ ଯାଜପୁର ସଦର ଥାନା ଅଧିକାରୀ ବଂଶୀଧର ବେହେରା, ଡାକ୍ତର ବସନ୍ତ କୁମାର ପଣ୍ଡା,ସ୍ୱାସ୍ଥ୍ୟ କର୍ମୀ ଅସିତ କୁମାର ନାୟକ,ଆଶା କର୍ମୀ ଆରତୀ ଦଳାଇ,ଅଙ୍ଗନୱାଡି କର୍ମୀ ଆଶାଲତା ମିଶ୍ର,ଶିକ୍ଷକ ଚିତରଂଜନ ବେହେରା,ସାମ୍ବାଦିକ ଅନିଲ କୁମାର ପଣ୍ଡା,ଚିନ୍ମୟ କୁମାର ନାୟକ,ଆଦିତ୍ୟ ମେକାପ,ରଂଜିତ କୁମାର ରାଉତ,ସୁକାନ୍ତି ରାଉତ,ସୁରେଶ କୁମାର କର,ସମାଜସେବୀ ଦିଲ୍ଲିପ କୁମାର ଜେନା,ଅବଦୁଲ ୱାହିଦ ଖାଁ, ଜୁଲ କିଶୋର ଜତି, ପ୍ରଦିପ କୁମାର ଦାସ, ପ୍ରମୋଦ ନାୟକ, ହିଂମାଶୁ ଶେଖର ସାହୁ,ସେକ ତସଲିମ୍, ସରପଂଚ ନିର୍ମଳ କୁମାର ସାମଲ, ନୂଆ ଆଲୋକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭ୍ୟମାନେ ଯୋଗ ଦେଇଥିଲେ । ଏହି ସଭାରେ ଅତିଥି ମାନେ କରୋନା ସମ୍ପର୍କୀତ ନିଜ ନିଜର ବକ୍ତବ୍ୟ ରଖିଥିବା ବେଳେ ସେମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ସାନବାଗସାହି ରବିନ୍ଦ୍ର କ୍ଲବ ଓ ମାସୁମ ଗୃପର ନିଶିକାନ୍ତ ସାମଲ,ପ୍ରମୋଦସାହୁ,ବାପୁଜୀ ଜେନା,ପ୍ରକାଶ ସାହୁ,ଚନ୍ଦ୍ରମଣି ବିଶ୍ୱାଳ,ମଣିନାଥ ସାହୁଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ ।

## ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୧.୧୧ ଲକ୍ଷ ଟଙ୍କା ପ୍ରଦାନ

ଭୁବନେଶ୍ୱର,୯ /୬(ନି.ପ୍ର): ଓଡିଶା ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭ୍ୟମାନଙ୍କର ସ୍ୱେଚ୍ଛାକୃତ ସହାୟତା ଭାବେ ପ୍ରଥମ ପର୍ଯ୍ୟାୟରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ -୧୯ ପାଣ୍ଠିକୁ ୧୧ ଲକ୍ଷ ୧୧ ହଜାର ଟଙ୍କା ପ୍ରଦାନ କରାଯାଇଛି । ସଂଘର ସାଧାରଣ ସମ୍ପାଦକ ଡ. ଧୀରେନ୍ଦ୍ର କୁମାର ମହାପାତ୍ର ଓ କୋଷାଧ୍ୟକ୍ଷ ଡ. ଅଭୟ କୁମାର ବେହେରା ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କୁ ରାଜ୍ୟ ଲୋକସେବା ଭବନ ଠାରେ ଏହି ଚେକ୍ ପ୍ରଦାନ କରିଛନ୍ତି । ସଭ୍ୟମାନଙ୍କ ଠାରୁ ପ୍ରାପ୍ତ ଆର୍ଥିକ ରାଶି ଦ୍ୱିତୀୟ ପଯ୍ୟାୟରେ ଉକ୍ତ ପାଣ୍ଠିକୁ ଚଳିତ ମାସରେ ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । କୋଭିଡ୍ ଲଢେଇରେ ସଂଘର ଏହି ଯୋଗଦାନ ପାଇଁ ମୁଖ୍ୟ ଶାସନ ସଚିବ ସାଧୁବାଦ ଜଣାଇଥିଲେ ।

## ମହାନ୍ ବୈଜ୍ଞାନିକ.......

(ପୃଷ୍ଠାର ୪ ଅବଶିଷ୍ଟାଂଶ)

ଏହାର ପ୍ରକାଶନ ହୋଇ ପାରିବନାହିଁ ବୋଲି ଆଦେଶ ଦିଆଗଲା । ଶାରିରୀକ ଶାସ୍ତିରୁ ତାଙ୍କୁ ମୁକ୍ତି ମିଳିଲା । ଗାଲିଲିଓଙ୍କୁ ସପ୍ତାହରେ ଥରେ ଝରଙ୍ଗରଭକ୍ତ୍ରରଭଗ୍ପକ୍ତ୍ରରଭଗ୍ପସଗ୍ପରଭଗ୍ପସବକ୍ଷ କ୍ଷ୍ଗ୍ପବକ୍ଷଙ୍କଗ୍ପ ଅଧ୍ୟାୟ ତିନି ବର୍ଷ ଯାକେ ପଢିବାକୁ ଆଦେଶ ଦିଆଗଲା । ଶେଷ ଜୀବନରେ ତାଙ୍କୁ ନିଜ ଘରେ ରହିବାକୁ ଅନୁମତି ଦିଆଗଲା । ୭୭ ବର୍ଷ ବୟସରେ ରୋଗ ଓ ନୈରାଶ୍ୟ ରେ ତାଙ୍କର ମୃତ୍ୟୁ ଘଟିଲା । ମୃତ୍ୟୁ ପରେ ତଙ୍କ ବନ୍ଧୁ ଟସ୍କାନୀର ଡ୍ୟୁକ ତାଙ୍କୁ ଆଡମ୍ବର ସହ ତାଙ୍କର ପୈତୃକ କବରସ୍ଥଳୀ ବାସାଲିକାରେ କବର ଦେବାକୁ ଚାହିଁଲେ ମଧ୍ୟ ପୋପ ଅନୁମତି ଦେଲେନାହିଁ । କବର ଖାନା ବାହାରେ ତାଙ୍କୁ ପୋତାଗଲା । ପରେ ୧୭୩୭ ମସିହାରେଏହା ଖୋଳାଯାଇ ତାଙ୍କର ପରିବାରଙ୍କ ପାଖରେ ପୋତା ଗଲା ଓ ଏକ ଆଙ୍ଗୁଠି ଶରୀରରୁ ନିଆଯାଇ ଫ୍ଲୋରେନସ ଠାରେ ଏକ ସ୍ମୃତି ମନ୍ଦିର ତିଆରି କରାଗଲା । ପରେ ତାଙ୍କ ଉପରେ ଲାଗିଥିବା ଦଣ୍ଡ ନେଇ ଅନେକ ବିଚାର ବିମର୍ଷ ଚାଲିଲା । ପ୍ରୋଟେଷ୍ଟାଂଟ ମାନେ ଏହାକୁ ଆୟୁଧ କରି ପୋପଙ୍କ ବିରୁଦ୍ଧରେ ଲଢିଲେ । ବହୁଦିନ ପରେ ୩୧ ଅକ୍ଟୋବର ୧୯୯୨ ମସିହାରେ ପୋପ ଜନ ପଲ-୨ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ପାଇଁ ଦୁଃଖ ପ୍ରକାଶ କଲେ । ଘଟଣାର ପରିସମାପ୍ତି ଘଟିଲା ।

ବିଜ୍ଞାନର ଏପରି କୌଣସି ଦିଗ ନାହିଁ ଯାହାକୁ ଗାଲିଲିଓ ଛୁଇଁ ନଥିଲେ । ପିଲାଦିନେ ବାପାଙ୍କର ସିତାର ବାଦନରେ କିପରି ଶବ୍ଦ ତରଙ୍ଗ ଦୋଳାୟମାନ ହେଉଛି ଦେଖି ସେ ଶବ୍ଦ ତରଙ୍ଗର ବିସ୍ତାର(ଫ୍ରିକ୍ୱେନସି) ର ଧାରଣା ଦେଇଥିଲେ । ୭ ଜାନୁୟାରୀ ୧୬୧୦ ରେ ସେ ଜୁପିଟର ଗ୍ରହର ୩ଟି ଓ୧୩ ତାରିଖ ଦିନ ଚତୁର୍ଥ ଉପଗ୍ରହର ସନ୍ଧାନ ପାଇଥିଲେ । ସେ ବୁଧ ଗ୍ରହ , ଶନିର ବଳୟ ଓ ନେପଚ୍ୟୁନ ଗ୍ରହ ଆବିଷ୍କାର କରିଥିଲେ । ସେ ନିଜେ ଦୂରବିକ୍ଷଣ ଯନ୍ତ୍ର (ଞରକ୍ଷରଗ୍ପମକ୍ଟକ୍ତ୍ରର)ବାହାର କରି ମହାକାଶ ପର୍ଯ୍ୟବେକ୍ଷଣ କରି ଛାୟାପଥ,ଅନେକ ନକ୍ଷତ୍ରର ସମାରେହ ବୋଲି କହିଥିଲେ । ଚନ୍ଦ୍ର ପୃଷ୍ଟର କଳା ଦାଗ ସେଠାକାର ପର୍ବତ ଓ ଖାଲ ବୋଲି କହିଥିଲେ । ସୁର୍ଯ୍ୟ ପୃଷ୍ଟର ସୌର କଳଙ୍କର ସେ ଧାରଣା ଦେଇଥିଲେ । ସମୁଦ୍ରରେ ଉଠୁଥିବା ଜୁଆର ଓ ଭଟ୍ଟା ପୃଥିବୀର ଗତି ଯୋଗୁ ହେଉଛି ବୋଲି ମତ ଦେଇଥିଲେ ।

ପେଣ୍ଡୁଲମ ପରୀକ୍ଷା: ଛାତରୁ ଝୁଲୁ ଥିବା ଚାଣ୍ଡେଲିଅରକୁ ଦେଖି ଗାଲିଲିଓ କହିଲେ ଯେ, ଯୋରରେ ଦୋଳାୟମାନ ହେଉ କି ଧିରେ ଝୁଲୁ, ପ୍ରତି ଦୋଳନ ପାଇଁ ସମାନ ସମୟ ଲାଗୁଛି । ଗୋଟଏ ପେଣ୍ଡୁଲମ ଝୁଲାଇ ସିଏ ଏହା ପ୍ରମାଣ କରିଥିଲେ । ନିଜର ଛାତିର ସ୍ପନ୍ଦନରୁ ହିସାବ କରି ସେ ଏହା ପ୍ରମାଣ କଲେ । ପରବର୍ତି କାଳରେ ଘଂଟା ନିର୍ମାଣରେ ଏହା ସହାୟ ହୋଇଥିଲା ।

ବାୟୁକୁ ଏକ ନଳିରେ ପୁରାଇ ସେ ଥର୍ମୋସ୍କୋପ ନାମରେ ଏକ ଯନ୍ତ୍ର ତିଆରି କରିଥିଲେ, ଯାହା ପରବର୍ତି କାଳରେ ଥର୍ମୋମିଟର ତିଆରିରେ ସହାୟ ହୋଇଥିଲା । ଗାଲିଲିଓ ନାବିକ ଓ ସୈନିକ ମାନଙ୍କ ପାଇଁ ଉନ୍ନତ ଧରଣର କମ୍ପାସ ତିଆରି କରି ବିକ୍ରୟ କରି ପ୍ରଭୁତ ଅର୍ଥ ଲାଭ କରିଥିଲେ । ଗାଲିଲିଓ ଲିନିଙ୍ଗ ଟାୱାର ଅଫ୍ ପିସାର ଶୀର୍ଷରୁ ଦୁଇଟି ବଡ ଓ ସାନ ଲୁହା ଗୋଲକ ତଳକୁ ଖସାଇଲେ । ଆରିଷ୍ଟଟଲଙ୍କ ସମୟରୁ ବିଶ୍ୱାସ ଥିଲା ଯେ, ଓଜନିଆ ବସ୍ତୁ ଶୀଘ୍ର ଖସିବ । କିନ୍ତୁ ଗାଲିଲିଓ ପ୍ରମାଣ କଲେ ଯେ ଗୋଟିଏ ବସ୍ତୁରେ ତିଆରି ବଡ ଓ ସାନ ପଦାର୍ଥ ସମାନ (ୟ=(ଗ୍ପ)୨ ବେଗରେ ତଳକୁ ଖସିବେ । ଏହି ବେଗ କ୍ରମେ ବଢି ବଢି ଯିବ ଯାହାକୁ ତ୍ୱରାନ୍ୱିତ ବେଗ(ଇମମରକ୍ଷରକ୍ତବଗ୍ପରୟ ଙ୍କଙ୍ଗ୍ପସକ୍ଟଭ) କୁହାଯାଏ । ଏହା ମାଧ୍ୟାକର୍ଷଣ ଶକ୍ତି ଯୋଗୁ ହୋଇଥାଏ । ସେ ମଧ୍ୟ ପ୍ରମାଣ କଲେ ଯଦି ଶୂନ୍ୟ ମାଧ୍ୟମରେ ଗୋଟାଏ ଗୁଳା କୁ ନିର୍ଦ୍ଦିଷ୍ଟ ବେଗରେ ପଠାଯାଏ, ଶୁନ୍ୟ ମାଧ୍ୟମ ରେ ତାହା ସେହି ବେଗରେ ସିମାହିନ ଯାତ୍ରା କରିବ । ଯେଉଁ ନିୟମରେ ମହାକାଶ ଯାନ ମାନ ପଠା ଯାଉଛି ।(There is no absolute motion or rest) ଷ୍ଟିଡେନ ହକିନସ ଓ ଓ ଆଲବର୍ଟ ଆଇନଷ୍ଟାଇନ ତାଙ୍କୁ ଆଧୁନିକ ବିଜ୍ଞାନର ଜନକ ବୋଲି ଘୋଷଣା କରିଛନ୍ତି । ତାଙ୍କ ମତ କୁ ଭିତି କରି ନିଉଟନଙ୍କ ଲ ଅଫ୍ ମୋସନ ଓ ଆଇନଷ୍ଟାଇନଙ୍କ ଥୀଓରୀ ଅଫ୍ ଲିଲେଟିଭିଟି ଗଢି ଉଠିଛି । ଜୁପିଟର ଗ୍ରହକୁ ପଠା ଯାଇଥିବା ମହାକାଶ ତାଙ୍କ ନାମରେ ନାମିତ ହୋଇଛି । ଗ୍ରହ ଗାଲିଲିଓ ଓ ଗ୍ରହାଣୁ ୬୯୭ ତାଙ୍କ ନାମ ବହନ କରିଛି । ସେ ଆବିଷ୍କାର କରିଥିବା ଦୁର ବିକ୍ଷଣ ଯନ୍ତ୍ରର ଚାରିଶହ ବର୍ଷ ପୂର୍ତି ଉପଲକ୍ଷେ୨୦୦୯ ମସିହାକୁ ଆର୍ନ୍ତଜାତିକ ମହାକାଶ ବର୍ଷ ରୂପେ ପାଳନ କରାଯାଇଛି ।

ବିଜ୍ଞାନ ମାଧ୍ୟମରେ ସତ୍ୟର ପ୍ରତିଷ୍ଠା ପାଇଁ ନିର୍ଯାତିତ ହୋଇଥିବା ଏହି ମହାମାନବଙ୍କୁ ଆସ-ସମସ୍ତେ ଆଜି ସମ୍ମାନ ଜଣାଇବା ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ମୋ:୯୪୩୭୨୩୫୩୮୬

## କନ୍ଧମାଳ ଜିଲ୍ଲାରେ ଚାଷକାମ ଆରମ୍ଭ, ୫୦ ହଜାର ହେକ୍ଟର ଧାନଚାଷ ଲକ୍ଷ

କନ୍ଧମାଳ,୦୯ ଜୁନ୍ (ହି.ସ.)- ଚଳିତ ଖରିଫ ଋତୁରେ ସମଗ୍ର କନ୍ଧମାଳ ଜିଲ୍ଲାରେ ୫୦ ହଜାର ହେକ୍ଟର ବା ଏକଲକ୍ଷ ୨୫ ହଜାର ଏକର ଅଂଚଳରେ ଧାନଚାଷ କରାଯିବ । ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ କରିଛି କୃଷି ବିଭାଗ । ଧାନଚାଷ ପାଇଁ ଜିଲ୍ଲାରେ ୧୫ଶହ କ୍ୱିଂଟାଲ ବିହନ ଆବଶ୍ୟକ ରହିଛି । ବର୍ତମାନ ସୁଦ୍ଧା ୭୧୦ କ୍ୱିଂଟାଲ ଧାନ ବିହନ ଜିଲ୍ଲାକୁ ଆସିଛି । ଚାଷୀ ମାନେ ବିହନ ମଧ କିଣୁଛନ୍ତି । ଏପଟେ ଆଗରୁ ବର୍ଷା ମଧ ହୋଇଯାଇଛି । ଫଳରେ ଚାଷୀ ଜମିକୁ ହଳ କରିବା ସହ ତଳି ମଧ ପକାଇବା ଆରମ୍ଭ କରିସାରିଲେଣି । ଆଉ ଦିନ କେଇଟା ଗଲେ ୧୫ ପୂର୍ବରୁ ମୌସୁମୀ ମଧ ଆସିଯିବ ବୋଲି ପାଣିପାଗ ବିଭାଗ କହିଛି । ଫଳରେ ଚାଷୀ ତତ୍ପର ହୋଇପଡିଛନ୍ତି । କନ୍ଧମାଳ ଜିଲ୍ଲାରେ ଖରିଫ ଷ୍ଟ୍ରାଟେଜି ମିଟିଙ୍ଗ୍ ଚଳିତବର୍ଷ କୁଆଡେ କରୋନା ପାଇଁ କରାଯାଇନଥିବା ବେଳେ ରାଜ୍ୟ ଷ୍ଟ୍ରାଟେଜି ମିଟିଙ୍ଗ୍ ଆଗୁଆ ସରିଯାଇଥିବା କୃଷି ବିଭାଗ କର୍ମଚାରୀ ଜଣକ କହିଛନ୍ତି ।

କନ୍ଧମାଳ ଜିଲ୍ଲାରେ ମୋଟ ୧ ଲକ୍ଷ ୨୭ ହଜାର ୭୯୦ ହେକ୍ଟର ଚାଷଜମି ରହିଛି । ସେଥିମଧ୍ୟରୁ ୧୦,୮୬୮ ଖାଲ ଜମି ଥିବା ବେଳେ ୯୬,୨୯୮ ଉଚ୍ଚାଜମି ରହିଛି, ୨୦,୬୨୪ ମଧ୍ୟମ କିସମ ଜମି ରହିଛି । ସେଥିମଧରୁ ୫୦ ହଜାର ହେକ୍ଟର ଜମିରେ ହିଁ ଧାନଚାଷ ହେଉଥିବା ବେଳେ ପନିପରୀବା, ତୈଳବୀଜ, ଡାଲିଜାତୀୟ, ଅଦା, ହଳଦୀ ଆଦି ଚାଷ କରାଯାଉଛି । ଚଳିତବର୍ଷ ପନିପରୀବା ଆଳୁ ଚାଷ ଉପରେ ମଧ ଗୁରୁତ୍ୱ ଦିଆଯାଉଛି । ଜିଲ୍ଲାରେ ମୋଟ ଚାଷଜମିର ମାତ୍ର ୨୨ ପ୍ରତିଶତ ଚାଷଜମିକୁ ଜଳସେଚନ ବ୍ୟବସ୍ଥା ରହିଛି । ବାକି ଚାଷ ବର୍ଷାଜଳ ଉପରେ ନିର୍ଭର କରି ଚାଷ କରାଯାଉଛି । କନ୍ଧମାଳ ଜିଲ୍ଲାରେ ୬୦ ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଚାଷୀ ଅଛନ୍ତି । ତେବେ, ଚାଷୀ ମାନଙ୍କୁ ଚାଷ କରିବାଲାଗି ଲ୍ୟାମ୍ପସ୍ ଓ ବ୍ୟାଙ୍କ ପକ୍ଷରୁ ସୁବିଧାରେ ଶିଘ୍ର ଋଣ ପ୍ରଦାନ କରିବାଲାଗି ବିଭିନ୍ନ ଚାଷୀ ସଂଗଠନ ଦାବୀ କରୁଥିଲେ ମଧ ଋଣ ମିଳିବାରେ ଅନେକ ସମସ୍ୟାର ସମ୍ମୁଖିନ ହେଉଛନ୍ତି ଚାଷୀ । ଚାଷୀମାନେ ଯେପରି ଠିକ୍ ଭାବେ ଋଣ ପାଇବା ସହ ବିହନ, ସାର, କୀଟନାଶକ ପାଇବେ ସେଥିପ୍ରତି କୃଷି ବିଭାଗ ଦୃଷ୍ଟି ଦେବାସହ ଚାଷୀଙ୍କୁ ଉନ୍ନତକିସମ ଚାଷ ପ୍ରଣାଳୀରେ ମଧ ଚାଷ କରିବାଲାଗି ବିଭାଗୀୟ କର୍ମଚାରୀ ମାନେ ତାଲିମ ଦେଉଥିବା ଜିଲ୍ଲା କୃଷି ଉପନିର୍ଦ୍ଦେଶକ ରବୀ ନାୟକ କହିଛନ୍ତି । ଚଳିତବର୍ଷ ମଧ ଧାନ ବିହନ ଯେପରି ମୌସୁମୀ ବର୍ଷା ପୂର୍ବରୁ ଜିଲ୍ଲାକୁ ଆସିବ ସେନେଇ ଉଦ୍ୟମ ଜାରୀ ରହିଥିବା କୃଷି ଉପନିର୍ଦ୍ଦେଶକ ନାଏକ କହିଛନ୍ତି । ଏଣୁ, ଚାଷୀମାନେ ବିହନ ପାଇଁ ବ୍ୟସ୍ତ ହେବା କିମ୍ବା ଚିନ୍ତିତ ହେବାର କିଛି ନାହିଁ ବୋଲି ସେ ଆହୁରି କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ବାଲେଶ୍ୱରରେ କରୋନା...

ହଜାର ପ୍ରବାସୀ ଜିଲ୍ଲାକୁ ଫେରିଛନ୍ତି । ଆଜି ମଧ୍ୟ ଗୋଆରୁ ହଜାରେରୁ ଉର୍ଦ୍ଧ୍ୱ ପ୍ରବାସୀଙ୍କୁ ନେଇ ବାଲେଶ୍ୱର ରେଳ ଷ୍ଟେସନରେ ଏକ ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍ ପହଞ୍ଚିଛି । ସମସ୍ତଙ୍କୁ ରେଜିଷ୍ଟ୍ରେସନ କରି, ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ପରେ କ୍ୱାରେଣ୍ଟାଇନ୍ ସେଣ୍ଟରକୁ ପଠାଯାଇଛି । ତେବେ ବାଲେଶ୍ୱରକୁ ଆସିଥିବା ଶ୍ରମିକ ସ୍ୱତନ୍ତ୍ର ଟ୍ରେନରେ ବାହାର ରାଜ୍ୟରୁ କେବଳ ଜିଲ୍ଲାକୁ ପ୍ରବାସୀ ଆସି ନାହାନ୍ତି । ବରଂ ଖୋର୍ଦ୍ଧା, ନବରଙ୍ଗପୁର, ସୁନ୍ଦରଗଡ଼, ଭଦ୍ରକ, ମୟୂରଭଂଜ, ସମ୍ବଲପୁର, ଗଞ୍ଜାମ ପ୍ରଭୃତି ଜିଲ୍ଲାର ଲୋକେ ମଧ୍ୟ ବାଲେଶ୍ୱରରେ ଓହ୍ଲାଇ ନିଜ ନିଜ ଜିଲ୍ଲାକୁ ଯାଉଛନ୍ତି । ଜିଲ୍ଲା ପ୍ରଶାସନ ସହାୟତରେ ସମସ୍ତଙ୍କୁ ବସ୍ ଯୋଗେ ପଠାଯାଉଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି । ସମସ୍ତ ପ୍ରକାର ସତର୍କତା ସତ୍ତ୍ୱେ ରାଜ୍ୟ ତଥା ଜିଲ୍ଲାରେ ବଢୁଥିବା କରୋନା ସଂକ୍ରମଣକୁ ନେଇ ସରକାର ତଥା ପ୍ରଶାସନର ଚିନ୍ତା ବଢ଼ାଇ ଦେଇଛି । ବିଶେଷ କରି ଲକ୍ଷଣ ନ ଥାଇ କ୍ୱାରେଣ୍ଟାଇନ୍ କେନ୍ଦ୍ରରେ ରହୁଥିବା ବ୍ୟକ୍ତିଙ୍କ ସମେତ ବାହାର ଉତ୍ସରୁ କରୋନା ପଜିଟିଭ୍ ଚିହ୍ନଟ ହେବା ରାଜ୍ୟ ପାଇଁ ଅନ୍ୟଏକ ବଡ଼ ସମସ୍ୟା ଉପୁଜିଛି । ବାହାର ଉତ୍ସକୁ ଠାବ କରିବା ପାଇଁ ସରକାରୀ ନିର୍ଦ୍ଦେଶ ଅନୁସାରେ ଜିଲ୍ଲାବାସୀଙ୍କ ସ୍ୱାବ ପରୀକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ନିଷ୍ପତି ନିଆଯାଇଛି । ଏନେଇ ଜିଲ୍ଲାର ଉଭୟ ପୌରାଞ୍ଚଳ ଓ ଗ୍ରାମାଞ୍ଚଳରେ ସମସ୍ତଙ୍କ ସ୍ୱାବ ପରୀକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରତି ୱାର୍ଡ଼ରେ ୱାର୍ଡ଼ ମେମ୍ବର, ଏଏନଏମ, ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ନେଇ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି । ଏହି କମିଟି ଘର ଘର ବୁଲି ପ୍ରତି ପରିବାର ଲୋକଙ୍କ ସ୍ୱାବ ନମୁନା ସଂଗ୍ରହ ପରୀକ୍ଷା ପାଇଁ ପଠାଇବାକୁ ନିଷ୍ପତି ଗ୍ରହଣ କରାଯାଇଛି । ଏହି ପ୍ରକ୍ରିୟା ଆରମ୍ଭ ହେଲେ ଆଗାମୀ ଦିନରେ ବାଲେଶ୍ୱର ଜିଲ୍ଲା ସମେତ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବ ବୋଲି ଆନୁମାନ କରାଯାଇଛି ।

### ମାସ୍କ ଓ ପିପିଇ...

ପିପିଇ କିଣାରେ ମଧ୍ୟ ଅନିୟମିତତାର ପ୍ରମାଣ ମିଳିଛି । କେଉଁ କମ୍ପାନୀ ପାଖରୁ ସରକାର କେତେ ପିପିଇ କିଣିଛନ୍ତି, କେତେ ଦାମ୍‌ରେ ତାହା ସରକାର ସ୍ପଷ୍ଟ କରିବା ଦରକାର । ଜୁନ୍ ୨ ତାରିଖରେ ୩୫ ଟି ଟ୍ରକ୍ ଭୁବନେଶ୍ୱରରେ ପହଂଚି ଔଷଧ ନିଗମ ସମ୍ମୁଖରେ ଛିଡା ହୋଇ ରହିଲେ । ଗଣମାଧ୍ୟମରେ ଏହା ପ୍ରକାଶ ପାଇବା ପରେ କିଛି ଜିନିଷ ରଖାଗଲା ଆଉ ସବୁ ଟ୍ରକ୍‌ଗୁଡିକୁ ଫେରାଇ ଦିଆଗଲା । ଏଥିରେ ପିପିଓ, ସାନିଟାଇଜର, ଭେଂଟିଲେଟର ଓ ମାସ୍କ ଇତ୍ୟାଦି ଥିଲା । କିଏ ଏବଂ କାହିଁକି ଏତେ ପରିମାଣରେ ଅର୍ଡର ଏଥିପାଇଁ ଦେଇଥିଲା । ଯଦି ଅର୍ଡର ଦିଆଯାଇଥିଲା କାହିଁକି କିଛି ଫେରାଇ ଦିଆଗଲା ? ଏହାର ସ୍ପଷ୍ଟ ଜବାବ ସରକାର ରଖନ୍ତୁ । ଗତକାଲି ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହା ମୋଦୀ ସରକାରଙ୍କର ଦ୍ୱିତୀୟ ପାଳି ଏକ ବର୍ଷ ପୂର୍ତି ଅବସରରେ ଏକ ଭର୍ଚୁଆଲ ର୍ୟାଲିରେ ଉଦ୍‌ବୋଧନ ଦେଇ ତାଙ୍କ ଦଳକୁ ଅଧିକ ସଂଗଠିତ କରିବା ପାଇଁ କାର୍ଯ୍ୟକର୍ତାମାନଙ୍କୁ ଆହ୍ୱାନ ଦେଇଥିଲେ ମଧ ଏଭଳି ଦୁର୍ଦ୍ଦିନ ସମୟରେ ରାଜ୍ୟ ସରକାରଙ୍କର ଏ ଦୁର୍ନତି ନେଇ ପଦଟିଏ ପାଟି ଫିଟାଇ ନଥିଲେ । ବିରୋଧି ଦଳର ଭୂମିକା ଲିଭାଇବା କଥା ତାହା ନକରି ରକ୍ଷଣାତ୍ମକ ଢ଼ଙ୍ଗରେ କଥାବାର୍ତା କରିବା ଓଡ଼ିଶା ବାସୀଙ୍କ ପ୍ରତି ବିଶ୍ୱାସଘାତକତା ନୁହେଁକି ? ଏ ନେଇ ଭାରତୀୟ ଜନତାପାର୍ଟି ଓ ତାର ରାଜ୍ୟ ନେତୃତ୍ୱ ସେମାନଙ୍କର ନିଷ୍ପତି ସ୍ପଷ୍ଟ କରିବା ଉଚିତ୍ ବୋଲି କହିଛନ୍ତି ପିସିସି ସଭାପତି ।ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଫିସ ବା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଭାବରେ ବିବୃତି ରଖିବା ପାଇଁ ଦାବି କରିଛନ୍ତି ପିସିସି ସଭାପତି ଶ୍ରୀ ପଟ୍ଟନାୟକ । ଯଦି ସରକାର ଜାଣିସୁଣି ଏ ଦୁର୍ନୀତିକୁ ପ୍ରଶୟ ଦେବାପାଇଁ ନୀରବ ରୁହନ୍ତି ଏ ରାଜ୍ୟର କୋଟି କୋଟି ଜନସାଧାରଣଙ୍କର ସ୍ୱାର୍ଥସୁରକ୍ଷା ପାଇଁ କଂଗ୍ରେସ ପାଟି ରାଜ ରାସ୍ତାକୁ ଓହ୍ଲାଇବାରେ ଦ୍ୱିଧାବୋଧ କରିବ ନାହିଁ ବୋଲି ଶ୍ରୀ ପଟ୍ଟନାୟକ ଚେତାଇ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କ ସହ ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନ୍‌ଗୋଙ୍କ ସହ ଶୁଭେନ୍ଦୁ ମହାନ୍ତି, ଜ୍ଞାନଦେବ ବେଉରା, ଅଭିଶେଷ ମହାନନ୍ଦ, ସୁଦର୍ଶନ ଦାସ, ପଦ୍ମାକର ଗୁରୁ, ରଜନୀ ମହାନ୍ତି ଓ ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ଏମସ୍‌ର ୪ ଡାକ୍ତର ...

ଜଣେ ଡାକ୍ତର, ଫାର୍ମାକୋଲୋଜି ବିଭାଗର ଜଣେ ଡାକ୍ତର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିଭଳି ପାଥୋଲୋଜି ଓ ସର୍ଜରୀ ବିଭାଗର ଜଣେ ଲେଖାଏଁ ଡାକ୍ତର କରୋନାରେ ଆକ୍ରାନ୍ତ ହୋଇଛନ୍ତି । ଡାକ୍ତରମାନେ କାହା ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି ସେ ନେଇ କୌଣସି ସୂଚନା ଆସିନାହିଁ । ତେବେ ସମ୍ପୃକ୍ତ ଡାକ୍ତରମାନେ ଯେଉଁ ଆପାର୍ଟମେଂଟରେ ତାହା କଂଟେନମେଂଟ ଅଂଚଳରେ ରହିଛି । ସମ୍ଭବତଃ ସେଠାକାର ପଜିଟିଭ୍ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ସେମାନେ ସଂକ୍ରମିତ ହୋଇଥାଇପାରନ୍ତି ।

### ୧୫ ଜିଲ୍ଲାର...

ସେହିପରି ଢେଙ୍କାନାଳରୁ ୫ଜଣ ସୁସ୍ଥ ହୋଇଥିବା ବେଳେ ବରଗଡ଼, କେନ୍ଦ୍ରାପଡା ଓ ସମ୍ବଲପୁରରୁ ୩ଜଣ ଲେଖାଏଁ ଏବଂ ବାଲେଶ୍ୱର ଓ ପୁରୀରୁ ୨ଜଣ ଲେଖାଏଁ ସୁସ୍ଥ ହୋଇଥିବା ନେଇ ସୂଚନା ଦେଇଛି ସ୍ୱାସ୍ଥ୍ୟ ବିଭାଗ । ସମସ୍ତଙ୍କର ସ୍ୱାବ ନମୁନା ରିପୋର୍ଟ ନେଗେଟିଭ ଆସିବା ପରେ ସେମାନଙ୍କୁ ଡିସଚାର୍ଜ କରାଯାଇଛି । ଅପରପକ୍ଷରେ ମଙ୍ଗଳବାର ସକାଳେ ରାଜ୍ୟରେ ଆଉ ୧୪୬ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୩୧୪୦ କୁ ବୃଦ୍ଧି ପାଇଛି । ବର୍ତମାନ ୯୯୮ଟି ସକ୍ରିୟ ମାମଲା ରହିଛି । ଏହା ସହ ୯ଜଣ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି ।

### କେଜ୍ରିୱାଲଙ୍କ କରୋନା...

ନେଗେଟିଭ ଆସିବା ପରେ ସେ ଆଶ୍ୱସ୍ତ ହୋଇଛନ୍ତି । ସୂଚନା ମୁତାବକ, ଅରବିନ୍ଦ କେଜ୍ରିୱାଲ ରବିବାରଠାରୁ ତାଙ୍କର ସମସ୍ତ ବୈଠକ ବାତିଲ କରିଥିଲେ ଏବଂ ନିଜକୁ ସଙ୍ଗରୋଧରେ ରଖିଥିଲେ । ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କୁ ରବିବାର ସନ୍ଧ୍ୟାରେ ଏକ ଅନଲାଇନ୍ ବୈଠକରେ ଶେଷ ଥର ପାଇଁ ଦେଖିବାକୁ ମିଳିଥିଲା । କରୋନାଭାଇରସ ସଙ୍କଟ ସମୟରେ ଦିଲ୍ଲୀର ସମସ୍ତ ସରକାରୀ ଏବଂ ବେସରକାରୀ ଡାକ୍ତରଖାନାକୁ କେବଳ ଦିଲ୍ଲୀବାସୀଙ୍କ ପାଇଁ ବ୍ୟବହାର କରିବାକୁ କେଜ୍ରିୱାଲ ଘୋଷଣା କରିଥିଲେ । ଏହା ପରେ ଶରୀରରେ କରୋନା ଲକ୍ଷଣ ଦେଖାଯିବାରୁ ସେ ନିଜକୁ ସଙ୍ଗରୋଧ କରିବାକୁ ନିଷ୍ପତି ନେଇଥିଲେ ।

### ଶାହାଙ୍କ ଭର୍ଚୁଆଲ....

ଏହି ଜନସମ୍ବାଦ ଭିଡିଓ ଓଡିଶାର ୧ କୋଟି ଲୋକଙ୍କ ପାଖରେ ପହଂଚିଥିଲା । ଓଡିଶାବାସୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଦୃଢ ବିଶ୍ୱାସ ପ୍ରକଟ କରିଛନ୍ତି । ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂତି ଅବସରରେ ଓଡିଶାର ବିକାଶ, ବିପର୍ଯ୍ୟୟର ସହାୟତା, ସ୍ୱାର୍ଥ, ସ୍ୱାଭିମାନ ଓ ସଂସ୍କୃତି ଆଦି ମହତ୍ୱପୂର୍ଣ୍ଣ ଉପଲ୍ଧୀ ସଂପର୍କିତ ଏକ ଲିଫଲେଟ ଉନ୍ମୋଚନ କରାଯାଇଛି । ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ କାର୍ଯ୍ୟ ଧାରା ଏବଂ ଓଡିଶାକୁ ମିଳିଥିବା ଅନୁଦାନ ସଂପର୍କରେ ଉଲ୍ଲେଖ ଥିବା ଏହି ଲିଫଲେଟକୁ ବିଜେପିର ୩୭ ହଜାର ବୁଥର କାର୍ଯ୍ୟକର୍ତାମାନେ ପ୍ରତି ବୁଥରେ ୧୦୦ଟି ପରିବାର ପାଖରେ ପହଂଚାଇବା ସହ ଜନ ଆଶୀର୍ବାଦ ଭିକ୍ଷା କରିବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ଅବସରରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ରାଜ୍ୟ ସାଧାରଣ ସଂପାଦକ ଭୃଗୁ ବକ୍ସିପାତ୍ର, ରାଜ୍ୟ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ଏବଂ ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### କରୋନା ପାଇଁ ଅଟକିଥିବା....

ବ୍ୟୟରେ ଦୁଇଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ଏହାବାଦ୍ ୩୫୯୭କୋଟି ୪୮ଲକ୍ଷ ଟଙ୍କା ବ୍ୟୟରେ ଆଉ ୨୧ଟି ମେଗା ପ୍ରକଳ୍ପ ଲାଗି ଟେଣ୍ଡର ଜାରି ହେବ । ଏଥି ମଧ୍ୟରୁ ବସୁଧା ଯୋଜନାରେ ସର୍ବାଧିକ ୧୧ଟି ପ୍ରକଳ୍ପ ରହିଥିବାବେଳେ ଆରଆଇଡିଏଫ୍ ରେ ୮ଟି ଓ ଜେଜେଏମ୍ ରେ ଜରିଆରେ ଦୁଇଟି ପ୍ରକଳ୍ପ କାର୍ଯ୍ୟପାଇଁ ଟେଣ୍ଡର ଜାରି କରାଯିବ । ସେହିଭଳି ୫୮୬୧ଟି ପାଇପ୍ ଯୋଗେ ପାନୀୟଜଳ ପ୍ରକଳ୍ପ ପାଇଁ ୨୪,୨୪୪କୋଟି ୬୩ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଏଥି ମଧ୍ୟରୁ ୫୭୭୪ଟି ଗ୍ରାମ ପାଇଁ ୭୪୨୮କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଆଜି ସୁଦ୍ଧା ୨୧୩୯ ଛୋଟ ପ୍ରକଳ୍ପ ୧୮୩୯ କୋଟି ୩୧ ଲକ୍ଷ ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଛି । ବୈଠକରେ ପାନୀୟଜଳ ଯୋଗାଣ ନିର୍ଦ୍ଦେଶକ ବି.ପରମେଶ୍ୱରନ, ସର୍ବୋଚ୍ଚ ଯନ୍ତ୍ରୀ ଅଭୟ ବିଶ୍ୱାଳଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ରାଇବଣିଆରେ ହାତୀ କ୍ଷତିପୂରଣ ଦେଲେ ବନବିଭାଗ : ମୃତବ୍ୟକ୍ତିଙ୍କ ଲାଗି ୪ଲକ୍ଷ ସହାୟତା

ଜଳେଶ୍ୱର,୯।୬(ନିପ୍ର) : ବିଳମ୍ବରେ ହେଲେ ମଧ୍ୟ ରାଇବଣିଆ ଅଂଚଳରେ ଏକ ବର୍ଷ ଧରି ବାରମ୍ବାର ହାତୀଗୁଡିକ କ୍ଷତି ଘଟାଇଥିବା ଲୋକଙ୍କର କ୍ଷତିପୂରଣ ବନବିଭାଗ ୨ଦିନ ତଳେ ପ୍ରଦାନ କରିଛି । ଜଣେ ବ୍ୟକ୍ତିର ମୃତ୍ୟୁଲାଗି ୪ଲକ୍ଷ ଟଙ୍କା, ଫସଲ କ୍ଷତି ଲାଗି ୪ଲକ୍ଷ୨୫ହଜାର୬ ଶହ ଟଙ୍କା, ଘର ଭଂଗାଲାଗି ୧ଲକ୍ଷ୭୦ ହଜାର ଟଙ୍କା, ବ୍ୟକ୍ତି ବିଶେଷଙ୍କ ବ୍ୟାଙ୍କ ପାସ୍‌ବୁକ୍‌କୁ ପଠାଯାଇଥିବା ଜଣାଯାଇଛି । ରାଇବଣିଆ ଥାନା ଅନ୍ତର୍ଗତ ଶ୍ୟାମନଗର, କାଳିକ, ରାଇବଣିଆ, ସର୍ଦ୍ଦାରବନ୍ଧ, ବରଡିହା, କଳମା ପଂଚାୟତରେ ଦୀର୍ଘ ୧ବର୍ଷ ଧରି ବାରମ୍ବାର ହାତୀ ଗୁଡିକ ଆସି ବ୍ୟାପକ କ୍ଷତି ଘଟାଇଥିଲେ । ପ୍ରାୟ ୫୦ଏକର ଜମିର ଫସଲ ଏବଂ ୮୦ ଟି ଘର ଭାଂଗିଥିବାର ସେତେବେଳେ ଅଭିଯୋଗ ହୋଇଥିଲା । ବନବିଭାଗ ଓ ରାଜସ୍ୱ ବିଭାଗ ମିଳିତଭାବେ କ୍ଷୟକ୍ଷତିର ଆକଳନ କଲାପରେ ଆର୍ଥୀକ ଅନୁଦାନ ସହାୟତା କରାଯାଇଛି ବୋଲି ଜଳେଶ୍ୱର ରେଞ୍ଜ ଅଫିସର ସରୋଜ କୁମାର ମହାନ୍ତି କହିଛନ୍ତି । ତଥ୍ୟ ଅନୁଯାୟୀ ରାଇବଣିଆ ଅଂଚଳର ୧୨୧ଜଣ ବ୍ୟକ୍ତିଙ୍କର ୪୨ ଏକର ୫୬ଡିସିମିଲ ଜମିର ଫସଲ ହାତୀ ମାନେ ନଷ୍ଟ କରିଥିଲେ । ସରକାରଙ୍କ ନିତୀ ନିୟମ ଅନୁଯାୟୀ ଏକର ପିଛା ୧୦ହଜାର ଟଙ୍କା କ୍ଷତିପୂରଣ ବାବଦରେ ଦେବାକୁ ଥିବାରୁ ମୋଟ ୪ଲକ୍ଷ୨୫ହଜାର ୬ଶହ ଟଙ୍କା କ୍ଷତିଗ୍ରସ୍ତ ଚାଷୀଙ୍କୁ ବ୍ୟାଙ୍କ ପାସ୍‌ବୁକ୍‌ରେ ଜମା କରାଯାଇଛି । ରାଇବଣିଆ ଥାନା ଅନ୍ତର୍ଗତ ଶ୍ୟାମନଗର ପଂଚାୟତର ଘାସିପଡା ଗାଁର ବାହାଦୁର ମାରାଣ୍ଡିକୁ ଏକ ଦନ୍ତା ଦଳି ମାରିଥିବାରୁ ତାଙ୍କ ବିଧବା ପତ୍ନୀ ଆଲାଦି ମାରାଣ୍ଡିକୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଦିଆଯାଇଛି । ୧୦ଟି ସଂପୂର୍ଣ୍ଣ ଘର ଭଂାଗି ଯାଇଥିବାରୁ ୧୦ହଜାର ଲେଖାଏଁ ୧ଲକ୍ଷ ଟଙ୍କା ଓ ୩୫ଟି ଅଂଶିକ ଗୃହ ଭାଂଗିଥିବା ବାବଦକୁ ୨ହଜାର ଟଙ୍କା ଲେଖାଏଁ ୭୦ହଜାରଟଙ୍କା ପ୍ରଦାନ କରାଯାଇଥିବା ରେଞ୍ଜର ଶ୍ରୀ ମହାନ୍ତି କହିଛନ୍ତି । ଚେକ୍ ଓ ଆର୍ଥୀକ ସହାୟତା ପ୍ରଦାନ ବେଳେ ସରପଂଚ ପ୍ରତିନିଧି ଚନ୍ଦନ ପାତ୍ର, ନାଏବ ସରପଂଚ ସୁରେନ୍ ମୁର୍ମୁ, ଫରେଷ୍ଟର ତପନ ସିଂ, ଲୁସୁ କିସ୍କୁ ଓ ଗ୍ରାମ୍ୟ ମୁଖ୍ୟ ସୁରେଶ ମହନ୍ତ ଉପସ୍ଥିତ ଥିଲେ । ଏପରି ଆର୍ଥୀକ ସହାୟତା ଦେବାପରେ ସେ ଅଂଚଳରେ ଚାଲିଥିବା ଉତ୍ତେଜନା ପ୍ରଶମିତ ହୋଇଛନ୍ତି ।

## ଯୋଜନା ବୋର୍ଡର ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୯।୬ (ନି.ପ୍ର): ରାଜ୍ୟର ଅର୍ଥନୀତିକୁ ଗତିଶୀଳ କରିବାକୁ ସମସ୍ତଙ୍କ ମତାମତ ନିଆ ଯାଇଛି । ରାଜ୍ୟର ସମସ୍ୟା ଓ ଆହ୍ୱାନ ବଦଳି ଯାଇଛି । ପ୍ରବାସୀ ଶ୍ରମିକ,କୃଷି,ଜଳସମ୍ପଦ ପରି ବିଭିନ୍ନ ବିଭାଗ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ସବୁ ବିଭାଗ ମିଶାଇ କିପରି ସମନ୍ୱିତ ଯୋଜନା ପ୍ରସ୍ତୁତ ହୋଇପାରିବ ସେ ନେଇ ଆଲୋଚନା ହୋଇଛି ।ଆଜି ଅପରାହ୍ନରେ ରାଜ୍ୟ ଯୋଜନା ବୋର୍ଡର ବୈଠକ ଅନୁଷ୍ଠିତ ହେବା ପରେ ବୋର୍ଡ ଉପାଧକ୍ଷ ସଞ୍ଜୟ ଦଶବର୍ମା ଏହି ସୂଚନା ଦେଇଛନ୍ତି ।ସେ କହିଛନ୍ତି ଯେ ୭ ଦିନ ଭିତରେ ସେମାନଙ୍କ ପ୍ରସ୍ତାବ ଦେବାକୁ ସବୁ ବିଭାଗ ଅଧିକାରୀଙ୍କୁ କୁହାଯାଇଛି । ଯେଉଁ ମାନେ ଯୋଜନା ପ୍ରସ୍ତୁତ କରିଛନ୍ତି ତାଙ୍କ ପରାମର୍ଶ ନିଆଯିବ । ୭ ଦିନ ମଧରେ ସମସ୍ତ ବିଭାଗର ରିପୋର୍ଟ ଆସିବା ପରେ ନବକୃଷ୍ଣ ଚୌଧୁରୀ ସେଂଟର ଫର ଡେଭଲପମେଂଟ ଷ୍ଟଡିଜକୁ ରିପୋର୍ଟ ପ୍ରସ୍ତୁତ ପାଇଁ ଦିଆଯିବ ।କିପରି ଆର୍ଥିକ ଅବସ୍ଥା ସୁଦୃଢ ହେବ ସେ ନେଇ ପ୍ରସ୍ତାବ ଆସିବା ପରେ ଏହାକୁ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରାଯିବ । । ଅଧିକରୁ ଅଧିକ ବିଭିନ୍ନ ବିଭାଗରେ ଶ୍ରମ ଦିବସ ସୃଷ୍ଟି ସହ ସ୍ଥାନୀୟ ଅଂଚଳରେ କର୍ମନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି ।

## ଶିକ୍ଷକ ପରିବାରରେ ଯୌତୁକ ନିର୍ଯ୍ୟାତନା

### ବିବାହର ୪ମାସ ପରେ କରୁଣ ପରିସ୍ଥିତି : ପୁଲିସ୍ ଉପସ୍ଥିତିରେ ଫେରାଗଲା ଯୌତୁକ ଜିନିଷ

ଜଳେଶ୍ୱର,୯।୬(ନିପ୍ର) : ବାହବେଦୀରେ ବସି ଯୁବକଟିଏ ଅଗ୍ନିଦେବଙ୍କୁ ସାକ୍ଷୀ ରଖି ଅଜଣା ସାଥୀକୁ ଆପଣେଇଥାଏ । ସାତଜନ୍ମଲାଗି ପ୍ରେମ ବନ୍ଧନରେ ବାନ୍ଧିହେବାଲାଗି ଉଭ ପ୍ରତିଜ୍ଞାବନ୍ଧ ହୋଇଥାନ୍ତି । କିନ୍ତୁ ଭାଗ୍ୟର ବିଡମ୍ବନା, ଏ ସମସ୍ତ ସମ୍ପର୍କକୁ ଚିନ୍ନ କରି ସୈତାନୀ ପ୍ରବୃତିକୁ ଆପଣେଇ ଥାଏ ଏହି ମଣିଷ । ଫଳରେ ଦୁହିତା ଦୁଇକୂଳକୁ ହିତ ହୋଇନପାରି ପରିସ୍ଥିତି ସୃଷ୍ଟି କରିଥାଏ । ଶେଷରେ ସ୍ୱାମୀ -ସ୍ତ୍ରୀ ମଧ୍ୟରେ ପାଚେରୀ ଛିଡାହୁଏ । ସେପରି ଏକ ଘଟଣା ଘଟିଛି ଜଳେଶ୍ୱର ଅଂଚଳରେ । ଜଳେଶ୍ୱର ଥାନାର ରାଜପୁର ଗାଁର ଗୟାପ୍ରସାଦ ବେହେରା ଜଣେ ଶିକ୍ଷକ ଥିବା ବେଳେ ତାଙ୍କ ପୁଅ ରାକେଶ ବେହେରା ମଧ୍ୟ ଜଣେ ଶିକ୍ଷକ ଭାବେ କାର୍ଯ୍ୟରତ । ୪ମାସ ତଳେ ଫେବୃଆରୀ ମାସରେ ରାଜେଶଙ୍କର ସରସୀଦା ଗ୍ରାମର ରଂଜୁବାଳା ବେହେରାଙ୍କ ସହ ବୈଦିକ ରିତୀରେ ସମସ୍ତ ଯାନି ଯୌତୁକ ସହ ବିବାହ ହୋଇଥିବା ଥାନା ସୂତ୍ରରୁ ପ୍ରକାଶ । ରଂଜୁବାଳା ବେହେରା ମଧ୍ୟ ଜଣେ ଶିକ୍ଷୟତ୍ରୀ । କିନ୍ତୁ ବିବହାର କିଛିଦିନ ପରେ ସ୍ୱାମୀ, ଶ୍ୱଶୁର, ଶାଶୁ ମିଳନବାଳା ବେହେରା ଓ ନଣଦ ଶୁଭସ୍ମିତା ଦେ ରଂଜୁବାଳାକୁ ଯୌତୁକ ନିର୍ଯ୍ୟାତନା ଦେଇ ଆସୁଥିଲେ । ପରିସ୍ଥିତି ଏପରି ହେଲା ଗତ ୫-୬-୨୦ରେ ରଂଜୁବାଳା ଥାନାରେ ଅଭିଯୋଗ କରିବାପରେ ୧୮୯/୨୦ ମୂଳେ ଏକ ମାମଲା ରୁଜୁ ହେହାଇଥିଲା । ପ୍ରକାଶଯୋଗ୍ୟ, ନଣନ୍ଦ ଶୁଭସ୍ମିତା ଦେଙ୍କ ବିବାହ ନାବରା ଅଂଚଳରୁ ହୋଇଥିଲେ ମଧ୍ୟ ବିବାଦୀୟ ପରିସ୍ଥିତି ଯୋଗୁଁ ସେ ବାପଘରେ ରହୁଛନ୍ତି । ଆଜି ଜଳେଶ୍ୱର ଥାନା ସବ୍ ଇନସ୍‌ପେକ୍ଟର ଅନୁସୂୟା ନାୟକ ସଦଳବଳେ ରାକେଶଘରେ ଚଢାଉ କରି ଯୌତୁକ ଜିନିଷପତ୍ର ତବତ୍ କରି ରଂଜୁବାଳାକୁ ଫେରାଇଥିବା ଜଣାଯାଇଛି ।

## କୋଭିଡ୍ ପାଇଁ ସରକାରୀ କର୍ମଚାରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପରାମର୍ଶ

### ୨ ମିଟର ବ୍ୟବଧାନ ସହ କରିଡରରେ ଅଯଥା ଗହଳି ନକରିବାକୁ ପରାମର୍ଶ

ଭୁବନେଶ୍ୱର,୯।୬ (ନି.ପ୍ର): ରାଜ୍ୟରେ କୋଭିଡ୍ -୧୯ ସଂକ୍ରମଣକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ସାମାଜିକ ଗୁରୁତ୍ୱକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରି ବିଭିନ୍ନ ସରକାରୀ ବିଭାଗ/ କାର୍ଯ୍ୟାଳୟଗୁଡ଼ିକରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସରକାରଙ୍କ ତରଫରୁ ପରାମର୍ଶ ଦିଆଯାଇଛି । କାର୍ଯ୍ୟ ପରିସରରେ ପରସ୍ପର ମଧ୍ୟରେ ୨ ମିଟର ବ୍ୟବଧାନର ସାମାଜିକ ଦୂରତ୍ୱ ବଜାୟ ରଖିବା, କରିଡର ଏବଂ ସର୍ବସାଧାରଣ ଚଳପ୍ରଚଳ ସ୍ଥାନରେ ଅଯଥା ଗହଳି ନ'କରିବାକୁ ରାଜ୍ୟ ସମରକାର କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ସେହିପରି ପ୍ରତ୍ୟେକ କର୍ମଚାରୀ ଅଫିସ୍ ରେ ଥିବା ସମୟରେ ନିୟମିତ ହାତ ଧୋଇବା ଆଦିକୁ କଡ଼ାକଡ଼ି ପାଳନ ଭାବେ ଅନୁପାଳନ କରାଯିବ । ସରକାରୀ ବୈଠକ ଯେତେଦୂର ସମ୍ଭବ ଭିଡ଼ିଓ କନ୍ଫରେନ୍ସ ମାଧମରେ କରାଯିବ ।ନିୟମିତ ଭାବେ ଅଫିସ କୋଠା ଏବଂ ସର୍ବସାଧାରଣ ସ୍ଥାନଗୁଡ଼ିକୁ ବିଶୋଧନ କରାଯିବ । ସରକାରୀ କାର୍ଯ୍ୟାଳୟଗୁଡ଼ିକର ସମସ୍ତ ପ୍ରକୋଷ୍ଠ, ସିଡ଼ିପାହାଚ, ଶୌଚାଳୟଗୁଡ଼ିକ ନିୟମିତ ସଫେଇ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ବିଶୋଧନ ସାମଗ୍ରୀ ଗଚ୍ଛିତ ରଖାଯିବ ।

ଏହା ବ୍ୟତୀତ ଅଫିସ୍ ପରିସରରେ ଛେପ ପକାଇବାକୁ କଡ଼ାକଡ଼ି ବାରଣ କରାଯାଇଛି । ଅସୁସ୍ଥ ଅନୁଭବ କରୁଥିବା କର୍ମଚାରୀମାନେ ସ୍ୱାସ୍ଥ୍ୟ ପରାମର୍ଶ ନେବେ । ବୟସ୍କ କର୍ମଚାରୀ/ ଗୁରୁତର ରୋଗ ଥିବା କର୍ମଚାରୀ/ ଗର୍ଭବତୀ ଥିବା ମହିଳା କର୍ମଚାରୀ ସିଧାସଳଖ ବାହାର ଲୋକଙ୍କ ସଂସ୍ପର୍ଶରେ ଆସିବେ ନାହିଁ । ସାଧାରଣ ଅଭିଯୋଗ ଏବଂ ସାଧାରଣ ପ୍ରଶାସନ ବିଭାଗ ତରଫରୁ ଏ ସଂପର୍କିତ ସବିଶେଷ ମାର୍ଗଦର୍ଶିକା ଜାରି କରାଯାଇଛି ।

## କୃଷି ଓ ନିଜର ଉନ୍ନତି ପାଇଁ କୃଷକମାନେ ସଂଗଠିତ ହେବା ଆବଶ୍ୟକ

କନ୍ଧମାଳ,୯।୬ (ନି.ପ୍ର): ଚାଷୀମାନଙ୍କ ବିକାଶ ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଥିଲେ ମଧ ଅଜ୍ଞତା ବଶତଃ ଚାଷୀମାନେ ଏହାର ସଠିକ୍ ଲାଭ ପାଇ ପାରୁନାହାନ୍ତି । ଫସଲ ଉପୁଯାଇବା ପାଇଁ ଚାଷୀ ହାଡଭଙ୍ଗା ପରିଶ୍ରମ କରୁଛି ସତ କିନ୍ତୁ ନିଜର କଷ୍ଟ ଅର୍ଜିତ ଫସଲକୁ ଉଚିତ୍ ସମୟରେ ଓ ଉଚିତ୍ ଦରରେ ବିକ୍ରି କରି ନପାରୁଥିବାରୁ ଧିରେ ଧିରେ ଚାଷ କାର୍ଯ୍ୟ ପ୍ରତି ତାର ବିତୃଷ୍ଣା ମନୋଭାବ ଆସୁଛି । ଏହାକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ସେମାନଙ୍କ ଉଚିତ୍ ପ୍ରାପ୍ୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ନାବାର୍ଡ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀଙ୍କ ମିଳିତ ଉଦ୍ୟମରେ କନ୍ଧମାଳ ଜିଲ୍ଲାରେ କୃଷି ଓ କୃଷକର ବିକାଶ କରିବା ପାଇଁ ବିଭିନ୍ନ ଅଂଚଳରେ ଚାଷୀମାନଙ୍କୁ ନେଇ କୃଷକ ଉତ୍ପାଦ ସଙ୍ଗଠନ ଗଠନ କରାଯାଇଅଛି । ଏହି ସଂଗଠନ ଗଠନ ହେବା ପରେ ଉଭୟ କୃଷି ଓ କୃଷକମାନଙ୍କ ବିକାଶ ଆରମ୍ଭ ହୋଇଯାଇଛି । କ.ନୂଆଗାଁ ବ୍ଲକ୍ ଅଂଚଳର ହାତୀଶାଳ କୃଷକ ଉତ୍ପାଦ ସଂଗଠନ, ଟିକାବାଲି ବ୍ଲକ୍‌ର ଉଦ୍ୟୋଗୀ କୃଷକ ଉତ୍ପାଦ ସଂଗଠନ ଓ ଜି.ଉଦୟଗିରି ବ୍ଲକ୍‌ର ଉନ୍ନତି କୃଷକ ଉତ୍ପାଦ ସଂଗଠନର ଏହି ବିକାଶକୁ ଅନୁଧ୍ୟାନ କରିବା ପାଇଁ ଆଜି ନାବାର୍ଡ଼ର ଏଜିଏମ୍ ଶ୍ରୀବତ୍ସ ଲାଂଛନ୍ ଦାସ ପରିଭ୍ରମଣ କରିବା ସହ ସଂଗଠନର ସଦସ୍ୟ ଓ କର୍ମକର୍ତାମାନଙ୍କ ସହ ଆଗାମୀ ଦିନର ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ ।

ବୁଧବାର,୧୦ ଜୁନ୍ ୨୦୨୦

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## କରୋନା ପାଇଁ ଅଟକିଥିବା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୯।୬ (ନି.ପ୍ର): କରୋନା ପାଇଁ ଅଟକିଥିବା ପାନୀୟଜଳ ପ୍ରକଳ୍ପ ଗୁଡିକର କାର୍ଯ୍ୟ ଆରମ୍ଭ କରିବାପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ପ୍ରତାପ ଜେନା ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ପାନୀୟଜଳ ପ୍ରକଳ୍ପ ସଂକ୍ରାନ୍ତରେ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଶ୍ରୀ ଜେନା ଆଜି ଏହି ନିର୍ଦ୍ଦେଶ ଦେବା ସହିତ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୨୦ହଜାର କୋଟି ଟଙ୍କା ଏ ବାବଦରେ ଖର୍ଚ୍ଚହେବ ବୋଲି ସୂଚନା ଦେଇଛନ୍ତି । ମଙ୍ଗଳବାର ଲୋକସେବା ଭବନ ଠାରେ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା ଅବସରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ୬୬ଟି ମେଗା ପ୍ରକଳ୍ପ ଓ ୬୦୦୦ ପାଇପ୍ ଯୋଗେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ତେବେ କରୋନା ଯୋଗୁଁ ପ୍ରାୟ ଅଢେଇ ମାସ ଧରି କାର୍ଯ୍ୟ ବନ୍ଦ ରହିଥିଲା । ପ୍ରତ୍ୟେକ ପରିବାର ନିକଟରେ ପାଇପ୍ ଯୋଗେ ପାନୀୟଜଳ ପହଂଚାଇବା ରାଜ୍ୟ ସରକାରଙ୍କର ମୁଖ୍ୟ ଲକ୍ଷ୍ୟ ଥିବାରୁ ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ ପାଇଁ ନିଷ୍ପତି ହୋଇଛି । କାର୍ଯ୍ୟକାରୀ ହେଉଥିବା ୬୬ଟି ମେଗା ପ୍ରକଳ୍ପ ଲାଗି ୧୩,୧୮୦କୋଟି ୯୬ଲକ୍ଷ ଟଙ୍କାର ବରାଦ ହୋଇଛି । ଏଥିପାଇଁ ଚତୁର୍ଥ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନ ସହିତ ଓମ୍ବାଡକ, ଆରଆଇଡିଏଫ୍, ଜେଜେଏମ୍, ବସୁଧା, ଜିଲ୍ଲା ଖଣିଜ ପାଣ୍ଠି ଆଦିରୁ ଅର୍ଥ ପ୍ରଦାନ କରାଯିବ । ତେବେ ସର୍ବାଧିକ ୧୯ଟି ପ୍ରକଳ୍ପ ଓମ୍ବାଡକ ମାଧ୍ୟମରେ ହେଉଥିବାବେଳେ ଏଥିପାଇଁ ୨୬୭୪କୋଟି ୭୬ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି । ସେହିଭଳି ବସୁଧା ଯୋଜନାରେ ୧୬ଟି ମେଗା ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବାବେଳେ ଏଥିପାଇଁ ୩୨୫୭କୋଟି ୬୧ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି । ଚତୁର୍ଥ ରାଜ୍ୟ ଅର୍ଥ କମିଶନଙ୍କ ପ୍ରଦତ ଅର୍ଥରେ ୭ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବାବେଳେ ଆରଆଇଡିଏଫ ଓ ଜେଜେଏମ୍ ମାଧ୍ୟମରେ ୮ଟି କରି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଜିଲ୍ଲା ଖଣିଜ ପାଣ୍ଠିର ୧୫୫୩ କୋଟି ୨ଲକ୍ଷ ଟଙ୍କା

▶▶ପୃଷ୍ଠା ୭

# ପରିଖି ପଞ୍ଚାୟତର ଦୁଃଖ ବାହାର୍ଦ୍ଦା ଲୁଣିନାଳ



ବାଲେଶ୍ୱର,୯।୬ (ନି.ପ୍ର):ଜୁନ୍ ମାସ ୧୪ ତାରିଖ ପୂର୍ବରୁ ଦୁର୍ବଳ ନଦୀବନ୍ଧ ମରାମତିଠାରୁ ଆରମ୍ଭ କରି ନୂଆବନ୍ଧ ନିର୍ମାଣ କିମ୍ବା ନଦୀନଳ ଖନନ ପାଇଁ ସରକାରଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶ ରହିଥିଲେ ବି ସଦର ବ୍ଲକର ପରିଖି ପଞ୍ଚାୟତବାସୀଙ୍କ ପାଇଁ ଏହି ନିୟମ ମୂଲ୍ୟହୀନ ବୋଲି ସାବ୍ୟସ୍ତ ହୋଇଛି । ପରିଖି ପଞ୍ଚାୟତର ବାହାର୍ଦ୍ଦା ଲୁଣିନାଳ ଦିନକୁ ଦିନ କାୟା ବିସ୍ତାର କରିବା ଫଳରେ ତା ଗର୍ଭରେ ଶହ ଶହ ଏକର ଚାଷଜମି ସମେତ ଏକାଧିକ ପରିବାରଙ୍କ ବାସଗୃହ ଲୀନ ହୋଇଗଲାଣି । ଏହା ପରେ ବି ନିରବଦ୍ରଷ୍ଟା ସାଜିଛି ଜିଲ୍ଲା ଡ୍ରେନ୍ଜ୍ ବିଭାଗ । ବାହାବଳପୁର ଅଞ୍ଚଳରୁ ବାହାରିଥିବା ଏହି ନାଳ ଗୋପୀନାଥପୁର ଓ ପରିଖି ପ୍ରଭୃତି ପଞ୍ଚାୟତ ଅତିକ୍ରମ କରି ବତିଶମାଣିଆଠାରେ ବୁଢ଼ାବଳଙ୍ଗ ନଦୀରେ ମିଶିଛି । ଚାଷଜମିରୁ ଉଦବୃତ ବର୍ଷାଜଳ ନିଷ୍କାସନ ପାଇଁ ଏହି ନାଳ ବେଶ ସହାୟକ ହେଉଥିବା ବେଳେ ଏବେ କିନ୍ତୁ ବିପଦ ସାଜିଛି ବୁଢ଼ାବଳଙ୍ଗ ନଦୀ ଜୁଆରରେ ଆସୁଥିବା ଲୁଣାପାଣି । ଜିଲ୍ଲାର ଅନ୍ୟାନ୍ୟ ଶାଖାନଦୀ ଓ ନାଳମାନଙ୍କ ଭଳି ସ୍ଲୁଇସ୍ ଗେଟ୍ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲେ ବି ଏଯାବତ୍ ତାହା ଶୀତଳ ଭଣ୍ଡାରରେ ପଡ଼ି ରହିଛି । ପ୍ରବଳ ଜୁଆରପାଣି ଆସିବା ଯୋଗୁଁ କୂଳ ଲଙ୍ଘିବା ସହ ଏହି ନାଳ ତା'ର ଗତିପଥ ବଦଳାଇ ଚାଲିଛି । ଏମିତିକି ବିଗତ ୨୦ ବର୍ଷ ମଧ୍ୟରେ ଏହି ନାଳର ପୂର୍ବସ୍ଥିତିରୁ ଦକ୍ଷିଣ ପାର୍ଶ୍ୱକୁ ୫୦ ମିଟର ବଢ଼ିବା ସହ ବହୁ ଚାଷଜମି ଓ ଗୃହ ଏହାର ଗର୍ଭରେ ଲୀନ ହୋଇ ଗଲାଣି । ଇତିମଧ୍ୟରେ ନଦୀକୂଳରେ ବସବାସ କରୁଥିବା ୨୦ରୁ ଉର୍ଦ୍ଧ୍ୱ ପରିବାର ଅନ୍ୟତ୍ର ସ୍ଥାନାନ୍ତର ହୋଇଗଲେଣି । ଅନ୍ୟ କେତେକ ପରିବାର ସର୍ବଦା ଅଶଙ୍କାରେ ଦିନ ବିତାଉଥିବା କହିଛନ୍ତି । ଏନେଇ ଉଚିତ ପ୍ରତିକାର ବ୍ୟବସ୍ଥା କରା ନଗଲେ ଆଗାମୀ ଦିନରେ ଏହି ନାଳର ଲୁଣାପାଣି ପରିଖି ଅଞ୍ଚଳର ଶହଶହ ଏକର ଚାଷଜମିକୁ ମାଡ଼ି ଯିବ ବୋଲି ଗ୍ରାମବାସୀମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଏନେଇ ପୂର୍ବରୁ ବହୁବାର ଜିଲ୍ଲା ପ୍ରଶାସନ ଓ ଲୋକପ୍ରତିନିଧିଙ୍କୁ ଅବଗତ କରାଯାଇଥିଲେ ବି କେବଳ ପ୍ରତିଶ୍ରୁତି ବ୍ୟତୀତ ଆଉ କିଛି ମିଳିନାହିଁ ବୋଲି ସେମାନେ କହିଛନ୍ତି । ତେବେ ଏ ସମ୍ପର୍କରେ ସଦର ବ୍ଲକ ଉପାଧ୍ୟକ୍ଷା ଓ ସ୍ଥାନୀୟ ସରପଞ୍ଚ କ୍ଷେତ୍ର ତଦନ୍ତ ସହ ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଆଗାମୀ ଦିନରେ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଉଚିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ତେବେ ଏଥିରୁ ସୁଫଳ ନ ମିଳିଲେ ପରବର୍ତ୍ତୀ ସମୟରେ ୩ ଗୋଟି ପଞ୍ଚାୟତର ଲୋକଙ୍କୁ ନେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଲୋକପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି ।

## ଏମଜିଏନଆରଇଜିଏସରେ ସର୍ବାଧିକ ୧,୦୫,୫୦୦ କୋଟି ଟଙ୍କା ଆବଂଟନ; ୩୧,୪୯୩ କୋଟି ଟଙ୍କାର ଅର୍ଥରାଶି ଜାରି

ନୂଆଦିଲ୍ଲୀ,୯।୬ (ନି.ପ୍ର): ଚଳିତ ଆର୍ଥିକ ବର୍ଷ ୨୦୨୦-୨୦୨୧ ସମୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଂଟି ଯୋଜନା (ମନରେଗା) ଅନ୍ତର୍ଗତ ୧,୦୧,୫୦୦ କୋଟି ଟଙ୍କା ଆବଂଟନ କରାଯାଇଛି । ଯାହାକି ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ବର୍ତ୍ତମାନସୁଦ୍ଧା ଆବଂଟିତ ଅର୍ଥରାଶି ମଧ୍ୟରେ ସର୍ବାଧିକ । ୨୦୨୦-୨୧ ଆର୍ଥିକ ବର୍ଷ କାଳରେ ୩୧,୪୯୩ କୋଟି ଟଙ୍କାର ଅର୍ଥରାଶି ପୂର୍ବରୁ ଜାରି କରାଯାଇସାରିଛି । ବର୍ତ୍ତମାନସୁଦ୍ଧା ୬୦.୮୦ କୋଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି ଏବଂ ୬.୬୯ କୋଟି ଲୋକଙ୍କୁ କାମ ଯୋଗାଇ ଦିଆଯାଇଛି । ମେ ୨୦୨୦ରେ ହାରାହାରି ୨.୫୧ କୋଟି ଲୋକଙ୍କୁ ପ୍ରତିଦିନ କାର୍ଯ୍ୟ ଦିଆଯାଇଛି, ଯାହାକି ଗତ ବର୍ଷ ମେ ମାସରେ ପ୍ରଦାନ କରାଯାଇଥିବା କାର୍ଯ୍ୟ ଠାରୁ ୭୩ ପ୍ରତିଶତ ଅଧିକ, ଯାହା ୧.୪୫ କୋଟି ଲୋକ ଦୈନିକ ଥିଲା । ୨୦୨୦-୨୦୨୧ ଆର୍ଥିକ ବର୍ଷ କାଳରେ ବର୍ତ୍ତମାନସୁଦ୍ଧା ମୋଟ ୧୦ ଲକ୍ଷ କାମ ଶେଷ ହୋଇଛି । ଜୀବିକାକୁ ପ୍ରୋତ୍ସାହନ ଦେବା ଲାଗି ଜଳ ସଂରକ୍ଷଣ ଓ ସେଚନ, ବୃକ୍ଷରୋପଣ, ଉଦ୍ୟାନକୃଷି ସହ ଜଡ଼ିତ କାର୍ଯ୍ୟ ଏବଂ ବ୍ୟକ୍ତିଗତ ଲାଭକାରୀ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି ।

## ବେଆଇନ୍ କରତ କଳ ଉପରେ ଚଢ଼ଉ: ଯନ୍ତ୍ରାଂଶ ଓ ମୂଲ୍ୟବାନ କାଠ ଜବତ୍



ବାଲେଶ୍ୱର,୯।୬ (ନି.ପ୍ର): ବାଲେଶ୍ୱର ଭିଜିଲାନ୍ସ ଫରେଷ୍ଟ ଉଇଙ୍ଗ୍ସ ଓ ବନ ବିଭାଗ ଚାନ୍ଦିପୁର ରେଞ୍ଜ ପକ୍ଷରୁ ଆଜି ଦୁଇଗୋଟି ବେଆଇନ୍ କରତକଳ ଉପରେ ଚଢ଼ଉ ସହ ଲକ୍ଷାଧିକ ଟଙ୍କାର କାଠ ଏବଂ ଯନ୍ତ୍ରାଂଶ ଜବତ୍ କରାଯାଇଛି । ସଦର ଥାନା ଅନ୍ତର୍ଗତ ସାରଗାଁ ଓ ଜୟଦେବକସବା ଅଞ୍ଚଳରେ ଏହି ଦୁଇ ବେଆଇନ୍ କରତକଳ ଦୀର୍ଘଦିନ ଧରି ଚାଲୁଥିବା ନେଇ ଖବର ପାଇବା ପରେ ଭିଜିଲାନ୍ସ ଓ ବନ ବିଭାଗ ଆଜି ଅତର୍କିତ ଚଢ଼ଉ କରିଥିଲା । ତେବେ ଏହି ଚଢ଼ଉ ସମ୍ପର୍କରେ ଖବର ପାଇ କରତକଳର ମାଲିକ ତଥା କର୍ମଚାରୀମାନେ ସେଠାରୁ ଖସି ପଳାଇ ଯାଇଥିବା ବେଳେ ଦୁଇ ବିଭାଗର କର୍ମଚାରୀ ଓ ଅଧିକାରୀମାନେ ବହୁ ମୂଲ୍ୟବାନ କାଠକଣ୍ଡି, ସୋଇଙ୍ଗ କାଠପଟା ଓ ଯନ୍ତ୍ରାଂଶଗୁଡ଼ିକୁ ଜବତ୍ କରିଛନ୍ତି । ଜବତ୍ କାଠ ଓ ଯନ୍ତ୍ରାଂଶର ମୂଲ୍ୟ ୭ ଲକ୍ଷ ଟଙ୍କା ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି ।

# ବିଭିନ୍ନ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା

ଭୁବନେଶ୍ୱର,୯।୬ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଲଗାତାର ଭାବେ ବଢି ଚାଲିଛି । ବର୍ତ୍ତମାନ ଏହି ସଂଖ୍ୟା ୩୧୪୦ ହୋଇଥିବା ବେଳେ ଗଂଜାମ ଜିଲ୍ଲାରେ ସର୍ବାଧିକ ଆକ୍ରାନ୍ତ ରହିଛନ୍ତି । ଗଂଜାମ ଜିଲ୍ଲାରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୪୯ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଯାଜପୁର ଜିଲ୍ଲାରେ ୩୨୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ୨୭୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଭାବେ ବାଲେଶ୍ୱର ଜିଲ୍ଲାରେ ୧୯୭, କେନ୍ଦ୍ରାପଡା ଜିଲ୍ଲାରେ ୧୬୯ ଓ କଟକ ଜିଲ୍ଲାରେ ୧୮୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଭଦ୍ରକ ଜିଲ୍ଲାରେ ୧୫୧, ବଲାଙ୍ଗୀର ଜିଲ୍ଲାରେ ୧୨୩ ଜଣ ତଥା ପୁରୀ ଜିଲ୍ଲାରେ ୧୦୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରେ ୯୭, ସୁନ୍ଦରଗଡ ଜିଲ୍ଲାରେ ୧୧୮ ଓ ନୟାଗଡ ଜିଲ୍ଲାରେ ୯୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରେ ୭୨ ଜଣ, ମୟୁରଭଂଜ ଜିଲ୍ଲାରେ ୭୯ ଜଣ ଓ ଗଜପତି ଜିଲ୍ଲାରେ ୬୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବିଭାଗ ପକ୍ଷରୁ କୁହା ଯାଇଛି ଯେ ବୌଦ୍ଧ ଜିଲ୍ଲାରେ ୩୪, ଢେଙ୍କାନାଳ ଜିଲ୍ଲାରେ ୩୯ ତଥା ଦେବଗଡ ଜିଲ୍ଲାରେ ୩୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାରେ ୪୫, ଅନୁଗୁଳ ଜିଲ୍ଲାରେ ୩୩ ଓ ସୋନପୁର ଜିଲ୍ଲାରେ ୨୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରେ ୩୭, କଳାହାଣ୍ଡି ଜିଲ୍ଲାରେ ୩୨ ତଥା ମାଲକାନଗିରି ଜିଲ୍ଲାରେ ୨୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁର ଜିଲ୍ଲାରେ ୧୭, ବରଗଡ ଜିଲ୍ଲାରେ ୧୬ ଓ କୋରାପୁଟ ଜିଲ୍ଲାରେ ୧୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଝାରସୁଗୁଡା ଜିଲ୍ଲାରେ ୮, ରାୟଗଡା ଜିଲ୍ଲାରେ ୩ ଓ ନବରଙ୍ଗପୁର ଜିଲ୍ଲାରେ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## ଓଡିଶା କ୍ୟାଡର ଆଇଏଏସ୍ ତୁହିନ୍ କାନ୍ତ ପାଣ୍ଡେଙ୍କୁ କରୋନା

ନୂଆଦିଲ୍ଲୀ/ଭୁବନେଶ୍ୱର,୯।୬ (ନି.ପ୍ର): ଓଡ଼ିଶା କ୍ୟାଡରର ଆଇଏଏସ୍ ଅଧିକାରୀ ତୁହିନ୍ କାନ୍ତ ପାଣ୍ଡେ କରୋନାରେ ଆକ୍ରାନ୍ତ ହୋଇଛନ୍ତି । ତାଙ୍କର ସ୍ୱାବ ଟେଷ୍ଟ ରିପୋର୍ଟ ପଜିଟିଭ ଆସିବା ପରେ ଏବେ ସେ ନିଜ ଘରେ ସଙ୍ଗରୋଧରେ ରହିଥିବା ନେଇ ସୂଚନା ମିଳିଛି ।ଶ୍ରୀ ପାଣ୍ଡେ ବର୍ତ୍ତମାନ କେନ୍ଦ୍ରୀୟ ଡେପୁଟେସନରେ ଥାଇ କେନ୍ଦ୍ର ପୁଞ୍ଜି ପ୍ରତ୍ୟାହାର ବିଭାଗର ସଚିବ ଦାୟିତ୍ୱରେ ରହିଛନ୍ତି । ସୂଚନା ଅନୁଯାୟୀ ଆଇଏଏସ୍ ଶ୍ରୀ ପାଣ୍ଡେଙ୍କ ଶରୀରରେ ସାମାନ୍ୟ ଜ୍ୱରର ଲକ୍ଷଣ ଦେଖାଯିବା ପରେ ସେ ନିଜର କୋଭିଡ-୧୯ ପରୀକ୍ଷା କରାଇଥିଲେ ।ସ୍ୱାବ ନମୁନା ରିପୋର୍ଟ ପଜିଟିଭ ଆସିବା ପରେ ଏବେ ସେ ନିଜକୁ ସଙ୍ଗରୋଧ କରିଛନ୍ତି । ଏହା ଜଣାପଡ଼ିବା ପରେ ବିନିଯୋଗ ଏବଂ ସର୍ବସାଧାରଣ ସମ୍ପତି ପରିଚାଳନା ବିଭାଗର ଯୁଗ୍ମ ସଚିବମାନେ ମଧ ନିଜକୁ ସଙ୍ଗରୋଧ କରିଥିବା ସୂଚନା ମିଳିଛି । ଏହା ସହ ନୂଆଦିଲ୍ଲୀର ସିଜିଓ କମ୍ପ୍ଲେକ୍ସରେ ଥିବା ବିଭିନ୍ନ ବିଭାଗକୁ ସାନିଟାଇଜ କରିବା ପାଇଁ ସିଲ୍ କରାଯାଇଛି । କରୋନା ଆକ୍ରାନ୍ତ ଥିବା ଜଣା ପଡିବା ପୂର୍ବରୁ ପାଣ୍ଡେ କାହା କାହା ସଂସ୍ପର୍ଶରେ ଆସିଥିଲେ ସେ ନେଇ ଅନୁସନ୍ଧାନ ଜାରି ରହିଛି । ଏହା ପୂର୍ବରୁ ବିଭାଗର ଅନ୍ୟ ଦୁଇ ଜଣ ଅଧିକାରୀ ମଧ କରୋନା ଆକ୍ରାନ୍ତ ହୋଇଥିଲେ ବୋଲି ଜଣାପଡିଛି ।

## ମୁମ୍ବାଇରେ ୧୮୭୧ ପୋଲିସ୍ କରୋନା ପଜିଟିଭ୍




ମୁମ୍ବାଇ,୯।୬ (ନି.ପ୍ର): ମୁମ୍ବାଇର ୧୮୭୧ ଜଣ ପୋଲିସ ଏପର୍ଯ୍ୟନ୍ତ କରୋନା ସଂକ୍ରମିତ ହୋଇଛନ୍ତି । ଏଥିମଧ୍ୟରୁ ୨୧ ଜଣ ପୋଲିସ କରୋନାରେ ମୃତ୍ୟୁ ବରଣ କରିଛନ୍ତି । ମୁମ୍ବାଇ ପୋଲିସର ମୁଖପାତ୍ରଙ୍କ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ସଂକ୍ରମିତ ୧୮୭୧ ପୋଲିସରେ ୨୫୯ ଅଧିକାରୀ ମଧ ରହିଛନ୍ତି । ଅପରପକ୍ଷରେ କରୋନାରୁ ୮୫୩ ଜଣ ପୋଲିସ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି । ସେଥିମଧ୍ୟରୁ ୨୧୯ ଜଣ ପୋଲିସ ଡ୍ୟୁଟିରେ ଯୋଗ ଦେଇଛନ୍ତି । ସେହିଭଳି ମୁମ୍ବାଇ ପୋଲିସ ସହ କାର୍ଯ୍ୟ କରୁଥିବା ଷ୍ଟେଟ ରିଜର୍ଭ ପୋଲିସ ଫୋର୍ସ ର ୮୨ ଯବାନ୍ କରୋନା ସଂକ୍ରମିତ ହୋଇଛନ୍ତି । ଏଥିମଧ୍ୟରେ ପାଂଚ ଜଣ ଅଧିକାରୀ ଅଛନ୍ତି । ମୁମ୍ବାଇ ପୋଲିସର ମୁଖପାତ୍ର କହିଛନ୍ତି ଯେ ୫୫ ବର୍ଷରୁ ଅଧିକ ବୟସର ପୋଲିସ କର୍ମଚାରୀଙ୍କୁ ଘରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ୫୦ ରୁ ୫୫ ବର୍ଷ ପର୍ଯ୍ୟନ୍ତ ପୋଲିସ କର୍ମଚାରୀଙ୍କୁ କେବଳ ପୋଲିସ ଷ୍ଟେସନରେ ଡ୍ୟୁଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ତେଜୁଛି ଋଣ ଛାଡ ଆନ୍ଦୋଳନ : ସ୍ୱୟଂସହାୟିକା ଗୋଷ୍ଠି ପକ୍ଷରୁ ବିକ୍ଷୋଭ




ଜଳେଶ୍ୱର,୯।୬(ନିପ୍ର) : ପୂର୍ବ ସୂଚନା ଅନୁଯାୟୀ ଆଜି ମଙ୍ଗଳବାର ସ୍ୱୟଂ ସହାୟିକା ଗୋଷ୍ଠି ମାନଙ୍କ ପକ୍ଷରୁ ୩ ଦଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ମାଇକ୍ରୋ ଫାଇନାନ୍ସ ଓ କେତେକ ବ୍ୟାଙ୍କ ମାନଙ୍କ ମଧ୍ୟରୁ ଏସ୍ଏଚ୍‌ଜି ଗ୍ରୁପ ଉପରେ ବାରମ୍ବାର ଜୁଲମ୍ କରିବା, ଋଣ ଆଦାୟ ଲାଗି ଧମକ୍ ଦେବା, ଲକ୍‌ଡାଉନ୍ ଆଇନ୍‌କୁ ପଛରେ ପକାଇ ଘରକୁ ଆସି ଜିନିଷ ପତ୍ର ନେଇଯିବାର ଜୁଲୁମ୍ ବନ୍ଦ କରିବାକୁ ସ୍ୱୟଂ ସହାୟିକ ଗୋଷ୍ଠି ମହାସଂଘ ପକ୍ଷରୁ ଦାବି ହୋଇଛି । ସମସ୍ତ ଗୋଷ୍ଠୀ ଋଣ ଛାଡ କରିବା, ଯୋଗ୍ୟ ହିତାଧିକାରୀ ଚୟନ କରି ରେସନ୍‌କାର୍ଡ ଯୋଗାଇବା, ଜଳେଶ୍ୱର ପୌରପରିଷଦକୁ ମିଶନ ଶକ୍ତିର ସୁବିଧା ଯୋଗାଇବା ଦାବିରେ ଶତାଧିକ ମହିଳା ବ୍ଲକ ସମ୍ମୁଖରେ ବିକ୍ଷୋଭ କରିଥିଲେ । କରୋନାର ଭୟାବହତା ଏବଂ ସଟ୍ ଡାଉନ୍ ଓ ଲକ୍‌ଡାଉନ୍ ଯୋଗୁଁ ଲୋକଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇ ପଡିଥିବା ବେଳେ ମାଇକ୍ରୋ ଫାଇନାନ୍ସର ଜୁଲୁମ୍ ବେଡି ଉପରେ କରଡା ସଦୃଶ ହୋଇଛି । ବହୁ ସ୍ୱୟଂ ସହାୟକ ଗୋଷ୍ଠି ସେମାନଙ୍କ ଉତ୍ପାଦିତ ଜିନିଷକୁ ବିକ୍ରି କରିନପାରିବା, ମାଇକ୍ରୋ ଫାଇନାନ୍ସର ଜୁଲୁମ୍ ବିରୋଧରେ ସେମାନେ ଆଜି ସ୍ୱର ଉତ୍ତୋଳନ କରିଛନ୍ତି । ପୁରୁଷମାନେ ଶ୍ରମିକଭାବେ ଅନ୍ୟ ରାଜ୍ୟକୁ କାମ କରିବାକୁ ଯାଇଥିବା ବେଳେ ସେମାନେ ଏବେ ଶୂନ୍ୟହସ୍ତରେ ଗାଁକୁ ଫେରିଛନ୍ତି । ଏ ପରିପ୍ରେକ୍ଷିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ପରିଶୋଧ କରିବା ସମ୍ଭବ ନୁହେଁ ବୋଲି କହିଛନ୍ତି । ବ୍ୟାଙ୍କ ପକ୍ଷରୁ ଦିଆଯାଇଥିବା ଋଣ ସାମ୍ପ୍ରତିକ ପରିସ୍ଥିତିରେ ସୁଧ ନ ନେବା ଓ ଋଣର କିସ୍ତି ଆଦାୟ ବନ୍ଦ ରଖିବାକୁ କେନ୍ଦ୍ର ସରକାର ଘୋଷଣା କରିଥିବା ବେଳେ ଏହାକୁ ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ସେମାନେ ଦାବି ଜଣାଇଛନ୍ତି । ସ୍ୱୟଂ ସହାୟିକା ଗୋଷ୍ଠି ମହାସଂଘ ପକ୍ଷରୁ ରାଧାରଣୀ ପାତ୍ର, ମାଳତୀ ଦତ୍ତ, ମାଧବି ଧଳ, ମମତା ଚୌଧୁରୀ, ବାସନ୍ତି ପାଲ, ଲିପିକା କଟାଲ, ସରୋଜିନୀ ରାୟ, କାକଳୀ ଦତ୍ତ, ସୁଷମା ଦେ, ରେବତୀ ପାତ୍ର, ରୁପ୍‌ସାନା ବିବି, ନଜିମା ବିବି, ସାବାନା ବିବି, ବୁଧୁନୀ ସିଂ, ମଂଜୁ ନାୟକ, ଜମୁନା ଜେନା, ରାଇମା ଖାତୁନ୍ ଛବି ଦେହୁରୀ ପ୍ରମୁଖଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି । ଏହି ଆନ୍ଦୋଳନକୁ କମଳ ଚକ୍ରବର୍ତ୍ତୀ, ମନୋରଂଜନ ଦାସ, ଆଶିଷ କୁମାର ଗିରି, ଚନ୍ଦ୍ରମୋହନ ରାଉଳ, ଜଗଦୀଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ । ସେହିପରି ଅଖିଳ ଭାରତ ଗଣତାନ୍ତ୍ରୀକ ମହିଳା ଆସୋସିଏସନ୍ ପକ୍ଷରୁ ରାଜ୍ୟ ନେତ୍ରୀ ତାପସୀ ପ୍ରହରାଜ, ମମୀ ପଣ୍ଡା, ଆରତୀ ପଲାଇ, ଆସ୍ମିନା ବିବି, ବାସନ୍ତୀ ଜେନା ପ୍ରମୁଖ ବିଡିଓଙ୍କୁ ଅନ୍ୟଏକ ଦାବିପତ୍ର ଦେଇଛନ୍ତି । ଘଟଣା ସ୍ଥଳରେ ଦୁଇପକ୍ଷ ମଧ୍ୟରେ ବାଦାନୁ ବାଦ ମଧ୍ୟ ସୃଷ୍ଟି ହୋଇଥିଲା । ଶତାଧିକ ମହିଳା ବ୍ଲକ ଫାଟକ ସମ୍ମୁଖରେ ସାମ୍ପ୍ରତିକ ପରିସ୍ଥିତିରେ ସାମାଜିକ ଦୂରତା ବଜାଇ ରଖିନଥିବାରୁ ବିଡିଓ ଜଳେଶ୍ୱର ପୁଲିସ୍‌ର ସହାୟତା ନେଇଥିଲେ ।

## ପରୀକ୍ଷା ବାତିଲ କରିବା ନେଇ ଧାରଣାରେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୦୯ ଜୁନ - ମଙ୍ଗଳବାର ଦିନ ବିଜେବି ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନେ ପରୀକ୍ଷା ବାତିଲ କରାଯାଉ ବୋଲି ଦାବି କରିଛନ୍ତି । ଏପରି ନ ହେଲେ ଲେ ବିକଳ୍ପ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି । ବର୍ତ୍ତମାନ ସ୍ଥିତିରେ ସରକାର ନିଜେ ଏହି ଦୁଇ ମାସ ଗୁରୁତ୍ୱପୂର୍ଣ୍ଣ କହୁଥିବାବେଳେ ଜୁଲାଇ ଦ୍ୱିତୀୟ ସପ୍ତାହରେ କିଭଳି ପରୀକ୍ଷା କରିବେ ସେ ନେଇ ପ୍ରଶ୍ନ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ସମସ୍ତ ବିଶ୍ୱବିଦ୍ୟାଳୟରେ ଜୁଲାଇ ୭ ତାରିଖରୁ ପରୀକ୍ଷା ଆରମ୍ଭ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଛାତ୍ର ଆନ୍ଦୋଳନ ଆରମ୍ଭ ହୋଇଛି । ସେଥିପାଇଁ ଉଚ୍ଚଶିକ୍ଷା ବିଭାଗ ପରୀକ୍ଷା ବାତିଲ କରିବାକୁ ଦାବି ହୋଇଛି ।

## ସହାୟତା ଆଶାରେ ଦୟନୀୟ ଅଟୋରିକ୍ସା ଚାଳକ



ବାଲେଶ୍ୱର,୯।୬ (ନି.ପ୍ର): କରୋନା ଜନିତ ଦୀର୍ଘଦିନର ଲକ୍ ଡାଉନ୍ ଯୋଗୁଁ ଜୀବିକା ହରାଇ ଦୟନୀୟ ସ୍ଥିତିରେ ଜୀବନ ବିତାଉଥିବା ଆଟୋରିକ୍ସା ଚାଳକଙ୍କୁ ପ୍ରତିଶ୍ରୁତି ପରେ ବି ସରକାରୀ ସହାୟତା ନ ମିଳିବାକୁ ନେଇ ବାଲେଶ୍ୱରର ଅଟୋରିକ୍ସା କୋର୍ଡ଼ିନେସନ କମିଟି ଆଜି ଜିଲ୍ଲାପାଳଙ୍କଠାରେ ଆପତ୍ତି କରିଛି । କମିଟିର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ବାଲେଶ୍ୱରର ଅଟୋରିକ୍ସା ଚାଳକମାନେ ଦୈନନ୍ଦିନ ଜୀବନରେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ । ବିଶେଷ କରି ଲକ୍ ଡାଉନ୍ ସମୟରେ ଦୀର୍ଘ ୭୦ ଦିନ ଧରି ଘରେ ବସି ରହିବା ଯୋଗୁଁ ସେମାନଙ୍କ ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ଅନ୍ୟପକ୍ଷରେ ଅନ୍‌ଲକ୍ ଘୋଷଣା ସାଙ୍ଗକୁ ଅଟୋରିକ୍ସା ଚାଳନା ଉପରେ ରକାରଙ୍କ ସାମାଜିକ କଟକଣା ସେମାନଙ୍କ ପାଇଁ ଅନ୍ୟଏକ ସମସ୍ୟା ହୋଇଛି । ଦିନ ତମାମ ଅଟୋରିକ୍ସା ଚଳାଇଲେ ବି ସେମାନଙ୍କୁ ସାଧାରଣ ଶ୍ରମିକର ମଜୁରି ଅର୍ଥ ଆସୁନଥିବା କମିଟିର କର୍ମକର୍ତ୍ତାମାନେ କହିଛନ୍ତି । ଅନ୍ୟପକ୍ଷରେ ଋଣକରି ଆଣିଥିବା ଅଟୋରିକ୍ସାର କିସ୍ତି ପାଇଁ ବ୍ୟାଙ୍କମାନଙ୍କ ପକ୍ଷରୁ ଚାପ ପଡୁଛି । ଏଭଳି ସ୍ଥିତିରେ ସେମାନଙ୍କ ଜୀବନ ଦୁର୍ବିସହ ହୋଇ ପଡ଼ିଛି । ସରକାରୀ ସହାୟତା ପ୍ରଦାନ ଦାବିରେ ପୂର୍ବରୁ ଦୁଇଥର ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଥିଲେ ଓ ଖୁବଶୀଘ୍ର ସହାୟତା ପ୍ରଦାନ ନେଇ ସେ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଇତିମଧ୍ୟରେ ଦୀର୍ଘଦିନ ବିତି ଯାଇଥିଲେ ବି ସରକାରୀ ସହାୟତା ପ୍ରଦାନ ବାବଦରେ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରା ନଯିବା ଦୁଃଖର ବିଷୟ ବୋଲି କୋର୍ଡ଼ିନେସନ କମିଟି କର୍ମକର୍ତ୍ତାମାନେ କହିଛନ୍ତି । ପ୍ରତିଶ୍ରୁତି ଅନୁସାରେ ତୁରନ୍ତ ସେମାନଙ୍କୁ ସରକାରୀ ସହାୟତା ନ ମିଳିଲେ ଆଗାମୀ ଦିନରେ ବାଲେଶ୍ୱରର ଅଟୋରିକ୍ସା ଚାଳକମାନେ ଧାରଣାରେ ବସିବେ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ କମିଟି ପକ୍ଷରୁ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।

## ଭୁବନେଶ୍ୱରର ୬୭ଟି ୱାର୍ଡରେ କୋଭିଡ୍ ସଚେତନ କମିଟି ଗଠିତ

ଭୁବନେଶ୍ୱର,୯।୬ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୬୭ଟି ୱାର୍ଡରେ କୋଭିଡ୍ ସଚେତନ କମିଟି ଗଠନ କରାଯାଇଛି । ୧୫୯୬ ଜଣ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟଙ୍କୁ କୋଭିଡ୍ ସଚେତକ ଆଖ୍ୟା ଦିଆଯାଇଛି ଏବଂ ଏହି କମିଟିର ଅନ୍ତର୍ଭୁକ୍ତ କରାଯାଇଛି । ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କ ମଧ୍ୟରୁ ୩୩୮ ଜଣଙ୍କୁ ମେଂଟର ଭାବେ ଚୟନ କରାଯାଇଛି, ଯେଉଁମାନେ କି ଏହି ସଚେତକମାନଙ୍କୁ ସବୁପ୍ରକାର ସହାୟତା ଦେଉଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo